

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୧୯ ଫେବୃଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 19 February 2026

Vol.No. 36 ■ No.47 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି

ସାଗରିକା

(ନୂଆବର୍ଷ ସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net


## ଇରାନ-ଆମେରିକା ଆଲୋଚନା ବିଫଳ: ଟ୍ରମ୍ପଙ୍କ ସର୍ତ୍ତକୁ ପ୍ରତ୍ୟାଖ୍ୟାନ



ନୂଆଦିଲ୍ଲୀ,୧୮/୨ : ଇରାନ କହିଛି, ତେହେରାନର ପରମାଣୁ କାର୍ଯ୍ୟକ୍ରମ ବିବାଦର ସମାଧାନ ପାଇଁ ଆମେରିକା ସହିତ ପ୍ରମୁଖ ପଥଦର୍ଶକ ନୀତି ଉପରେ ଏକ ଚୁକ୍ତିରେ ଆମେ ପହଞ୍ଚିଛୁ। କିନ୍ତୁ ଯୁଦ୍ଧର ଆଶଙ୍କା ଏବେ ବି ରହିଛି। ଜଣେ ଇସ୍ରାଏଲୀ ଅଧିକାରୀ ଦାବି କରିଛନ୍ତି ଯେ, ଆମେରିକା ଇସ୍ରାଏଲକୁ ଜଣାଇ ଦେଇଛି ଆଲୋଚନାର କୌଣସି ଲାଭ ନାହିଁ ।ଜେନେଭାରେ ପରୋକ୍ଷ ଆଲୋଚନା ପରେ ଆମେରିକା କହିଛି, ଅଗ୍ରଗତି ହୋଇଛି। ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି କହିଛନ୍ତି, ଏବେ ବି ବହୁ କାମ କରିବାକୁ ବାକି ଅଛି। ଏହି ସମୟରେ, ଆମେରିକା ମଧ୍ୟପ୍ରାଚ୍ୟରେ ନିଜର ସାମରିକ ଉପସ୍ଥିତିକୁ ଆହୁରି ବୃଦ୍ଧି କରିଛି । ମଧ୍ୟସ୍ଥି ସାଜିଥିବା ଓମାନର ବୈଦେଶିକ ମନ୍ତ୍ରୀ ବଦର ଆଲବୁସାଇଦି କହିଛନ୍ତି, ସାଧାରଣ ଲକ୍ଷ୍ୟ ଓ ପ୍ରମୁଖ ବୈଷୟିକ ସମସ୍ୟାଗୁଡ଼ିକୁ ଚିହ୍ନଟ କରିବାରେ ଭଲ ଅଗ୍ରଗତି ସହିତ ଆଲୋଚନା ଶେଷ ହୋଇଛି ।ତେବେ ଜଣେ ଇସ୍ରାଏଲୀ ଅଧିକାରୀଙ୍କ ସାମ୍ପ୍ରତିକ ଦାବି ଆଲୋଚନା ବିଫଳ ହେବାର ସମ୍ଭାବନାକୁ ବୃଦ୍ଧି କରିଛି । ଅଧିକାରୀ ଜଣକ ଦାବି କରିଛନ୍ତି ଯେ, ଆମେରିକା ପକ୍ଷରୁ ଇସ୍ରାଏଲକୁ ଜଣାଇ ଦିଆଯାଇଛି, ଇରାନ ସହିତ ଆଲୋଚନା ଅର୍ଥହୀନ ଏବଂ ଯୁଦ୍ଧ ହିଁ ଏକମାତ୍ର ବିକଳ୍ପ। ଇରାନ ଓ ଆମେରିକା ମଧ୍ୟରେ ଜେନେଭାରେ ଯାହା ଘଟିଥିଲା ତାହା କେବଳ ସେମାନଙ୍କ ସର୍ତ୍ତାବଳୀ ସହିତ କାଗଜ ଆଦାନପ୍ରଦାନ ଥିଲା କେଉଁଣସର ଠୋସ୍ ଅଗ୍ରଗତି ହୋଇନଥିଲା ବୋଲି ଅଧିକାରୀ ଜଣକ କହିଛନ୍ତି । ସେ ଏହା ମଧ କହିଛନ୍ତି ଯେ, ଆମେରିକାର କୌଣସି କଥା ଶୁଣିବାକୁ ଇରାନ ପ୍ରସ୍ତୁତ ନୁହେଁ। ଇରାନ ରାଷ୍ଟ୍ରପତି ଟ୍ରମ୍ପଙ୍କ ସର୍ତ୍ତ ଗ୍ରହଣ କରିବାକୁ ମନା କରିଦେଇଛି । ଗତ ମାସରେ ହୋଇଥିବା ପ୍ରତିବାଦ ସମୟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଉପରେ ଆକ୍ରମଣ କରିବାକୁ ବାରମ୍ବାର ଧମକ ଦେଇଛନ୍ତି। ଆମେରିକା ଇରାନକୁ ନିଜର ପରମାଣୁ କାର୍ଯ୍ୟକ୍ରମ ପରିତ୍ୟାଗ କରିବାକୁ ନଚେତ୍ ଭୟଙ୍କର ପରିଣାମ ଭୋଗିବାକୁ ବାରମ୍ବାର ଚେତାବନୀ ଦେଇଛି। ଆଲୋଚନା ପାଇଁ ଇରାନ ଅନେକ ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ ରଖିଛି। ଇରାନ କହିଛି, ଆମେରିକାର କଟକଣା ପ୍ରତ୍ୟାହାର ହେଲେ ହିଁ ଆମେ ପରମାଣୁ କାର୍ଯ୍ୟକ୍ରମକୁ ସୀମିତ କରିବୁ ।

### କଟକ ସହରରେ କାୟା ବିସ୍ତାର କଲାଣି ଜଣ୍ଡିସ : ଭୟ ଆତଙ୍କରେ ଅଞ୍ଚଳବାସୀ

କଟକ, ୧୮/୨ (ନି.ପ୍ର): କଟକ ସହରରେ କାୟା ବିସ୍ତାର କଲାଣି ଜଣ୍ଡିସ । ଏ ୱାର୍ଡରୁ ସେ ୱାର୍ଡ ବ୍ୟାପି ଚାଲିଛି କାମଳ ରୋଗ । ଗତକାଲି ମେୟର, କମିସନର ସ୍ଥିତି ଯାଞ୍ଚ କରିଥିବା ବେଳେ ଆଜି ଘଟଣାସ୍ଥଳରେ ପହଞ୍ଚିଚନ୍ତି ୱାଟ୍‌କୋ ଅଧିକାରୀ, ଜଳସାଥି ଏବଂ ସିଏମ୍‌ସିର ଅଧିକାରୀ । କଟକ ମହାନଗର ନିଗମର ୧୦ ଏବଂ ୧୨ ନମ୍ବର ୱାର୍ଡ ଏବେ ଜଣ୍ଡିସ କବଜାରେ। ମାନସିଂହପାଟଣା, ମସ୍ତରା ମଠ ଗଳି ଓ କାଫଲା ବଜାରରେ ବ୍ୟାପୁଛି ଜଣ୍ଡିସ୍ । ହେଲେ ଏହାର କାରଣ ଏଯାଏଁ ଜଣାପଡ଼ିନାହିଁ । ଅନ୍ଧାରରେ ବାଡ଼ି ବୁଲାଇବା ଭଳି କୂଅ ଏବଂ ଡ୍ରିଙ୍କିଆ କଳର ଦୂଷିତ ପାଣିରୁ ଏଭଳି ଜଣ୍ଡିସ ବ୍ୟାପୁଛି ବୋଲି ସଫେଇ ଦେଉଛନ୍ତି ଅଧିକାରୀ । ଏପଟେ ସ୍ଥାନୀୟ ବାସିନ୍ଦାଙ୍କ କହିବା କଥା, ଗତ ଦୁଇ ମାସ ହେଲା କାଁ ଭାଁ ଜଣ୍ଡିସ ଦେଖାଦେଇଥିଲା । ସେତେବେଳେ ଅଭିଯୋଗ ପରେ ବି କାହାରି ନିଘା ନଥିଲା। ଏବେ ନେଡ଼ିଗୁଡ଼ କହୁଣୀକୁ ବୋହିଗଲା ପରେ ତତ୍ପର ଦେଖାଉଛନ୍ତି ଅଧିକାରୀ । ଦୂଷିତ ପାନୀୟ ଜଳ ପିଇ ୨୦ରୁ ଅଧିକ ଲୋକ କାମଳ ରୋଗରେ ଆକ୍ରାନ୍ତ ହେଲେଣି। ଡ୍ରେନ୍ ଭିତର ଦେଇ ଯାଇଥିବା ପାଣି ପାଇପରେ ଫାଟ ଯୋଗୁଁ ପିଇବା ପାଣି ପ୍ରଦୂଷିତ ହେଉଥିବା ଅଭିଯୋଗ ହୋଇଛି । ଏପଟେ ପ୍ରଭାବିତ ଅଞ୍ଚଳରେ ନିୟମିତ ରକ୍ତ ନମୁନା ସଂଗ୍ରହ ପ୍ରକ୍ରିୟା ଚାଲିଛି।

### କଟକରେ ଫୁଟିଲା ଗୁଳି: ଯୁବକ ମୃତ



କଟକ, ୧୮/୨ (ନି.ପ୍ର): କଟକରେ ଫୁଟିଲା ଗୁଳି। ଗଡ଼ିଲା ମୁଣ୍ଡ। ମୃତ ଯୁବକଙ୍କ ନାଁ ସୌମ୍ୟ ରଞ୍ଜନ ଜେନା (ରିଙ୍କୁ)। କଟକର ମଧୁପାଟଣା ଥାନା ନୂଆପଡ଼ା ପ୍ରେସ୍ କଲୋନୀରେ ଘଟିଛି ଏହି ଘଟଣା। ସୂଚନା ଅନୁଯାୟୀ, ସୌମ୍ୟ ଓ ଅନ୍ୟ କିଛି ଯୁବକ ଭୋଜି କରୁଥିଲେ। ସେଠାରେ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ତା' ମଧ୍ୟରେ କେହି ଜଣେ ଯୁବକ ତାଙ୍କୁ ଗୁଳି କରି ଦେଇଥିଲେ। ଗୁଳିଟି ତାଙ୍କ ଛାତିରେ ବାଜିଥିଲା। ତାଙ୍କୁ କଟକ ବଡ଼ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରାଯାଇଥିଲା। କିଏ ଓ କାହିଁକି ତାଙ୍କୁ ଗୁଳି କରି ଦେଲେ, ତାହା ଜଣାପଡ଼ିନି। ଏହା ବି କୁହାଯାଉଛି, କ୍ରିକେଟ୍ ଖେଳକୁ ନେଇ ଏହି ଅଘଟଣ ଘଟି ଥାଇପାରେ। ଡାକ୍ତରଖାନାରେ ପୁଲିସ୍ ଅଧିକାରୀମାନେ ଉପସ୍ଥିତ ଅଛନ୍ତି। ନିଜେ ଡିସିପି ପଚରାଉଚରା କରୁଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ ପୁଲିସର ପ୍ରତିକ୍ରିୟା ମିଳିପାରିନାହିଁ। ପୁଲିସର ଏକ ଟିମ୍ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ଯାଞ୍ଚ କରୁଛନ୍ତି। ସୌମ୍ୟଙ୍କ ମୃତଦେହ ଦେଖିଥିବା ଜଣେ ବ୍ୟକ୍ତି କହିଛନ୍ତି ଯେ ଗୁଳି ମାରିବା ପୂର୍ବରୁ ତାଙ୍କ ସହିତ ମାରପିଟ ହୋଇଥିବା ଜଣାପଡୁଛି।

◆◆ପୃଷ୍ଠା ୭

### ୪୨ ହଜାର ଅଫିମ ଗଛ ନଷ୍ଟ କଲା ପୁଲିସ୍ ଓ ଅବକାରୀ ବିଭାଗର ମିଳିତ ଟିମ୍

ସୁନ୍ଦରଗଡ଼, ୧୮/୨ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲା ଗୁରୁଣ୍ଡିଆ ଥାନା ପଙ୍କଡ଼ିହି ପଞ୍ଚାୟତର ଜଡ଼ାରେ ବୁଧବାର ଗୁରୁଣ୍ଡିଆ ପୁଲିସ ଓ ରାଉରକେଲା ଅବକାରୀ ଜିଲ୍ଲା ବିଭାଗ ତରଫରୁ ମିଳିତ ଚଢ଼ାଉ କରାଯାଇ ପ୍ରାୟ ୩ ଏକ ଜମିରେ ଲାଗିଥିବା ଅଫିମ ଗଛଗୁଡ଼ିକୁ ନଷ୍ଟ କରି ଦିଆଯାଇଛି। ସେଗୁଡ଼ିକୁ କାଟିବା ପରେ ନିଆଁ ଲଗାଇ ଦିଆଯାଇଥିଲା। ଏନେଇ ଜାରି କରାଯାଇଥିବା ପ୍ରେସ୍ ରିଲିଜ୍‌ରେ ଉଲ୍ଲେଖ କରାଯାଇଛି ଯେ ଆଜିର ଚଢ଼ାଉ ବେଳେ ପ୍ରାୟ ୩ ଏକର ଜମିରେ ଲାଗିଥିବା ୪୨ ହଜାର ଅଫିମ ଗଛକୁ ନଷ୍ଟ କରାଯାଇଛି। ଏହାର ମୋଟ ମୂଲ୍ୟ ପ୍ରାୟ ୪୨ ଲକ୍ଷ ଟଙ୍କା ହେବ। ଗୁରୁଣ୍ଡିଆ ଅତିରିକ୍ତ ତହସିଲଦାର, ଗୁରୁଣ୍ଡିଆ, କେବଲାଙ୍ଗ, ମହୁଲିପଡ଼ା, ଚଣ୍ଡିପୋଷି, ଟିକାୟତପାଲିର ଥାନା ଆଇଆଇସି ଓ ଅନ୍ୟ କର୍ମଚାରୀ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

### ଖାଲିଥିବା ପଦବି ପୂରଣ ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଓ ପରାମର୍ଶ

ଭୁବନେଶ୍ୱର, ୧୮/୨ (ନି.ପ୍ର): ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଆଜି ସଚିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିକଶିତ ଓଡ଼ିଶା ୨୦୩୬ ଓ ୨୦୪୭ ଲକ୍ଷ୍ୟ ରଖି ପ୍ରସ୍ତୁତି ହୋଇଥିବା ୨ ବର୍ଷିଆ ଆକ୍ସନ ପ୍ଲାନର କାର୍ଯ୍ୟକାରିତା ନେଇ ନିୟମିତ ସମୀକ୍ଷା ଓ ଏ ନେଇ ନିର୍ଦ୍ଧାରିତ ପ୍ରମୁଖ ପ୍ରଦର୍ଶନ ସୂଚକାଙ୍କ (କେପିଆଇ) କୁ ସରଳୀକରଣ କରି କାର୍ଯ୍ୟ ଅଗ୍ରଗତି କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶିତ ୧୫ ବିନ୍ଦୁ କାର୍ଯ୍ୟସୂଚୀ ମଧ୍ୟରେ ଭିଜନ ଡକ୍ୟୁମେଣ୍ଟ ଲକ୍ଷ୍ୟ କାର୍ଯ୍ୟକାରୀ କରିବା ଅନ୍ୟତମ ପ୍ରାଥମିକତା ରହିଥିବାରୁ ଓଡ଼ିଶାର ଦୀର୍ଘମିଆଦୀ ଲକ୍ଷ୍ୟ ହାସଲ ପାଇଁ ଏଥିପ୍ରତି ସମସ୍ତ ବିଭାଗମାନେ ଗୁରୁତ୍ୱ ଦେବା ଓ ନିୟମିତ ସମୀକ୍ଷା ସଂପର୍କରେ ମୁଖ୍ୟ ସଚିବ ଆଲୋଚନା କରି ପରାମର୍ଶ ଦେଇଥିଲେ।

## ଆଜିଠୁ ଦଶମ ବୋର୍ଡ ପରୀକ୍ଷା: ସାଢ଼େ ପାଞ୍ଚ ଲକ୍ଷ ପିଲା ଦେବେ ପରୀକ୍ଷା



ଭୁବନେଶ୍ୱର, ୧୭/୨ (ନି.ପ୍ର): ବର୍ଷ ଯାକ କେତେ ପାଠ ପଢ଼ିଲ, ଏବେ ପରୀକ୍ଷାର ବେଳ । ସିବିଏସଇ ଦ୍ୱାଦଶ, ଦଶମ ପରୀକ୍ଷା ଚାଲିଥିବାବେଳେ ଆଜିଠୁ ଆରମ୍ଭ ହୋଇଛି ସିଏଚଏସଇ +୨ ପରୀକ୍ଷା । କାଲିଠୁ ଆରମ୍ଭ ହେବ ଓଡ଼ିଶା ବୋର୍ଡ ଅଧିନରେ ହେବାକୁ ଥିବା ମାଟ୍ରିକ ପରୀକ୍ଷା । ସ୍ୱଚ୍ଛତାର ସହ ପରୀକ୍ଷା ସାରିବା ସରକାରଙ୍କ ପାଇଁ ଆହ୍ୱାନ । ଛାତ୍ର ଜୀବନର ସବୁଠାରୁ ବଡ଼ ପରୀକ୍ଷାର ବେଳ । ମଙ୍ଗଳବାରଠାରୁ ସିବିଏସଇ ଓ ଆଜିଠାରୁ ସିଏଚ୍‌ଏସଇ ପରୀକ୍ଷା ଆରମ୍ଭ ହୋଇଥିବାବେଳେ କାଲିଠୁ ଓଡ଼ିଶା ମାଟ୍ରିକ ବୋର୍ଡ ପରୀକ୍ଷା ହେବ । ଛାତ୍ରଛାତ୍ରୀ ଓ ଅବଭାବକଙ୍କ ମଧ୍ୟରେ ପରୀକ୍ଷାକୁ ନେଇ ଲାଗି ରହିଛି ଉତ୍କଣ୍ଠା । ଚଳିତ ବର୍ଷ ରାଜ୍ୟର ୫ଲକ୍ଷ ୬୧ ହଜାର ୯୭୯ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ୩୦୮୨ କେନ୍ଦ୍ରରେ ହେବ ପରୀକ୍ଷା । ସକାଳ ୯ଟାରୁ ଆରମ୍ଭ ହେବ ପରୀକ୍ଷା । ପରୀକ୍ଷାକୁ ଶୃଙ୍ଖଳିତ ଭାବେ ସାରିବା ବଡ ଆହ୍ୱାନ ହୋଇଥିବାରୁ ସରକାରଙ୍କ ପକ୍ଷରୁ ଏଥର ସ୍ୱତନ୍ତ୍ର ବ୍ୟବସ୍ଥା କରଯାଇଛି । ନୋଡ଼ାଲ ସେଣ୍ଟର ସହ ପରୀକ୍ଷା କେନ୍ଦ୍ରଗୁଡ଼ିକ ଉଉଞ୍ଚଠ ସର୍ଭେଲାନ୍ସରେ ରଖାଯାଇଛି ।

◆◆ପୃଷ୍ଠା ୭

## ରାଜ୍ୟସଭା ନିର୍ବାଚନ ପାଇଁ ବାଜିଲା ବିଗୁଲ

ଭୁବନେଶ୍ୱର, ୧୮/୨ (ନି.ପ୍ର): ମାର୍ଚ୍ଚ ୧୬ରେ ଓଡ଼ିଶାର ୪ ରାଜ୍ୟସଭା ଆସନ ପାଇଁ ହେବ ନିର୍ବାଚନ । ଏନେଇ କାର୍ଯ୍ୟସୂଚୀ ଜାରି କରିଛନ୍ତି ଭାରତୀୟ ନିର୍ବାଚନ କମିସନ । ୨୬ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ । ୫ ତାରିଖ ନାମାଙ୍କନ ପତ୍ର ଦାଖଲର ଶେଷ ଦିନ । ଏହି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ରାଜ୍ୟସଭା ଆସନ ଦଖଲ ପାଇଁ ଆରମ୍ଭ ହୋଇଛି ରଣନୀତି । ଖାସକରି ଚତୁର୍ଥ ଆସନକୁ ନେଇ ସବୁଠୁ ବେଶି ଚର୍ଚ୍ଚା । ତାରିଖ ଘୋଷଣା ସହ ଓଡ଼ିଶା ରାଜନୀତିକୁ ସରଗରମ କଲାଣି ରାଜ୍ୟସଭା ନିର୍ବାଚନ । ଚତୁର୍ଥ ଆସନକୁ ନେଇ ଶଙ୍କା ଯେତିକି, ସସପେନ୍ସ ସେତିକି । ହେଲେ ଏହାରି ଭିତରେ ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସଙ୍କ ବୟାନ ଚତୁର୍ଥ ଆସନର ଚର୍ଚ୍ଚାକୁ ଆହୁରି ବଢାଇ ଦେଇଛି । କହୁକହୁ ଗୌତମ କହିଛନ୍ତି, ଦକ୍ଷ ଓ ଆନୁଗତ୍ୟ ଥିବା ପ୍ରାର୍ଥୀଙ୍କୁ ରାଜ୍ୟସଭା ପଠାଇବ ବିଜେଡି । ହେଲେ ଚତୁର୍ଥ ଆସନ ପାଇଁ ବଳକା ବିଧାୟକଙ୍କ ସମର୍ଥନ କାହାକୁ ଦିଆଯିବ ତାହାର ନିଷ୍ପତ୍ତି ସୁପ୍ରିମୋ ନେବେ । ଏଭଳି କହି ଗୌତମ ପରୋକ୍ଷରେ ସଂକେତ ଦେଇଛନ୍ତି, ଦଳ ଚତୁର୍ଥ ଆସନରେ ପ୍ରାର୍ଥୀ ଓହ୍ଲାଇବନି, ବରଂ ସମର୍ଥନ ଦେବ । ତେବେ କାହାକୁ ସମର୍ଥନ ଦେବ ବିଜେଡି ? ଏଭଳି ପ୍ରଶ୍ନ ରାଜନୈତିକ ମହଲରେ ଉଙ୍କି ମାରିଲାଣି । ଚତୁର୍ଥ ଆସନ ପାଇଁ କୌଣସି ଦଳ ପାଖରେ ଆବଶ୍ୟକୀୟ ସଂଖ୍ୟା ନାହିଁ । ତଥାପି କଂଗ୍ରେସ ରାଜ୍ୟସଭା ରଣାଙ୍ଗନକୁ ଲମ୍ଫ ଦେବାକୁ ନିଷ୍ପତ୍ତି ନେଇଛି । ଏଥିପାଇଁ ପ୍ରଥମେ ବିଜେଡିର ସହଯୋଗ ଲୋଡ଼ିଥିଲା ଦଳ । ନବୀନଙ୍କୁ ସମୟ ମାଗିଥିଲେ ଦଳ ମୁଖିଆ ଭକ୍ତ ଦାସ । ହେଲେ ପିସିସି ସଭାପତିଙ୍କୁ ସମୟ ନଦେଇ କଂଗ୍ରେସକୁ ସମର୍ଥନର ବାଟ ଏକପ୍ରକାର ବନ୍ଦ କରିଥିଲେ ବିଜେଡି ସୁପ୍ରିମୋ । ତେଣୁ ବିଜେପି ପ୍ରାର୍ଥୀଙ୍କୁ ବିଜେଡିର ସମର୍ଥନ ସମ୍ଭାବନା ଅଧିକ ବଢିଛି । ଏସବୁ ଭିତରେ ଦମ୍ଭ ଦେଖାଇ ବିଜେପି କହିଛି, ୩ଟି ଆସନ ହାତେଇବ ଦଳ । କଂଗ୍ରେସ କହିଛି, ହାଇକମାଣ୍ଡଙ୍କ ନିଷ୍ପତ୍ତି ଉପରେ ଆଗକୁ ବଢିବୁ । ପୂର୍ବରୁ ରାଜ୍ୟସଭା ନିର୍ବାଚନରେ ନବୀନଙ୍କ ନିଷ୍ପତ୍ତି ଅନେକଙ୍କୁ ଚକିତ କରିଛି । ତେଣୁ ଚତୁର୍ଥ ଆସନ ପାଇଁ ବିଜେଡି ସୁପ୍ରିମୋ କେଉଁ ସରପ୍ରାଇଜ କାର୍ଡ ଖେଳିବେ ତାହା ଉପରେ ରହିବ ନଜର ।

### ମନା କରୁ କରୁ ବ୍ରିଜ୍ ତଳକୁ ଡେଇଁ ପଡ଼ିଲେ ମହିଳା

କଟକ, ୧୮/୨ (ନି.ପ୍ର): ମନା କରୁ କରୁ ବ୍ରିଜ୍ ଉପରୁ ତଳକୁ ଡେଇଁ ପଡ଼ିଲେ ଜଣେ ମହିଳା । ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ନାଁ ଅଞ୍ଜୁ କୁମ୍ଭାର। ତାଙ୍କ ଘର ବୁର୍ଲା ଅଞ୍ଚଳରେ। କେଉଁ କାରଣରୁ ସେ ଏମିତି ଏକ ପଦକ୍ଷେପ ନେଲେ ତାହା ସ୍ପଷ୍ଟ ହୋଇପାରିନି । ବୁଧବାର ସମ୍ବଲପୁରର ମହାନଦୀ ବ୍ରିଜ୍‌ରେ ଘଟିଥିଲା ଏହି ଅଭାବନୀୟ ଘଟଣା। ମହିଳା ଜଣଙ୍କ ବ୍ରିଜ୍‌ର ଗାର୍ଡୱାଲ୍ ଉପରେ ଚଢ଼ିଯାଇଥିଲେ। ତାଙ୍କର ଉଦ୍ଦେଶ୍ୟ ଭଲ ନଥିବା ଜାଣିପାରି ସେହି ବାଟ ଦେଇ ଯାଉଥିବା ଜଣେ କାର ଚାଳକ ଅଟକି ଥିଲେ ଓ ତଳକୁ ଓହ୍ଲାଇ ଆସିବାକୁ ତାଙ୍କୁ ଅନୁରୋଧ କରିଥିଲେ। କ'ଣ ସମସ୍ୟା ଅଛି ବୋଲି ମଧ ପଚାରିଥିଲେ।

◆◆ପୃଷ୍ଠା ୭

## ପୁଣି ଏକ ଯୁଦ୍ଧ ଆଶଙ୍କା: ଦୁଇ ଆଫ୍ରିକୀୟ ଦେଶ ସୀମାରେ ଉତ୍ତେଜନା ବୃଦ୍ଧି



ନୂଆଦିଲ୍ଲୀ,୧୮/୨ : ବିଶ୍ୱରେ ଆଉ ଏକ ଯୁଦ୍ଧ ହେବାକୁ ଯାଉଛି । ଆଫ୍ରିକୀୟ ଦେଶ ଇଥିଓପିଆ ଓ ଇରିଟ୍ରିଆ ଯୁଦ୍ଧ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇସାରିଛନ୍ତି । ଏଥିପାଇଁ ଇଥିଓପିଆ ପକ୍ଷରୁ ଇରିଟ୍ରିଆ ସୀମାରେ ସୈନ୍ୟ ମୁତୟନ କରାଯାଇଛି । ଇଥିଓପିଆ ଦାବି କରୁଛି ଯେ, ଇରିଟ୍ରିଆ ବିଦ୍ରୋହୀମାନଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇ ଅସ୍ଥିରତାର ବାତାବରଣ ସୃଷ୍ଟି କରୁଛି। ଏଭଳି ପରିସ୍ଥିତିରେ ଇରିଟ୍ରିଆକୁ ଶିକ୍ଷା ଦେବା ଆବଶ୍ୟକ । ଇରିଟ୍ରିଆ ହେଉଛି ଇଥିଓପିଆର ଏକ ପଡ଼ୋଶୀ ଦେଶ। ଇଥିଓପିଆରୁ ଅଲଗା ହେବା ପରେ ୧୯୯୩ ମସିହାରେ ଇରିଟ୍ରିଆ ଗଠିତ ହୋଇଥିଲା। ଉଭୟ ଦେଶ ଖ୍ରୀଷ୍ଟିଆନ ବହୁଳ। ଉଭୟ ଦେଶରେ ମୁସଲମାନ ସଂଖ୍ୟାଲଘୁ । ସ୍ଥାନୀୟ ଗଣମାଧମ ଅନୁସାରେ, ଇଥିଓପିଆ ସେନାକୁ ତିଗାନ ବିଦ୍ରୋହୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନାମରେ ପଶ୍ଚିମ ସୀମାରେ ମୁତୟନ କରାଯାଉଛି। ସେନା ଏକ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଛି । ଯାହା ଦ୍ୱାରା ଭବିଷ୍ୟତରେ ସମଗ୍ର ଅଞ୍ଚଳକୁ ଇଥିଓପିଆ ନିୟନ୍ତ୍ରଣ କରିପାରିବ। ଇଥିଓପିଆ ସେନା ତିଗାନ ବିଦ୍ରୋହୀଙ୍କ ଯୋଗୁ ସମସ୍ୟାରେ ପଡ଼ିଛି। ଇଥିଓପିଆ ଦାବି କରୁଛି, ବିଦ୍ରୋହୀମାନଙ୍କୁ ଇରିଟ୍ରିଆନ୍ ସେନା ଅସ୍ତ୍ରଶସ୍ତ୍ର ଯୋଗାଉଛି।

## ଗୃହରେ ଥମୁନି ମଣ୍ଡି ପାଲା: ଧୋଇଗଲା ପ୍ରଶ୍ନ କାଳ, ଚାଲିଲାନି ଶୂନ୍ୟକାଳ



ଭୁବନେଶ୍ୱର, ୧୮/୨ (ନି.ପ୍ର): ବିଧାନସଭାରେ ଧାନ ମଣ୍ଡି ତାତି। ଗୃହ ଭିତରକୁ ଧାନ ଧରି ଆସିଲେ ବିଜେଡି ବିଧାୟକ, ପ୍ରତିବାଦରେ ସାଥ୍ ଦେଲା କଂଗ୍ରେସ। ଫଳରେ ଗୃହ ହୁଲୁସ୍ଥୁଲ ହେବା ସହ ବାରମ୍ବାର ଅଚଳ ହୋଇଛି। ଇନପୁଟ୍ ସହାୟତା ରାଶି ପ୍ରସଙ୍ଗରେ ଯୋଗାଣ ମନ୍ତ୍ରୀଙ୍କ ଲିଖିତ ଉତ୍ତର ଉପରେ ବିଜେଡି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିବାବେଳେ ପୂର୍ବ ଘୋଷଣା ମୁତାବକ ଧାନ କୁଇଣ୍ଟାଲ ପିଛା ୮ଶହ ବଦଳରେ ସରକାର ୭୩୧ଟଙ୍କା କାହିଁକି ଦେଉଛନ୍ତି ବୋଲି ବିଜେଡି ପ୍ରଶ୍ନ କରିଥିବାବେଳେ ବିଜେପି କରିଛି କଡ଼ା କାଉଣ୍ଟର। ତେଣେ ଗ୍ରାଉଣ୍ଡ ଜିରୋରେ ବି ଲାଗି ରହିଛି ଅନ୍ନଦାତାଙ୍କ ମଣ୍ଡି ଯନ୍ତ୍ରଣା। ବିଧାନସଭାରେ ମଣ୍ଡି ପାଲା। ଧୋଇଗଲା ପ୍ରଶ୍ନ କାଳ, ଚାଲିଲାନି ଶୂନ୍ୟକାଳ। ଧାନ ମୁଣ୍ଡେଇ ଗୃହକୁ ଆସିଲେ ବିଜେଡି ଏମଏଲଏ ରୋମାଞ୍ଚ ବିଶ୍ୱାଳ। ରିପୋଟର୍ସ ଟେବୁଲ୍ ଉପରେ ଧାନ ମୁଣି ଖୋଲି ପ୍ରତିବାଦ କଲେ ସାଥୀ ବିଧାୟକ। ବ୍ୟାନର ପୋଷ୍ଟର ଧରି ଗୃହ ମଧ ଭାଗକୁ ଆସି ହଟ୍ଟଗୋଳ ବି କଲେ। କଂଗ୍ରେସ ସ୍ୱର ମିଶାଇଲା, ବାଚସ୍ପତିଙ୍କ ପୋଡିୟମ୍ ତଳେ ନାରାବାଜି କଲା। ଫଳରେ ଗୃହକୁ ବାଚସ୍ପତି ପ୍ରଥମେ ଦିନ ସାଢ଼େ ଏଗାର ଯାଏଁ ମୁଲତବି କରିଥିଲେ, ପରେ ସମାନ ସ୍ଥିତି ଲାଗି ରହିବାରୁ ବିଧାନସଭା ପୁରା ଅଚଳ ହୋଇଥିଲା। ଉଭୟ ବିଜେଡି ଓ କଂଗ୍ରେସର ଯୁକ୍ତି- ମଣ୍ଡିରୁ ଧାନ ନଉଠିବା ଯାଏଁ ଚାଷୀଙ୍କ ପାଇଁ ଆନ୍ଦୋଳନ ଜାରି ରହିବ। ତେଣେ ବିଜେପିର କାଉଣ୍ଟର, ବିରୋଧୀ ଗୃହ ଚଳାଇ ଦେଉନାହାନ୍ତି- ଆଲୋଚନା ମାଧ୍ୟମରେ ମଣ୍ଡି ପ୍ରସଙ୍ଗ ଉଠା ଯାଇପାରିଥାନ୍ତା। ଏପଟେ ଇନପୁଟ୍ ସହାୟତା ରାଶିକୁ ନେଇ ଯୋଗାଣ ମନ୍ତ୍ରୀଙ୍କ ଲିଖିତ ଉତ୍ତର ପରେ ତେଜିଛି ରାଜନୀତି। ଦେଢ଼ ଶହ କୁଇଣ୍ଟାଲ ବାଦ ଚାଷୀ ଏମଏସପି ଦରରେ ବାକି ଧାନ ବିକ୍ରି କରିବେ ବୋଲି ମନ୍ତ୍ରୀ କହିଥିବାବେଳେ ବିରୋଧୀ ଏହାକୁ ପ୍ରସଙ୍ଗ କରିଛନ୍ତି। ପୂର୍ବରୁ ଘୋଷଣା କରିଥିବା ୮ଶହ ଟଙ୍କା ବଦଳରେ କାହିଁକି କୁଇଣ୍ଟାଲ୍ ପିଛା ୭୩୧ ଟଙ୍କା ଚାଷୀଙ୍କୁ ସରକାର ଦେଉଛନ୍ତି ବୋଲି ବିଜେଡି ପ୍ରଶ୍ନ କରିବା ସହ ୬୯ ଟଙ୍କାରୁ ଅନ୍ନଦାତାଙ୍କୁ ବଞ୍ଚିତ କରାଯାଉଥିବା ଆପତ୍ତି ଉଠାଇଛି। ସେଥିପାଇଁ ଚାଷୀ ଆନ୍ଦୋଳନ ତେଜୁଥିବା ଦଳ ଆକ୍ଷେପ କରିଛି। ତେଣେ ଜବାବ ରଖି ବିଜେପି କହିଛି- ଯିଏ ଶହେ ଟଙ୍କା ଘୋଷଣା କରି ଦେଇନଥିଲେ, ସେମାନେ କେଉଁ ମୁହଁରେ ୮ଶହ ଟଙ୍କା କଥା କହୁଛନ୍ତି। ଆମେ ନିର୍ବାଚନ ବେଳେ ଦେଇଥିବା ୩୧ଶହ ଟଙ୍କାର ପ୍ରତିଶ୍ରୁତି ପାଳନ କରିଛୁ। ଏଥିରେ ଚାଷୀ ଖୁସି ଅଛନ୍ତି, ବିରୋଧୀ କେବଳ ରାଜନୀତି କରୁଛନ୍ତି। ଆଉ ଇଏ ଖୋଦ୍ ଯୋଗାଣ ମନ୍ତ୍ରୀଙ୍କ ଜିଲ୍ଲା ଢେଙ୍କାନାଳ ଜିରାଳ ମଣ୍ଡିରେ ଚାଷୀ ଯନ୍ତ୍ରଣାର ଚିତ୍ର। ଅନ୍ନଦାତାଙ୍କ ଅଭିଯୋଗ- ମିଲର କଟନୀ ଛଟନୀ କରି ଧାନ ନେଉଛନ୍ତି, ତଥାପି ଶହ ଶହ ବସ୍ତା ଧାନ ଖୋଲା ଆକାଶ ତଳେ ପଡ଼ି ରହିଛି। ସରକାର କି ପ୍ରଶାସନ କେହି ଶୁଣୁ ନାହାନ୍ତି। ସେମିତି ରାଜ୍ୟର ଅନ୍ୟତମ ଭାତହାଣ୍ଡି ବୋଲାଉଥିବା ବରଗଡ଼ ଜିଲ୍ଲାରେ ବି ମଣ୍ଡିରେ ସଢୁଛନ୍ତି ଚାଷୀ।

◆◆ପୃଷ୍ଠା ୭

### ବାର୍ଷିକ ଫଳ ଉତ୍ପାଦନରେ ଓଡ଼ିଶାର ସ୍ଥାନ ୧୧

ଭୁବନେଶ୍ୱର, ୧୮/୨ (ନି.ପ୍ର): ସର୍ବଭାରତୀୟ ସ୍ତରରେ ବାର୍ଷିକ ଫଳ ଉତ୍ପାଦନରେ ଓଡ଼ିଶାର ସ୍ଥାନ ୧୧ । ରାଜ୍ୟରେ ୭୯୧୯ ଜଣ ଉଦ୍ୟୋଗୀ କରୁଛନ୍ତି ବ୍ୟବସାୟିକ ଭିତରେ କରୁଛନ୍ତି ଫଳ ଓ ଫୁଲ ଚାଷ । ସେମାନଙ୍କ ବାର୍ଷିକ ଆୟ ରହିଛି ୧୦ ହଜାର ୪୧୬ ଲକ୍ଷ ୯୧ ହଜାର ଟଙ୍କା । ୨୦୨୪-୨୫ ଆର୍ଥିକ ବର୍ଷରେ ଓଡ଼ିଶାରେ ୨୭.୧୮ ଲକ୍ଷ ଫଳ ହୋଇଛି ଉତ୍ପାଦନ । ସର୍ବାଧିକ ପୁରୀ ରେ ୫୮୬ ଜଣ ଉଦ୍ୟୋଗୀ ଫଳ ଚାଷ କରୁଥିବା ବେଳେ ସମ୍ବଲପୁରୀ ଓ ସୁନ୍ଦରଗଡ଼ ରେ ସର୍ବାଧିକ ୧୧୫ ଉଦ୍ୟୋଗୀ କରୁଛନ୍ତି ଫୁଲ ଚାଷ । ବିଧାନସଭାରେ ବିଜେଡି ବିଧାୟକ ଧ୍ରୁବ ଚରଣ ସାହୁ ଙ୍କ ଲିଖିତ ପ୍ରଶ୍ନରେ ଉପମୁଖ୍ୟମନ୍ତ୍ରୀ ଲିଖିତ ଉତ୍ତର ରଖିଛନ୍ତି ।

# ଖଡିଆଳରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ନୂଆପଡ଼ା, ୧୮/୨ (ନି.ପ୍ର): ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଖଡିଆଳ ପଂଚାୟତ ସମିତି ସଭାଗୃହରେ ଆଜି ଅନୁଷ୍ଠିତ ହୋଇଯାଇଛି । ସମୁଦାୟ ୬୭ଟି ଅଭିଯୋଗ ମଧ୍ୟରୁ ୫୧ଟି ବ୍ୟକ୍ତିଗତ ଓ ୧୬ଟି ସାମୂହିକ ଅଭିଯୋଗ ଆସିଥିଲା । ଏହି ସବୁ ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ସହିତ ଖଡ଼ିଆଳ ଡିଏଫଓ ଅଜିଜ ଖାନ, ଖଡ଼ିଆଳ କେନ୍ଦୁଲିଫ ଡିଏଫଓ ଏ ମାଧବୀ ଲତା, ସିଡିଏମଓ ଡ଼. ଧନେଶ୍ୱର ସେଠୀ, ଜିଲ୍ଲା ଅତିରିକ୍ତ ଉନ୍ନୟନ ଅଧିକାରୀ କ୍ଷମାନିଧି ଭୋଇ, ଉପ ଜିଲ୍ଲାପାଳ ସୁର୍ମୀ ସୋରେନ, ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଜିଲ୍ଲା ପରିଷଦ ସଦସ୍ୟ ମାଲ୍ୟବନ୍ତ ସୁନା ଓ ତନୟା ଶବର ପ୍ରମୁଖ ମଂଚାସିନ ଥିଲେ । ଖଡ଼ିଆଳ ବିଡ଼ିଓ ମିଳନ କୁମାର ଝାଙ୍କର, ତହସିଲଦାର ନରସିଂହ ଗଦବା, ଖଡିଆଳ ଏନଏସି, ଇ ଓ ସ୍ୱାଧୀନ ମହାରଣା, ଡେପୁଟୀ କଲେକ୍ଟର ଚିନ୍ମୟ ସାଗର, ସୌରଭ କୁମାର ବିଶି, ଲଲାଟେନ୍ଦୁ ଦଣ୍ଡସେନା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ କ୍ଷ ଶିବିରରେ ଅସହାୟ ଇନ୍ଦ୍ରାଦି ନାଏକ, କୁବେରପତି ବାଗ, ଉର୍ମିଳା ଜଗତ ଏବଂ ନନ୍ଦ ସୁନାନିଙ୍କୁ ପାଂଚ ହଜାର ଟଙ୍କା ଲେଖାଏଁ ରେଡକ୍ରସ୍ ପାଣ୍ଠିରୁ ତତ୍କାଳୀନ ସହାୟତା ଯୋଗାଇ ଦିଆଯାଇଥିଲା । ଶିବିର ଉପଲକ୍ଷେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଶିବିରରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ଖଡିଆଳ ବ୍ଲକ୍ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଉପସ୍ଥିତ ଥିଲେ । ଏହି ଅବସରରେ ଚନାବେଡା ପଂଚାୟତରେ ପରିବର୍ଦ୍ଧିତ ଜନ ଶୁଣାଣୀ ଶିବିର ଓ ପ୍ରାଣୀ ପାଇଁ ଦିନଟିଏ ଉପଲକ୍ଷେ ଗୃହପାଳିତ ପଶୁ ପକ୍ଷୀ ମାନଙ୍କ ପାଇଁ ଏକ ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା ।

# ବନାଗ୍ନି ନିରାକରଣ ନେଇ ସଚେତତନା ବୈଠକ

ଜୟପୁର, ୧୮/୨ (ନି.ପ୍ର): ଜୟପୁର ବନଖଣ୍ଡରେ ସଫଳତା ବନାଗ୍ନି ମୁକାବିଲା ଓ ନିରାକରଣ ନେଇ ସଚେତତନା ବୈଠକ ଆଜି ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଡିଏଫଓ ଶୁଭେନ୍ଦୁ ବେହେରା , ଏସିଏଫ ପ୍ରସନ୍ନ କୁମାର ମିଶ୍ର, ଚନ୍ଦ୍ର ସେନ ପୁଜାରୀ, ରେଞ୍ଜର ଦେବେନ୍ଦ୍ର ମାଝୀ ଫରେଷ୍ଟର ଗୌତମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଜୟପୁର ବନଖଣ୍ଡରେ ବୋରିଗୁମ୍ମା, କୋଟପାଡ, ଗୁପ୍ତେଶ୍ୱର, ଜୟପୁର, କୋଟପାଡ ଓ କୁନ୍ଦୁରା ଭଳି ୬ଟି ରେଞ୍ଜ ରହିଛି । ଚଳିତ ବର୍ଷ ଜୟପୁର ବନଖଣ୍ଡର ୬ଟି ରେଞ୍ଜରେ ୬୦ଟି ବନାଗ୍ନି ଘଟଣା ଘଟିଛି । ତେଣୁ ୬ଟି ରେଞ୍ଜରେ ୨୪ ଘଂଟା କଂଟ୍ରୋଲ ରୁମ ର ବ୍ୟବସ୍ଥା କରାଯାଇଛି । ଏପିର ଘଟଣା ଘଟିଲେ ତୁରନ୍ତ ବନ ବିଭାଗ ପହଂଚି ନିଆଁକୁ ଆୟତ କରାଯିବ । ବନାଗ୍ନିକୁ ମୁକାବିଲା କରିବା ପାଇଁ ୬ଟି ରେଞ୍ଜର ଅଗ୍ନି ନିରାପତା କିଟ୍, ଟର୍ଚ୍ଚ ଲାଇଟ, ହେଡ ଲାଇଟ, ପାଣି ବୋତୋଲ ଆଦି ରଖାଯାଇଛି । ୬ଟି ରେଞ୍ଜରେ ବନାଗ୍ନି ରୋକିବାକୁ ସମସ୍ତଙ୍କ ସହଯୋଗ ଲୋଡିଛନ୍ତି । କୋଟପାଡ, ଗୁପ୍ତେଶ୍ୱର ଓ ବୈପାରିଗୁଡା ବନାଗ୍ନି ଅଂଚଳ ଭାବରେ ଚିହ୍ନଟ କରାଯାଇଛି । ଏହି ୩ଟି ରେଞ୍ଜକୁ ଅଧିକ ଗୁରୁତ୍ୱ ଦିଆଯାଇଛି ।

# କୋଲାବିରାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଝାରସୁଗୁଡ଼ା, ୧୮/୨ (ନି.ପ୍ର): ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ କୋଲାବିରା ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଏବଂ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଆପତି ଓ ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଏହି ଶିବିରରେ ମୋଟ୍ ୪୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୧୩ଟି ସାମୂହିକ ବା ଗୋଷ୍ଠୀଗତ ସମସ୍ୟା ଥିଲା ଏବଂ ୨୯ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ଜଣେ ଅସହାୟ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦,୦୦୦ ଟଙ୍କାର ଆର୍ଥିକ ସହାୟତା ତତ୍କାଳ ପ୍ରଦାନ କରାଯାଇଥିଲା।ଏହି ଅଭିଯୋଗ ଶୁଣାଣି ଶିବିରରେ ବିଭିନ୍ନ ପଂଚାୟତର ଜ୍ୱଳନ୍ତ ସମସ୍ୟା ଗୁଡ଼ିକ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସମାସିଂହା ପଂଚାୟତରୁ ସମବାୟ ସମିତିରେ ଧାନ କିଣା ବନ୍ଦ ହେବା ଏବଂ ନିଜସ୍ୱ ଗୃହଜମି ଅନ୍ୟ ଲୋକଙ୍କ ନାମରେ ଦଖଲନୋଟ ଚଢ଼ିବା ସମ୍ବନ୍ଧରେ ଅଭିଯୋଗ ଆସିଥିବା ବେଳେ ରଘୁନାଥପାଲି ଅଂଚଳରୁ ଜମିର ରୟତି ପରିବର୍ତ୍ତନ, ଧାନ ବିକ୍ରୟ କାର୍ଡ ଜାଲିଆତି ଏବଂ ଟୋକନ ଥାଇ ମଧ୍ୟ ଧାନ ବିକ୍ରୟରେ ହେଉଥିବା ଅସୁବିଧା ନେଇ ଦାବି ହୋଇଥିଲା। ସେହିପରି ଚନ୍ଦନିମାଲ ଅଂଚଳରେ ଲକ୍ଷ୍ମୀ ବସ୍ ଚଳାଚଳ କରିବା ଏବଂ ସ୍ଥାନୀୟ ସରକାରୀ ପ୍ରାଥମିକ ବିଦ୍ୟାଳୟର ମରାମତି କାର୍ଯ୍ୟରେ ହେଉଥିବା ଅନିୟମିତତା ବିଷୟରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏଥିସହିତ ସୋଢାମାଲ ଅଂଚଳରେ ସରକାରୀ ଜମିକୁ ନିଜସ୍ୱ ନାମରେ ରେକର୍ଡଭୁକ୍ତ କରିବା, ତରେଇକେଲା ଛକରେ ଏକ ମାର୍କେଟ କଂପ୍ଲେକ୍ସ ନିର୍ମାଣ, ପୋଖରାସାହ୍ଲେରେ ପୋଖରୀର ପଙ୍କ ଉଦ୍ଧାର ସହ ଜଳ ନିଷ୍କାସନ ଓ ଗାଧୁଆ ପାହାଚ ନିର୍ମାଣ ପରି ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ ଧୂବେନବୁଡ ଅଂଚଳରେ ଜମି ଜବରଦଖଲ ଏବଂ ପଣ୍ଡକିମାଲରେ ବର୍ଦ୍ଧିତ ବିଦ୍ୟୁତ ବିଲ୍ କୋହଳ କରିବା ପାଇଁ ଲୋକେ ନିବେଦନ କରିଥିଲେ। ଜିଲ୍ଲାପାଳ ଏହି ସମସ୍ତ ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ

ଜୟପୁର, ୧୮/୨ (ନି.ପ୍ର): ଜୟପୁର ପୌର ଉଚ୍ଚ ବିଦ୍ୟାଳୟ ଚନ୍ଦନ ବାଡ଼ ଠାରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନ୍ତର୍ଗତ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ସ୍ତରୀୟ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ମୁଖ୍ୟ ଅତିଥି ରୂପରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଓମ୍ ପ୍ରକାଶ ମିଶ୍ର, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ କେ. ଗୋପାଳ, ସୋମନାଥ ଗା, ସ୍ଥାନୀୟ ପ୍ରଧାନ ଶିକ୍ଷୟତ୍ରୀ ଲିପିକା ପାତ୍ର, ସମ୍ମାନିତ ଅତିଥି ରୂପରେ ଯୋଗ ଦେଇଥିଲେ । ସମସ୍ତ ସାଧନ ସଂଯୋଜକ ତଥା ଶିକ୍ଷକ / ଶିକ୍ଷୟତ୍ରୀ, କାର୍ଯ୍ୟାଳୟ କର୍ମଚାରୀ ମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା । ପ୍ରାୟ ୩୦୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଶିକ୍ଷକ ଶିକ୍ଷୟତ୍ରୀ ଅଂଶଗ୍ରହଣ କରିଥିଲେ ।

# ରାସ୍ତା ମରାମତି ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ମାଲକାନଗିରି, ୧୮/୨ (ନି.ପ୍ର): ଫେବୃଆରି ୧୪ ତାରିଖରେ ମାଥିଲି ଠାରୁ ୪ କି.ମି. ଦୂରରେ ଅବସ୍ଥିତ ଉଦୁଲିବେଡା ଗ୍ରାମ ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଜାତୀୟ ରାଜପଥ ନଂ ୩୨୬ ରେ ଘଟି ଯାଇଛି । ଏହି ମର୍ମନ୍ତୁଦ ସଡକ ଦୁର୍ଘଟଣାରେ କେଶବ ଗୌଡ ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି ଏବଂ ତାଙ୍କ ସମ୍ପର୍କୀୟ ରାଜେନ୍ଦ୍ର ମାହାପାଳିଆ ଗୁରୁତର ଭାବରେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ଏହି ଦୁର୍ଘଟଣା ଜାତୀୟ ରାଜପଥ ନଂ ୩୨୬ ରେ ଥିବା ଖାଲଖମା ଏବଂ ନିମ୍ନମାନର ରାସ୍ତା ଯୋଗୁଁ ହୋଇଅଛି । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ବାରମ୍ବାର ଜାତୀୟ ରାଜପଥର ମରାମତି, ରକ୍ଷଣା ବେକ୍ଷଣ ଏବଂ ସଠିକ୍ ସୂଚନା ଫଳକ ଗୁଡିକୁ ଠିକ୍ ଭାବରେ ପ୍ରଦର୍ଶିତ କରିବା ପାଇଁ ଆସିଷ୍ଟାଂଟ ଏକ୍ସେକୁଟିଭ ଇଞ୍ଜିନିୟର, ଜାତୀୟ ରାଜପଥ ଉପଖଣ୍ଡ ମାଲକାନଗିରି, ଏକ୍ସେକୁଟିଭ ଇଞ୍ଜିନିୟର ଜାତୀୟ ରାଜପଥ ଡିଭିଜନ ଜୟପୁରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଥାପି ଜାତୀୟ ରାଜପଥର ଅଧିକାରୀମାନେ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲାପାଳଙ୍କ ଏହି ନିର୍ଦ୍ଦେଶକୁ କର୍ଣ୍ଣପାତ କରିନଥିଲେ ଏବଂ ନିଜ ଇଚ୍ଛା ମୁତାବକ କାମ କରି ଆସୁଥିଲେ, ତେଣୁ ଆସିଷ୍ଟାଂଟ ଏକ୍ସେକୁଟିଭ ଇଞ୍ଜିନିୟର, ଜାତୀୟ ରାଜପଥ ଉପଖଣ୍ଡ ମାଲକାନଗିରି, ଏକ୍ସେକୁଟିଭ ଇଞ୍ଜିନିୟର ଜାତୀୟ ରାଜପଥ ଡିଭିଜନ ଜୟପୁର ଏବଂ ଜାତୀୟ ରାଜପଥର ଠିକାଦାର ମାନଙ୍କ ବିରୁଦ୍ଧରେ ମାଥିଲି ଥାନାରେ ମାମଲା ଦାୟର କରାଯାଇଛି ଏବଂ ଉପ ଜିଲ୍ଲାପାଳ ତଥା ଉପଖଣ୍ଡ ଦଣ୍ଡାଧିକାରୀ, ମାଲକାନଗିରି ଏହି ଅଧିକାରୀ ଏବଂ ଠିକାଦାର ମାନଙ୍କୁ ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ର ଧାରା ୧୫୨ ଅନୁଯାୟୀ ସପ୍ତାହକ ମଧ୍ୟରେ ଗୋବିନ୍ଦପାଲ୍ଲୀ ଠାରୁ ମୋଟୁ ପର୍ଯ୍ୟନ୍ତ ସମସ୍ତ ଖାଲଖମା, ଜାତୀୟ ରାଜପଥର ରକ୍ଷଣା ବେକ୍ଷଣ ଏବଂ ସଠିକ ସୂଚନା ଫଳକ ଗୁଡିକୁ ଠିକ୍ ଭାବରେ ପ୍ରଦର୍ଶିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଏହି ନିର୍ଦ୍ଦେଶକୁ ଖିଲାପ କଲେ ଭାରତୀୟ ନ୍ୟାୟ ସଂହିତା ୨୦୨୩ ର ଧାରା ୨୨୩ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ହାଜୀ ମହମ୍ମଦ ଅବଦୁଲ ବାରୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳନ ପାଇଁ ସ୍ମୃତି କମିଟି ଗଠିତ

ଭଦ୍ରକ, ୧୮/୨ (ନି.ପ୍ର): ରାଷ୍ଟ୍ରୀୟ ସଦଭାବନା ପୁରୁଷ୍କାର ପ୍ରାପ୍ତ ବିଶିଷ୍ଟ ସମାଜସେବୀ ତଥା ଭଦ୍ରକ ମୁସଲିମ ଜମାତର ଆଜୀବନ ସଭାପତି ସ୍ୱର୍ଗତ ହାଜୀ ମହମ୍ମଦ ଅବଦୁଲ ବାରୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳନର ପ୍ରସ୍ତୁତି ବୈଠକ ଫେଲୋସିପ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସହରର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ, ପ୍ରତିଷ୍ଠିତ ବ୍ୟବସାୟୀ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ହାଜୀ ଅବଦୁଲ ମୁକିତ ଖାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଫେଲୋସିପ ର ସମ୍ପାଦକ ଏସ.ଏମ.ଫାରୁକ ପ୍ରସ୍ତୁତି ବୈଠକର ଉଦ୍ଦେଶ୍ୟ ସଂପର୍କରେ ସୂଚନା ଦେଇଥିଲେ। ଏହି ଶ୍ରାଦ୍ଧ ବାର୍ଷିକୀ ଉତ୍ସବକୁ ପ୍ରତିବର୍ଷ ପାଳନ କରାଯିବା ପାଇଁ ସର୍ବସମ୍ମତି କ୍ରମେ ଏକ ନୂଆ କମିଟି 'ମାନବବାଦୀ ମହମ୍ମଦ ଅବଦୁଲ ବାରୀ ସ୍ମୃତି କମିଟି' ଗଠନ କରାଯାଇଛି। ସଭାପତି ଭାବେ ସୁଧାକର ରାଉତଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ୩ ଉପ-ସଭାପତି ଭାବେ ବିଦ୍ୟାଧର ସାହୁ , ଅବଦୁଲ ଦୟାନ ଜିଆ, ଅଶୋକ କୁମାର ଦାସଙ୍କୁ ଅର୍ପଣ କରାଯାଇଛି । ସମ୍ପାଦକ ଭାବେ ମୁସ୍ତାକ ଗୌହର, ସହ- ସମ୍ପାଦକ ଭାବେ ମିର୍ଜା ଇଜାଜ ବେଗ ଓ କୋଷାଧକ୍ଷ ଭାବେ ବିବେକ ମୁଖାର୍ଜୀଙ୍କୁ ଦାୟିତ୍ୱ ଭାର ଦିଆଯାଇ କମିଟି ଗଠନ କରାଯାଇଛି। ଏହାବ୍ୟତୀତ ଉପଦେଷ୍ଟା ମଣ୍ଡଳୀ ଭାବେ ଏସଏମ ଫାରୁକ, ଅବଦୁଲ ମୁକିତ ଖାନ, ଅଜୟ ନାୟକ, ନାସିର ବକ୍ସ, ଇଂ ମନୱର ହୋସେନ, ଦିବ୍ୟସିଂ ନାୟକ, ଆବୁଲ କାସିମଙ୍କୁ ରଖାଯାଇଛି। ସୂଚନାଯୋଗ୍ୟ ଯେ ସ୍ୱର୍ଗତ ହାଜୀ ଅବଦୁଲ ବାରୀ ଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଆସନ୍ତା ୨୯ ମାର୍ଚ୍ଚ ୨୦୨୬ ସହିଦ ସ୍ମୃତି ଭବନ ଠାରେ ଅନୁଷ୍ଠିତ ହେବ ବୋଲି ସିଦ୍ଧାନ୍ତ ହେଲା ଏବଂ ଶ୍ରାଦ୍ଧ ବାର୍ଷିକରେ କବି ମାନଙ୍କ ଲିଖିତ ସ୍ମରଣିକା ପତ୍ରିକା ପ୍ରକାଶ କରାଯିବ । ଏହି ସ୍ମୃତି କମିଟିର ସଭ୍ୟ ଭାବେ ଦିବ୍ୟସିଂ ନାୟକ, ମନାୱର ହୋସେନ, ଲଲାଟେନ୍ଦୁ ମହାପାତ୍ର, ନାସିର ବକ୍ସ, ଲକ୍ଷ୍ମୀକାନ୍ତ ବାରିକ, ନିହାର ଦାସ, ନରେନ୍ଦ୍ର ସାମଲ, କମଳାକାନ୍ତ ସ୍ୱାଇଁ, ହାଜୀ ଏନାମ ମହମ୍ମଦ, ହାଜୀ କାସିମ ଖାନ, ଡ଼. ରବି ମହାପାତ୍ର, ଶେଖ ଅନୱର, ମିର୍ଜା ଏକ୍ରାମ ବେଗ, ହାଜୀ କୈୟୁମ ସାହା, ହାଜୀ ଇବରାର ହୋସେନ ଓ ମଂଜୁର ହୋସେନ ପ୍ରମୁଖ ଅଂଶ ଗ୍ରହଣ କରି ଶ୍ରାଦ୍ଧ ବାର୍ଷିକ କାର୍ଯ୍ୟକ୍ରମ ପାଇଁ ଆଲୋକପାତ କରିଥିଲେ ।

## ପ୍ରେମିକ ନାମରେ ଥାନାରେ ଅଭିଯୋଗ

ଜୟପୁର, ୧୮/୨ (ନି.ପ୍ର): ଜୟପୁର ସଦରଥାନା ଅନ୍ତର୍ଗତ ସାନ ଜିଉନା ଗ୍ରାମର ଯୁବତୀକୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସଂପର୍କ ରଖି ନିର୍ଯ୍ୟାତନା ଦେଉଥିବା ନେଇ ସଦରଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତି କରି ପୋଲିସ ମାମଲା ରୁଜୁ କରିଛି । ପୋଲିସ ସୂଚନା ଅନୁଯାୟୀ ସାନ ଜିଉନା ନିକଟରେ ରହୁଥିବାଅଭିଯୁକ୍ତ ବିବାହର ପ୍ରତିଶୃତି ଦେଇ ଯୁବତୀ ସହ ଶାରିରିକ ସଂପର୍କ ରଖିଥିଲେ। ଯୁବତୀ ଗର୍ଭବତୀ ହୋଇଥିବା କହିବା ପରେ ଡିଏନଏ ଟେଷ୍ଟ କରିବା ପାଇଁ ବାଧ କରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ବିବାହ କରିବାକୁ ମନା କରିଦେଇଛନ୍ତି। ପୋଲିସ ଏନେଇ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜୟପୁର ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକକୁ ନା : ୨୦ରେ ନୂଆପଡାରେ ଅନୁଷ୍ଠିତ ହେବ ରାହାଗିରି

ନୂଆପଡ଼ା, ୧୮/୨ (ନି.ପ୍ର): ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ବିରୋଧରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ଆସନ୍ତା ଫେବୃଆରୀ ୨୦ ତାରିଖ ସକାଳରେ ନୂଆପଡା ସ୍ଥିତ ପୋଲିସ୍ ପଡ଼ିଆରେ "ରାହାଗିରି" କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ସଂକ୍ରାନ୍ତରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ହୋଇଯାଇଛି ।ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାଶ ଚନ୍ଦ୍ର ରଇତ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ୱୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡା. ଧନେଶ୍ୱର ସେଠୀ, ଜିଲ୍ଲା ଶ୍ରମ ଅଧିକାରୀ ଜାସ୍ମିନ ସାହୁ, ରାଜ୍ୟ ପ୍ରଦୂଷଣ ବୋର୍ଡ ଅଞ୍ଚଳିକ ଅଧିକାରୀ ବବିତା ସିଂହ, ଏସ ଡି ପି ଓ, ମେର୍ଣୀରାଣୀ ପୂର୍ତ୍ତୀ, ଏ ସି ଏଫ୍ ମହମ୍ମଦ ମୁସ୍ତାଫା, ଅଜୟ ସେଶଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।ବୈଠକରେ ଆଲୋଚନା ଅନୁସାରେ ରାହାଗିରି ମାଧ୍ୟମରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ବିରୋଧରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଯୋଗାଭ୍ୟାସ, ରଙ୍ଗୋଲି ପ୍ରତିଯୋଗିତା, ସ୍ଲୋ ସାଇକ୍ଲିଂ, ମେହେନ୍ଦି ପ୍ରତିଯୋଗିତା, ସ୍ୱାକ୍ଷର ଅଭିଯାନ, ଚିତ୍ରାଙ୍କନ ଇତ୍ୟାଦି କାର୍ଯ୍ୟକ୍ରମ ଆୟୋଜିତ ହେବ। ସେପରି ଏକକ ବ୍ୟବହୃତ ପ୍ଲାଷ୍ଟିକ ବିରୋଧରେ ଜନସଚେତନତା ସୃଷ୍ଟି କରିବା ପାଇଁ ପଥ ପ୍ରାନ୍ତ ନାଟକ (ଷ୍ଟ୍ରିଟ୍ ପ୍ଲେ) ମାଧ୍ୟମରେ ସାମାଜିକ ସନ୍ଦେଶ ପ୍ରଚାର କରାଯିବ। ଜିଲ୍ଲାପାଳ ଶ୍ରୀ ଦାଶ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟକ୍ରମକୁ ସଫଳ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ, ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ନିମନ୍ତେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକକୁ ବର୍ଜନ କରିବା ଆବଶ୍ୟକ ଏବଂ ଏହି ରାହାଗିରି କାର୍ଯ୍ୟକ୍ରମ ମାଧ୍ୟମରେ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବ।

# ସାଉଥ୍‌କୋ ବିଦ୍ୟୁତ ବିଭାଗର ମନମୁଖୀ ବିରୋଧରେ କର୍ମଚାରୀ ସଂଘ ବିରୋଧ ପ୍ରଦର୍ଶନ

ଜୟପୁର, ୧୮/୨ (ନି.ପ୍ର): ଟାଟାପାୱାର ସାଉଥକୋ ବିଦ୍ୟୁତ ବିତରୋକ ବିଭାଗର ମନମୁଖୀ ନୀତି ଏବଂ ନିୟମକୁ ବିରୋଧ କରାଯାଇ ଜୟପୁର ବିଦ୍ୟୁତ ବିଭାଗ ସର୍କଲ ରାଜ୍ୟ ବିଦ୍ୟୁତ କର୍ମଚାରୀ ଫେଡେରେନସ ପକ୍ଷରୁ କୋରାପୁଟ ଜିଲ୍ଲା ଜୟପୁର ସାଉଥକୋର ପାୱାର ହାଉସ ସ୍ଥିତ ଉପ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିରୋଧ ପ୍ରଦର୍ଶନ ସହିତ ଧାରଣା ସହିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହିପରି କର୍ମଚାରୀ ସଂଘ ପକ୍ଷରୁ ୧୨ ଦଫା ଦାବିପତ୍ର ପ୍ରଦାନ କରାଯାଉ କର୍ମଚାରୀଙ୍କୁ ହଇରାଣ ବନ୍ଦ କରିବା ସହିତ ସାଧାରଣ ଖାଉଟିଙ୍କୁ ମଧ୍ୟ ଉପଯୁକ୍ତ ବିଦ୍ୟୁତ ସେବା ଏବଂ ଅତ୍ୟାଚାର ବନ୍ଦ କରିବାକୁ ଦାବି କରାଯାଇଛି । ଏଥିରେ ଇଚ୍ଛୁକ କର୍ମଚାରୀଙ୍କୁ ଆବେଦନ ଅନୁଯାୟୀ ଇଣ୍ଟର ସର୍କଲ ବଦଳୀ, ଅନ୍ୟାନ୍ୟ ଭାବେ ଦୁଇ କର୍ମଚାରୀଙ୍କୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ, ଡିପ୍ଲୋମାଧାରୀ ବୈଷୟିକଧାରୀ କର୍ମଚାରୀ ଜୁନିୟର ମ୍ୟାନେଜର ଭାବେ ପଦୋନ୍ନତି, ସ୍ମାର୍ଟ ମିଟର ବ୍ୟବସ୍ଥାକୁ ବିରୋଧ, ଏହିପରି ସ୍ମାର୍ଟ ମିଟର ଦ୍ୱାରା ଅସ୍ଥାୟୀ କର୍ମଚାରୀ ମାନେ ସେମାନଙ୍କ ଚାରିରୀ ହରାଇବେ ତେଣୁ ଏହାକୁ ବିରୋଧ କରାଯାଇଥିଲା । ଅସ୍ଥାୟୀ କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି ଦାବି। କର୍ମଚାରୀ ମାନଙ୍କ ସ୍ୱାସ୍ଥ୍ୟ ବୀମାକୁ ୧୦ ଲକ୍ଷ ବୃଦ୍ଧି କରିବା ପ୍ରଭୃତି ଦାବି ରହିଛି । ଏହି ଧାରଣା ମହାସଂଘର ଆଇନ ପରାମର୍ଶଦାତା ଅଭିମନ୍ୟୁ ଭଞ୍ଜମିଶ୍ରଙ୍କ ନେତୃତ୍ୱରେ ସମ୍ପାଦକ ଆଶିଷ ତ୍ରିପାଠୀ ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ଅନ୍ତର୍ଜାତୀୟ ମହିଳା କୃଷକ ବର୍ଷ ୨୦୨୬ ପାଳନ

ଜୟପୁର, ୧୮/୨ (ନି.ପ୍ର): ଏମ.ଏସ. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ, ଜୟପୁର ଦ୍ୱାରା ଅନ୍ତର୍ଜାତୀୟ ମହିଳା କୃଷକ ବର୍ଷ ୨୦୨୬ ପାଳନ ଅବସରରେ ଦଶମନ୍ତପୁର ବ୍ଲକ ର ମରିଚଗୁଡା ଗ୍ରାମରେ ମହିଳା ଚାଷୀମାନଙ୍କର ସଚେତନତା ଏବଂ ସଶକ୍ତିକରଣ ନିମନ୍ତେ ଏକ ଗ୍ରାମ୍ୟ ସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଦଶମନ୍ତପୁର ବ୍ଲକ ର ୪୦ରୁ ଉର୍ଦ୍ଧ୍ୱ ମହିଳା ଚାଷୀ ଅଂଶଗ୍ରହଣ କରିଥିଲେ। କୃଷି କ୍ଷେତ୍ରରେ ମହିଳାମାନଙ୍କର ଅବଦାନ, ଅକ୍ଳାନ୍ତ ପରିଶ୍ରମ ଏବଂ ବିଶ୍ୱ ଖାଦ୍ୟ ଯୋଗାଇବାରେ ସେମାନଙ୍କ ପ୍ରମୁଖ ଭୂମିକା ନେଉଥିବାରୁ ସେମାନଙ୍କୁ ତାଙ୍କର ଅଧିକାର ଦେବା ସହିତ ସାମାଜିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ଅଗ୍ରାଧିକାର ଦେବା ଉପରେ ଆଲୋଚନା ହୋଇଥିଲା। ଅଂଶଗ୍ରହଣକାରୀ ମହିଳା ଚାଷୀ ମାନଙ୍କୁ ଉତ୍ସାହିତ କରିବା ପାଇଁ ନବିନ ମୁଦୁଲି, ସରପଂଚ, ପିଣ୍ଡାପଦର; ଶ୍ରୀମତୀ ସ୍ୱାଇ ସାଉଁନ୍ତା, ୱାର୍ଡ ମେମ୍ବର ସଦସ୍ୟା, ମରୀଛଗୁଡା ପ୍ରମୁଖ ଯୋଗଦେଇଥିଲେ। ଅତିଥିଗଣ ମହିଳା କୃଷକମାନଙ୍କର ଉନ୍ନତି ଓ ସଶକ୍ତିକରଣ ଉପରେ ନିଜ ନିଜର ମତବ୍ୟକ୍ତ କରିଥିଲେ। ଏମ.ଏସ. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ, ଜୟପୁରର ନିର୍ଦ୍ଦେଶକ ଡା. ପ୍ରଶାନ୍ତ କୁମାର ପରିଡା ଏବଂ ରାଜ୍ୟ କାର୍ଯ୍ୟକ୍ରମ ପରିଚାଳକ ଡା. ଅସିତ କୁମାର ମାନସିଂଙ୍କ ପରାମର୍ଶରେ ଶ୍ରୀମତୀ ସୁରଜିତା ତୁରୁକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ତାଙ୍କ ସହ ଅନୁଷ୍ଠାନର କର୍ମୀ ଯଥା ଜେ. ସୁନୀଲ କୁମାର ଓ ସୁଜାତା ଜେନା ସହଯୋଗ କରି ଏହାକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ଶିକ୍ଷକ ନିଯୁକ୍ତି ପାଇଁ ଦାବି

ଭଦ୍ରକ, ୧୮/୨ (ନି.ପ୍ର): ଭଦ୍ରକ ଜିଲ୍ଲାର ସଇଦାବାଦ ଗ୍ରାମସ୍ଥ ଜିଭାରାମ ବିଦ୍ୟାପୀଠ ସରକାରୀ ଉପର ପ୍ରାଥମିକ ବିଦ୍ୟାଳୟରେ ୧୫୦ରୁ ଅଧିକ ଛାତ୍ରଛାତ୍ରୀ ପଢୁଛନ୍ତି । ନିୟମ ଅନୁଯାୟୀ ପ୍ରତି ୩୦ ଛାତ୍ରଛାତ୍ରୀ ପାଇଁ ଜଣେ ଶିକ୍ଷକ ରହିବା ଦରକାର ଥିବା ସତ୍ତ୍ୱେ ବର୍ତ୍ତମାନ ମାତ୍ର ୪ ଜଣ ଶିକ୍ଷକ କାର୍ଯ୍ୟରତ ଅଛନ୍ତି । ଏହି ପରିସ୍ଥିତିରେ ପାଠଦାନ କାର୍ଯ୍ୟ ବିଘ୍ନିତ ହେଉଛି ଏବଂ ଛାତ୍ରଛାତ୍ରୀମାନେ ଶିକ୍ଷାରେ ପ୍ରଭାବିତ ହେଉଛନ୍ତି ।

# ସରକାରୀ କର୍ମଚାରୀ ବୈଠକ ଅନୁଷ୍ଠିତ

ନୂଆପଡା, ୧୮/୨ (ନି.ପ୍ର): ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ କର୍ମଚାରୀ ବୈଠକ (ଷ୍ଟାଫ୍ ମିଟିଂ) ଆଜି ଅନୁଷ୍ଠିତ ହୋଇଯାଇଛି । ସଭାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଜିଲ୍ଲାରେ ଚାଲୁଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ବନ୍ଧରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ ସମସ୍ତଙ୍କୁ ସ୍ୱାଗତ କରି ସଭାର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ଇଣ୍ଡେକ୍ସ ରେଜିଷ୍ଟର, ଲଗ ବୂକ, ଗାର୍ଡ ଫାଇଲ, କ୍ୟାଶ ବୁକ ସବୁଦିନ ଅଦ୍ୟତନ କରି ରଖିବା ପାଇଁ କର୍ମଚାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ବିଧାନସଭାର ପ୍ରଶ୍ନ ସବୁକୁ ଗୁରତ୍ୱ ଦେଇ ଏହାର ଶୀଘ୍ର ପ୍ରତି ଉତର ଦେବା ପାଇଁ କହିଥିଲେ। ଜିଲ୍ଲାପାଳ ସମସ୍ତଙ୍କୁ ସମ୍ବୋଧନ କରି କହିଲେ ଯେ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ବିଭାଗ କ୍ରିୟାଶୀଳ ହେବା ପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ସମର୍ପିତ ଭାବରେ କାମ କରନ୍ତୁ। ଡେପୁଟି କଲେକ୍ଟର ମାନେ ସପ୍ତାହରେ ଥରେ, ଅତିରିକ୍ତ ଜିଲ୍ଲାପାଳ ୧୫ ଦିନରେ ଥରେ ଏବଂ ଜିଲ୍ଲାପାଳ ମାସକୁ ଥରେ ସମସ୍ତ ଲଗ ବୂକ, ଗାର୍ଡ ଫାଇଲ ନିରୀକ୍ଷଣ କରିବେ। ଫେବୃଆରୀ ମାସ ଶେଷ ସୁଧା ସମସ୍ତ ବିଭାଗୀୟ ଚିଠି ପତ୍ର ଓସୱାସ ମାଧ୍ୟମରେ ପ୍ରେରିତ ହେବ। ଓଡିଆ ଭାଷାରେ ସମସ୍ତ ଚିଠିପତ୍ର ଓ ବିବରଣୀ ପ୍ରସ୍ତୁତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷାରୁ ଜଣାଗଲା ଯେ, ଜିଲ୍ଲାରେ ଜମିପଟ୍ଟା ଗୁଡିକର ୨ ଖାନା ସଂଶୋଧନ କାର୍ଯ୍ୟ ୯୦.୫ ପ୍ରତିଶତ କରି ନୂଆପଡା ଜିଲ୍ଲା ସମଗ୍ର ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ଓସ୍ୱାସ ରେ ଜିଲ୍ଲାର ସମସ୍ତ ତହସିଲ ଏବଂ ବ୍ଲକ ରେ ଚିଠିପତ୍ର ଆଦାନ ପ୍ରଦାନ ହେଉଛି। ଓସ୍ୱାସ ମାଧ୍ୟମରେ ଚିଠିପତ୍ର ଆଦାନ ପ୍ରଦାନରେ ନୂଆପଡା ଜିଲ୍ଲା ସମଗ୍ର ରାଜ୍ୟରେ ୧୩ ତମ ସ୍ଥାନରେ ରହିଛି। ଏହାକୁ ପ୍ରଥମ ସ୍ଥାନରେ ରଖିବାକୁ ଜିଲ୍ଲାପାଳ ଅଧିକାରୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ସରକାରୀ ଯୋଜନାଗୁଡ଼ିକର ସୁବିଧା ସଠିକ୍ ହିତାଧିକାରୀଙ୍କ ପାଖକୁ ପହଂଚିବା ଓ ଜନସାଧାରଣଙ୍କ ସମସ୍ୟାର ତୁରନ୍ତ ସମାଧାନ କରିବା ପ୍ରତି ଗୁରୁତ୍ୱ ଦେବାକୁ ସେ ଅଧିକାରୀମାନଙ୍କୁ କହିଥିଲେ। ସେ ଅଧିକାରୀମାନଙ୍କୁ କ୍ଷେତ୍ର ପରିଦର୍ଶନ ବଢ଼ାଇ ଲୋକମାନଙ୍କ ସହ ସମ୍ପର୍କ ସ୍ଥାପନ କରିବାକୁ ଓ ଗୁରୁତ୍ୱପୂର୍ଣ୍ଣ ସେବା ପ୍ରଦାନ ନିଶ୍ଚିତ କରିବାକୁ କହିଥିଲେ। ବିଶେଷ କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରାଥମିକତାମୂଳକ ଯୋଜନା ଗୁଡ଼ିକର କାର୍ଯ୍ୟ ନିଷ୍ପାଦନରେ ଅବହେଳା କରାଯିବ ନାହିଁ । ଏହା ସହିତ ପ୍ରତି ମାସରେ ଉତମ କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ ପାଇଁ କନିଷ୍ଠ ରାଜସ୍ୱ ସହାୟକ, ବରିଷ୍ଠ ରାଜସ୍ୱ ସହାୟକ ଓ ବିଭାଗୀୟ ଅଧିକାରୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ଜିଲ୍ଲାପାଳ ଘୋଷଣା କରିଥିଲେ। ବିଭିନ୍ନ ବିଭାଗର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ସମନ୍ୱୟ ଓ ସହଯୋଗୀ ମନୋଭାବରେ କାମ କରିବା ଓ ସେବା ଯୋଗାଇ ଦେବା ପାଇଁ ଜିଲ୍ଲାପାଳ ଅଧିକାରୀ ମାନଙ୍କୁ ଆହ୍ୱାନ ଦେଇଥିଲେ।

# ପୁରୀ ଜିଲ୍ଲାର ସମସ୍ୟାକୁ ନେଇ ଆନ୍ଦୋଳନ ଓ ବିକ୍ଷୋଭ କରିବ ଯୁବ କଂଗ୍ରେସ

ପୁରୀ, ୧୮/୨ (ନି.ପ୍ର): ପୁରୀ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଓ ସାମ୍ବାଦିକ ସମ୍ମିଳନୀ ଭିଆଇପି ରୋଡ ସ୍ଥିତ ବେନସନ ହୋଟେଲ ଠାରେ ମଙ୍ଗଳବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ବିଭିନ୍ନ ସମସ୍ୟାକୁ ନେଇ ଯୁବ କଂଗ୍ରେସ ସରକାରଙ୍କ ବିରୋଧରେ ଜୋରଦାର ଲଢେଇ, ବିକ୍ଷୋଭ, ଆନ୍ଦୋଳନ ସହ ବନ୍ଦ ଡାକରା ଦେବ ବୋଲି ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ଓ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଆଲୋକ୍ କୁମାର ଦାଶ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଏହି ଅବସରରେ ଜିଲ୍ଲାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା । ଗତ ନିର୍ବାଚନରେ ଭୋଟ୍ ଚୋରି ସମ୍ପର୍କରେ ଗୁରୁତର ଅଭିଯୋଗ ଅଭିଯୋଗ କରିଥିଲେ । ଅନ୍ୟ ରାଜ୍ୟ ଓ ଜିଲ୍ଲାରୁ ଆସି ଭୋଟର କାର୍ଡ କରି ଭୋଟ ଦେବା ପାଇଁ ସମର୍ଥ ହୋଇଛନ୍ତି । ଆନ୍ଧ୍ରପ୍ରଦେଶ, କଲିକତା, ଝାଡଖଣ୍ଡ, ଛତିଶଗଡ଼ରୁ ଭୋଟର ଆସି ପୁରୀରେ ଭୋଟ ଦେଇଥିବା ଅଭିଯୋଗ ହୋଇଛି । ପୁରୀକୁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ଆସୁଛନ୍ତି । ତୀର୍ଥଯାତ୍ରୀଙ୍କ ପାଇଁ ଦାନ ସୂତ୍ରରେ ନିର୍ମାଣ ହୋଇଥିବା ପିଲିଗ୍ରିମ ହସପିଟାଲ ଏବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନାମରେ ନାମିତ ହୋଇଛି । ସେଠାରେ କୌଣସି ସୁବିଧା ରୋଗୀଙ୍କୁ ମିଳୁନାହିଁ । ନିର୍ବାଚିତ ପ୍ରତିନିଧି ସାଂସଦ ଓ ବିଧାୟକ ଚିକ୍କଣ କଥା କହୁଥିବା ବେଳେ ବଡ ବଡ ସମସ୍ୟା ସମାଧାନ କରିପାରୁ ନାହାନ୍ତି । ପୁରୀ ମେଡିକାଲ କଲେଜର ହସପିଟାଲ ଗୃହ ଶୀଘ୍ର ଶେଷ ନକଲେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପୁରୀରେ ପ୍ରବେଶ କରାଇ ଦିଆଯିବନାହିଁ ବୋଲି ଚେତାବନୀ ଦେଇଛନ୍ତି । ଲୋକାଲ ବିଧାନସଭା କ୍ଷେତ୍ରୀୟ ଚାଷୀ ସମସ୍ୟା, ଲୋକାଲ ବିଧାନସଭା ଅନ୍ତର୍ଗତ ସ୍ୱାସ୍ଥ୍ୟ ସେବା ସମସ୍ୟା, ବିଧାନସଭା ଅନ୍ତର୍ଗତ ପଂଚାୟତ ଓ ଏନଏସିରେ କେଉଁଠି କେତେ ରୋଡକାର୍ଯ୍ୟ ଏବଂ ରାସ୍ତା ଆଲୋକୀକରଣ, ପ୍ରତ୍ୟକ ବିଧାନସଭା କ୍ଷେତ୍ରରେ ବେକାରୀ ସମସ୍ୟାକୁ କେନ୍ଦ୍ରକରି ବିକ୍ଷୋଭ ପ୍ରଦର୍ଶନ, ପଂଚାୟତ ସ୍ତରରେ ଯୋଡୋ ପଂଚାୟତ ଯୋଡୋ ଯୁବକ କାର୍ଯ୍ୟକ୍ରମ, ମହିଳାଶକ୍ତି କ୍ଲବରେ ଯୁବ ମହିଳାଙ୍କୁ ସାମିଲ କରିବା, ଗାଁ ଗଣ୍ଡାରେ ଭୋଟ୍ ଚୋରି ପ୍ରତି ଜାଗ୍ରତ କରେଇବା ସହ ବୁଥ ଜୋଡୋ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବ କଂଗ୍ରେସ ଆପ୍ଲିକେସନରେ ଏଂଟ୍ରି କରେଇବା - ବୁଥ୍ ସ୍ତରରେ ଯୁବକଙ୍କୁ ଯୋଡିବା, ବିଧାନ ସଭା କ୍ଷେତ୍ରରେ ନିଜସ୍ୱ ବଳରେ ଯୁବ କଂଗ୍ରେସର ବୈଠକ କରି ଶତାଧିକ ଯୁବକଙ୍କୁ ଯୁବ କଂଗ୍ରେସରେ ସାମିଲ କରାଇବା, ନିଜସ୍ୱ ଅଂଚଳର ଏକ ବଡ ସମସ୍ୟାକୁ କେନ୍ଦ୍ରକରି ଶତାଧିକ ଯୁବକ ମାନଙ୍କୁ ନେଇ ବିକ୍ଷୋଭ ପ୍ରଦର୍ଶନ କରିବା, ପ୍ରତ୍ୟେକ ବିଧାନସଭା କ୍ଷେତ୍ରର ସମସ୍ୟା ଏବଂ କଂଗ୍ରେସର ଦଳୀୟ ପ୍ରଚାରକୁ ସରକାରଙ୍କ ଦୃଷ୍ଟିଗୋଚର କରିବା ନିମନ୍ତେ ୩୦ଟି ଏକ୍ସ ଆପ ଆଇଡି ପ୍ରସ୍ତୁତ କରି ପ୍ରତ୍ୟେକ ଦିନ ୧୦ ମିନିଟ ସେଥିରେ ସମୟ ଦେବା, ରାଜ୍ୟ ଯୁବ କଂଗ୍ରେସ ସଭାପତି, ପ୍ରଭାରୀଙ୍କ ସହ ଜିଲ୍ଲା ସଭାପତିଙ୍କ ପ୍ରତ୍ୟେକଟି ପୋଷ୍ଟକୁ ରି-ପୋଷ୍ଟ କରିବା ଏବଂ ନିଜ ଅଂଚଳର ସମସ୍ୟାକୁ ନିଜେ ପୋଷ୍ଟ କରି ସମାଧାନ କରିବା ।

# ଧାରାବାହିକ:

ଭାଗ-୩୩

# ସଂକ୍ଷିପ୍ତ ଭାଗବତ କଥାମୃତ

## ୧୦ମ ସ୍କନ୍ଧ, ଗୋପଲୀଳା



ଡ. ଶ୍ରୀହରି ପଣ୍ଡା



### ୭୦ ଅଧ୍ୟାୟ (ରାଜସଭାରେ ଶ୍ରୀକୃଷ୍ଣଙ୍କ ଯୋଗଦାନ ଓ ମଗଧ ଦୂତଠାରୁ ବାର୍ତ୍ତା ଶ୍ରବଣ)

ଶ୍ରୀଶୁକଦେବ କହିଲେ ହେ ରାଜା, ଦ୍ୱାରଦେଶରେ ରଜନୀ ପାହି ପ୍ରଭାତ ହୁଅନ୍ତେ କୁକୁଟ ଡାକ ଶୁଣି ଭଗବାନ ଶ୍ରୀକୃଷ୍ଣଙ୍କର ଆଲିଙ୍ଗାନ ବଦ୍ଧହୋଇ ଶୟନ କରିଥିବା ତାଙ୍କର ପ୍ରତ୍ୟେକ ପତ୍ନୀ ଆଶୁ ସ୍ୱାମୀ ବିଚ୍ଛେଦ ମନେ ପକାଇ କୁକ୍କୁଟକୁ ମନେ ମନେ ଭତ୍ସନା କରନ୍ତି । ମାତ୍ର ପ୍ରକୃତି ବଶତଃ ସେ ତାର ଡାକକୁ ବନ୍ଦ କରେନାହିଁ । କାକ, କୋକିଳ, କୁମ୍ଭାଟୁଆ ଆଦି ପକ୍ଷୀଗଣ ତା ସହିତ ଯୋଗ ହୋଇ ଭାଟମାନେ ପ୍ରଭାତରେ ବନ୍ଦନା ଗାନ କଲାପରି ଭଗବାନଙ୍କର ଯେପରିକି ସ୍ତୁତିଗାନ କରିଥାନ୍ତି । ଏହି ସମୟରେ ପାରିଜାତ ବନରୁ ପୁଷ୍ପ ସୌରଭ ବହନ କରି ବାୟୁ ମୃଦୁ ମୃଦୁ ବୋହୁଥାଏ । ଚତୁର୍ଦ୍ଦିଗରେ ଏକ ଶାନ୍ତ ଶୀତଳ ସ୍ୱର୍ଗୀୟ ବାତାବରଣ ସୃଷ୍ଟି ହେଉଥାଏ । ପ୍ରଭୁ ଶ୍ରୀକୃଷ୍ଣ ଦେବୀ ରୁକ୍ମିଣୀଙ୍କର ବାହୁ ବନ୍ଧନ ତ୍ୟାଗ କରି ଗାତ୍ର  ।ନ କଲେ ଓ ସୁବାଶିତ ଜଳରେ ମୁଖ ପ୍ରକ୍ଷାଳନ କରି ନିଜର ମାୟାତୀତ ଆତ୍ମସ୍ୱରୂପାନନ୍ଦ ପରମବ୍ରହ୍ମଙ୍କୁ ଧ୍ୟାନ କଲେ । ଏହାପରେ ସ୍ନାନମାର୍ଜନାଦି ନିତ୍ୟକର୍ମ ଶେଷ କରି ପବିତ୍ର ପୀତ ବସନ ପରିଧାନ ପୂର୍ବକ ଆଦର୍ଶ ଗୃହସ୍ଥାଶ୍ରମୀ ପୁରୁଷ ବତ ବେଦ ମନ୍ତ୍ର ଗାୟତ୍ରୀଜପ, ଅନଳପୂଜାମ ଦେବ, ଋଷି ଓ ପିତୃଗଣଙ୍କର ତର୍ପଣାଦି ସମାପନ କଲେ । ତତପରେ ବୃଦ୍ଧ, ବାଳକ, ବିପ୍ରଗଣଙ୍କର ସେବାକରି ଦୁଗ୍ଧଦାୟିନୀ ଧେନୁଙ୍କ ଶୃଙ୍ଗରେ ସୁବର୍ଣ୍ଣ ଓ ଖୁରାରେ ରୌପ୍ୟ ଛାଉଣୀ କରି ନିର୍ମଳ କୃଷ୍ଣାଜିନରେ ଅଙ୍ଗ ଆଚ୍ଛାଦନ କରି ବିପ୍ରମାନଙ୍କୁ ଦାନକଲେ । ଏହାପରେ ପୁରବାସୀ ବ୍ରାହ୍ମଣାଦି ଚାରିବର୍ଣ୍ଣଙ୍କୁ ଧନ, ବସ୍ତ୍ର, ଭୁଷଣ ଆଦି ଦାନକରି ମଧୁର ବାକ୍ୟ କହି ସେମାନଙ୍କର ସନ୍ତୋଷ ବିଧାନ କଲେ । ଏହା ପ୍ରଭୁ ଶ୍ରୀକୃଷ୍ଣଙ୍କର ନିତ୍ୟ ନୈମିତ୍ତିକ ପ୍ରାତଃକର୍ମ । ଏହୋପରେ ଦାରୁକ ଦ୍ୱାରା ଆନିତ ସୁସଜ୍ଜିତ ରଥରେ ସାତ୍ୱ୍ୟକି ଓ ଉଦ୍ଧବଙ୍କ ସହ ଆରୋହଣ କରି ଉଗ୍ରସେନଙ୍କ ରାଜସଭାକୁ ଗମନ କଲେ । ଉଗ୍ରସେନଙ୍କୁ ଯାଥାବିଧି ସମ୍ମାନ ପ୍ରଦର୍ଶନ କରି ସଭା ମଧ୍ୟରେ ସ୍ୱର୍ଣ୍ଣ ସିଂହସନରେ ଉପବେସନ କରିବାରୁ ଭଗବାନ ଶ୍ରୀକୃଷ୍ଣ ଯଦୁବଂଶ ମଧ୍ୟରେ ନକ୍ଷତ୍ର ପରିବେଷ୍ଟିତ ଚନ୍ଦ୍ର ତୁଲ୍ୟ ପ୍ରତିଭାତ ହେଲେ । ନଟ, ନଟୀ, ସୂତ ମାଗଧମାନେ ବାଦ୍ୟ ବଜାଇ ଭଗବାନ ଶ୍ରୀକୃଷ୍ଣଙ୍କର ଓ ପୂର୍ବ ପୁରୁଷମାନଙ୍କର ଗୁଣମହିମାଦି କୀର୍ତ୍ତନ କରିବାକୁ ଲାଗିଲେ । ଏହି ସମୟରେ ମଗଧ ରାଜା ଦୁଷ୍ଟ ଜରାସନ୍ଧ ଯେଉଁ ରାଜାମାନଙ୍କୁ ବନ୍ଦୀ କରି ଉତ୍ପୀଡନ କରୁଥିଲା ସେମାନେ ଗୁପ୍ତରେ ପଠାଇଥିବା ଦୂତ ରାଜ ସଭା ମଧ୍ୟରେ ଉପସ୍ଥିତ ହୋଇ ଭଗବାନଙ୍କୁ ସାଷ୍ଟାଙ୍ଗ ଅଭିବାଦନ କରି କହିଲା, ହେ ମହାବାହୁ, ଯଦୁକୁଳନାଥ ପ୍ରବଳପ୍ରତାପୀ ଦୁଷ୍ଟ ଜରାସନ୍ଧର ବନ୍ଦୀ ଗୃହରେ ଆମ୍ଭେମାନେ ନିର୍ମମ ଭାବେ ଅତ୍ୟାଚାରିତ ହୋଇ ଅତ୍ୟନ୍ତ ଦୁଃଖରେ କାଳାତିପାତ କରୁଅଛୁ । ହେ ଅଶରଣର ଶରଣ, ହେ ଆରତ ନାଶନ, ଭୟଭଞ୍ଜନ, ଦୁଷ୍ଟଦଳନ, ସନ୍ଥପାଳନବାନା ତୁମର ଅଭୟପାଦ ବ୍ୟତୀତ ଆମର କେଉଁଠାରେ ଆଶ୍ରୟ ନାହିଁ । ଏବେ ତୁମର ଅଭୟ ଶ୍ରୀଚରଣରେ ଶରଣ ପଶିଲୁ । ହେ ପ୍ରଭୁ, ଆମେ ଆମର କୃତକର୍ମର ଫଳ ହିଁ ଭୋଗ କରୁଛୁ, ରାଜଐଶ୍ୱର୍ଯ୍ୟ ଭୋଗକରି ଉନ୍ମତ୍ତ ହୋଇ ପ୍ରଜାରଞ୍ଜନ ପରିବର୍ତ୍ତେ ପ୍ରଜାପୀଡନ କଲୁ, ମୃତ୍ୟୁ ଭୟକୁ ପାଶୋରି ନିର୍ଦ୍ଦୟ କର୍ମରେ ଲିପ୍ତ ରହିଲୁ । ତୁମର ମାୟାର ଆବର୍ତ୍ତ ମଧ୍ୟରେ ପଡିଯାଇ ଅଗ୍ରପଶ୍ଚାତ ଶୁଭାଶୁଭ ବିଚାର କରିପାରିଲୁ ନାହିଁ । ତୁମେ ଏକ ଅଦ୍ୱିତୀୟ ଜୀବାତ୍ମା ଓ ପରମାତ୍ମା । ତୁମରି ଦୟାରେ ଜୀବ ମାୟା ଶକ୍ତିର ବିନାଶ କରେ, ତୁମେ ଅବ୍ୟୟ, ଅକ୍ଷୟ, ଅବିନାଶୀ, ମହାମାୟାଧର, ଧର୍ମ ସଂସ୍ଥାପନ ପାଇଁ ନିଜ କଳାରେ ନିଜେ ଅବତାର ଗ୍ରହଣ କର । ତୁମେ ପରମ ଦୟାଳୁ, ପୁରାଣପୁରୁଷ, ବିଶ୍ୱବ୍ୟାପୀ, ଯିଏ ତୁମ ଅଭୟ ଚରଣକୁ ଆଶ୍ରାକରେ ସେ ସମସ୍ତ ଭବଭୟ ଓ ତ୍ରିତାପରୁ ମୁକ୍ତ ହୁଏ । ମାତ୍ର ଆମ୍ଭେ ଏହି ଅନ୍ନମୟ ପିଣ୍ଡଧାରୀ ଅଜ୍ଞାନ ଅକିଞ୍ଚନ ତୁମର ଆରାଧନାର ପଦ୍ଧତି ଜାଣୁନାହିଁ । ସ୍ୱପ୍ନପରି ଅଳୀକ ସୁଖରେ ନିମଜ୍ଜିତ ଥାଇ ଦୁଷ୍କର୍ମରେ ଲିପ୍ତ ରହିବାର ଫଳ ପାଇଗଲୁ । ହେ ଶରଣ ରକ୍ଷଣ ଆମର ଅପରାଧ ମାର୍ଜନା କରି ଆମ୍ଭମାନଙ୍କୁ ଏହି ଜରାସନ୍ଧ କବଳରୁ ରକ୍ଷାକର । ଆମେ କେବେ ହେଲେ ଅନ୍ୟାୟ, ଅଧର୍ମ ଓ ଅନୀତିର ବଶବର୍ତ୍ତୀ ହେବୁନାହିଁ । ଏହି ଜରାସନ୍ଧ ଅତ୍ୟନ୍ତ ଖଳ, ଦୁଷ୍ଟ ଓ ପ୍ରପୀଡକ, ଧୂମକେତୁ ପରି ଆମ୍ଭର ଭାଗ୍ୟାକାଶରେ ବ୍ୟାପି ରହିଅଛି । ଆମ୍ଭକୁ ବନ୍ଦୀକରି ଯାତନାଦେବାସହ ତୁମର ମାୟାକୁ ବୁଝି ନପାରି ସତରଥର ଯୁଦ୍ଧରେ ଜିଣିଲା ବୋଲି ମନରେ ବିଚାର କରି ଆନନ୍ଦିତ ହେଉଅଛି । ଆମ୍ଭମାନଙ୍କୁ ତୁମ ଶରଣରେ ଗ୍ରହଣ କର, ମାର ବା ରକ୍ଷାକର ତୁମର ଇଚ୍ଛା । ହେ ମଧୁସୂଦନ ତୁମେ ହିଁ ଆମମାନଙ୍କର ଏକମାତ୍ର ଶରଣ । ରାଜଦୂତ ଏପରି କହୁଥିବା ସମୟରେ ଦେବର୍ଷି ନାରଦ ସେଠାରେ ଉପସ୍ଥିତ ହେଲେ । କୋଟି ବ୍ରହ୍ମାଣ୍ଡର ନାଥ ହୋଇ ମଧ୍ୟ ଭଗବାନ ଶ୍ରୀକୃଷ୍ଣ ସ୍ୱ ଆସନରୁ ଉଠି ତାଙ୍କୁ ପ୍ରଣତି ଜଣାଇ ସୁବର୍ଣ୍ଣ ଆସନରେ ବସାଇ କୁଶଳ ଜିଜ୍ଞାସା କଲେ । ପରେ ଦେବର୍ଷିଙ୍କୁ କୋମଳ କଣ୍ଠରେ ପଚାରିଲେ, ହେ ନିରହଙ୍କାର, ଭେଦଭାବ ବର୍ଜିତ ଦେବର୍ଷି ତୁମେ ତ ତ୍ରିଲୋକରେ ଭ୍ରମଣ କରୁଛ, ଦୟାକରି ମୋତେ ମୋର ସୁହୃଦ ପାଣ୍ଡବମାନେ ମାତା କୁନ୍ତୀଙ୍କ ସହିତ ବାରୁଣାବନ୍ତରେ ଆନନ୍ଦରେ ବାସ କରୁଛନ୍ତି କି ? ଏବଂ ସେମାନଙ୍କର ପରବର୍ତ୍ତୀ ଯୋଜନା କଣ ? ଦେବର୍ଷି କରଯୋଡି କହିଲେ,ହେ ନାଥ ! ବିଶ୍ୱନିୟନ୍ତା, ସର୍ବ ଜଗତ ତୁମର ଭିଆଣ, ତୁମରି କରଣୀ । ସମସ୍ତେ ତୁମରି ମାୟାରେ ମୋହିତ । ସର୍ବ ଜଗତର ଚକ୍ଷୁ ତୁମେ । ଅଗ୍ନିପରି ଗୁପ୍ତଭାବେ ସର୍ବତ୍ର ଅବସ୍ଥାନ କରୁଛ । ତୁମକୁ କଣ ବା ଅଜଣା ତଥାପି ଯଦି ମୋ ପ୍ରତି କୃପାହେତୁ ପ୍ରଶ୍ନ ପଚାରିଲ ତେବେ କହୁଛି ଅବଧାନ ହେଉ । ହେ ପ୍ରଭୁ, ତୁମରି ପିତୃସ୍ୱାସା କୁନ୍ତୀ ଦେବୀଙ୍କର ଯୁଧିଷ୍ଠିର ପ୍ରମୁଖ ପଞ୍ଚପୁତ୍ର ତୁମରି ଭକ୍ତ ଅଟନ୍ତି । ସେମାନେ ମାତାଙ୍କ ସହ କୁଶଳରେ ଅଛନ୍ତି । ଧର୍ମରାଜ ରାଜସ୍ୱୟ ଯଜ୍ଞ କରିବାକୁ ମନରେ ବିଚାର କରୁଛନ୍ତି । କେବଳ ତୁମରି କୃପାହେଲେ ତାଙ୍କର ଇଚ୍ଛାପୂର୍ଣ୍ଣ ହେବ । ସେ ଅବିଳମ୍ବେ ତୁମରି ଚରଣ ପୂଜାକରି ତାଙ୍କର ଉଦ୍ଦେଶ୍ୟ ଜ୍ଞାପନ କରିବେ । ସେ ସଭାରେ ଜଗତଜନ ତୁମର ଶ୍ରୀଚରଣ ଦର୍ଶନ କରି ଧନ୍ୟହେବେ । ଯେଉଁ ଶ୍ରୀଚରଣରୁ ତ୍ରିପଥଗାମୀ ଗଙ୍ଗାଙ୍କର ଉତ୍ପତ୍ତି ସେହି ମହାନ ତୀର୍ଥ ଦର୍ଶନ ପୂର୍ବକ ସମସ୍ତେ ଉଦ୍ଧାର ପାଇବେ । ଏଣୁ ଯୁଧିଷ୍ଠିରକୁ ଆଜ୍ଞାହେଉ, ସେ ରାଜସୂୟ ଯଜ୍ଞ ଆରମ୍ଭ କରନ୍ତୁ । ଦେବର୍ଷିଙ୍କ ନିକଟରୁ ଏପରି ଶୁଣି ଭଗବାନ ନିଜର ମନ୍ତ୍ରୀ ଉଦ୍ଧବଙ୍କୁ ଡାକି ତାଙ୍କ ସହ କଥୋପକଥନ କଲେ ।

### ୭୧ ଅଧ୍ୟାୟ ( ଶ୍ରୀକୃଷ୍ଣଙ୍କ ଇନ୍ଦ୍ରପ୍ରସ୍ଥ ଆଗମନ)

ଶ୍ରୀଶୁକଦେବ କହିଲେ, ଉଦ୍ଧବ, ଭଗବାନ ଶ୍ରୀକୃଷ୍ଣଙ୍କ ସହିତ କଥୋପକଥନ ସମୟରେ କର ଯୋଡି କହିଲେ, ପ୍ରଭୁ ସଂସାରର ମଙ୍ଗଳ ନିମିତ୍ତ ତୁମର ଜନ୍ମ । ଦେବର୍ଷି ନାରଦ ଯାହା କହିଲେ ପିତୃସ୍ୱସା କୁନ୍ତୀଦେବୀଙ୍କର ପରମଧାର୍ମିକ ପଞ୍ଚପୁତ୍ର ତୁମର ଏକାନ୍ତ ଅନୁଗତ । ତାଙ୍କର ରାଜସୁୟ ଯଜ୍ଞରେ ତୁମେ ସହାୟକ ହେଲେ ଯଜ୍ଞ ନିର୍ବିଘ୍ନରେ ସମ୍ପନ୍ନ ହେବା ସହ ଜରାସନ୍ଧ, ଶିଶୁପାଳ ଆଦି ଉତ୍ପୀଡକ ରାଜାମାନଙ୍କର ବିନାଶ ହେବ । ଉଭୟ କାର୍ଯ୍ୟ ସାଧନ ଫଳରେ ସଂସାର ଦୁଃଖନାଶ ସହ ପ୍ରଜାମଙ୍ଗଳ ହେବ ଏବଂ ତୁମର ଯଶକୀର୍ତ୍ତି ଚତୁର୍ଦ୍ଦିଗରେ ପ୍ରସାରିତ ହେବ । ହେ ସର୍ବଜ୍ଞାତା, ଜରାସନ୍ଧକୁ ମାରିବାକୁ ଯୋଜନା ପ୍ରସ୍ତୁତ କରିବାକୁ ହେବ କାରଣ ସେ ମହାବୀର ଓ ବିଂଶ ହସ୍ତୀର ପରାକ୍ରମ ତାଠାରେ ଅଛି । ତାକୁ ପରାସ୍ତ କରିବାକୁ ତୁମର ଆଶୀର୍ବାଦ ଏକାନ୍ତ ଆବଶ୍ୟକ । ସେ ବ୍ରାହ୍ମଣ ଯାଚକଙ୍କୁ କେବେ ବି ଉପେକ୍ଷା କରେନାହିଁ, ଏଣୁ ପ୍ରଭୁ ତୁମେ, ଭୀମ ଓ ଅର୍ଜ୍ଜୁନଙ୍କ ସହ ବ୍ରାହ୍ମଣ ବେଶରେ ଯାଇ ତାକୁ ସତ୍ୟ କରାଇ ଯୁଦ୍ଧ କାମନା କରନ୍ତୁ । ସେ ଆଶ୍ଚର୍ଯ୍ୟ ହୋଇ ତୁମ ତିନିଜଣ ମଧ୍ୟରୁ ହୃଷ୍ଟପୁଷ୍ଟ ଭୀମକୁ ଯୁଦ୍ଧ ପାଇଁ ପସନ୍ଦ କରିପାରେ । ଜରାସନ୍ଧ ମଲେ ସେ ବନ୍ଦୀ କରିଥିବା ଲକ୍ଷେ ରାଜାମୁକ୍ତ ହୋଇ ତୁମର ପ୍ରଶଂସା କରିବେ ଏବଂ ନିଜ ପରିବାର ସହିତ କାଳାତିପାତ କରିବେ ଏବଂ ସେହି ରାଜାମାନଙ୍କୁ ରାଜସୂୟ ଯଜ୍ଞନିମିତ୍ତ ନିମନ୍ତ୍ରଣ ଏକାଠି କରିପାରିବେ । ତୁମର ବିପଦଭଞ୍ଜନ ରୂପକୁ ଗୋକୁଳବାସୀମାନେ ଗାନ କରୁଛନ୍ତି । ଦୁଷ୍ଟ କଂସକୁ ବଧକରି ପିତାମାତା, ଆତ୍ମୀୟସ୍ୱଗନ ଓ ପ୍ରଜାଗଣକୁ ରକ୍ଷା କରିଥିଲ , କୁମ୍ଭୀରକୁ ଚକ୍ରରେ ନାଶି ଗଜୋଦ୍ଧାରଣ, ରାମ ରୂପରେ ରାବଣକୁ ମାରି ସୀତା ଉଦ୍ଧାର ଆଦି ପ୍ରସଙ୍ଗ ଯୁଗେଯୁଗେ ଧରି ଲୋକମୁଖରେ ପ୍ରଚାରିତ ହୋଇଆସୁଛି । ସେହିପରି ଜରାସନ୍ଧ ମଲେ ରାଜାମାନେ ତୁମର ଜୟଗାନ କରିବା ସହ ରାଜସୁୟ ଯଜ୍ଞରେ ସକ୍ରିୟ ଅଂଶଗ୍ରହଣ କରି ଧନ୍ୟହେବେ । ଏହିକଥା ଶୁଣି ଭଗବାନ ସନ୍ତୋଷ ପ୍ରକାଶ କରିବା ସହ ନାରଦାଦି ଯଦୁବଂଶୀଗଣ ଶ୍ରୀଉଦ୍ଧବଙ୍କୁ ପ୍ରଶଂସା କଲେ । ଏହାପରେ ପ୍ରଭୁ ଦାରୁକ ଓ ସତ୍ୟକିକୁ ଡାକି ଇନ୍ଦ୍ରପ୍ରସ୍ଥ ଯାତ୍ରା ନିମନ୍ତେ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଲେ । ଶ୍ରୀକୃଷ୍ଣଙ୍କ ଆଦେଶରେ ତୁରଙ୍ଗବାହିନୀ ସହ, ରଥ, ଗଜ,ପଦାତି ବିଭିନ୍ନ ପୋଷାକରେ ସଜ୍ଜିତ ହୋଇ କୋଳାହଳରେ ଗଗନ ପବନ ପ୍ରକମ୍ପିତ କରିବାକୁ ଲାଗିଲେ । ଶ୍ରୀକୃଷ୍ଣ ଅଷ୍ଟ ପାଟବଂଶୀଙ୍କ ସହ ରଥାରୋହଣ କଲେ ଏବଂ ଲକ୍ଷେରାଜାଙ୍କ ଦୂତକୁ ଅଭୟ ଦେଇ କହିଲେ ଯାଥାସମୟରେ ମୁଁ ଜରାସନ୍ଧକୁ ବଧକରି ସେମାନଙ୍କୁ ମୁକ୍ତ କରିବି ଏହି ସମ୍ବାଦ ରାଜାମାନଙ୍କୁ ଦେବାକୁ ନିର୍ଦ୍ଦେଶ ଦେଲେ । ଦୂତ ନିକଟରୁ ସମ୍ବାଦ ପାଇ ରାଜାମାନେ ଆଶ୍ୱସ୍ତ ହେବା ସହ ଦୂରରୁ ଭଗବାନଙ୍କ ଶ୍ରୀଚରଣରେ ପ୍ରଣତି ଜଣାଇ ଶୁଭ ଦିନ ଅପେକ୍ଷାରେ ରହିଲେ । ଭଗବାନ ଶ୍ରୀକୃଷ୍ଣ ଇନ୍ଦ୍ରପ୍ରସ୍ଥରେ ପହଞ୍ଚି ଶଙ୍ଖନାଦ କରିବାରୁ ଯୁଧିଷ୍ଠିର ସେହି ଧ୍ୱନି ଶୁଣି ଆନନ୍ଦରେ ଗଦଗଦ ହେଲେ ଏବଂ ଗୀତ, ବାଦ୍ୟ, ବିପ୍ରମାନଙ୍କ ମନ୍ତୋଚ୍ଚାରଣ ମଧ୍ୟରେ ମଙ୍ଗଳଧ୍ୱନି ଓ ପୁଷ୍ପବୃଷ୍ଟି ମଧ୍ୟରେ ଭଗବାନଙ୍କୁ ପାଛୋଟି ଆଣିବାକୁ ଗଲେ । ସେ ପ୍ରଭୁଙ୍କୁ ଦର୍ଶନ କରି ମୃତବ୍ୟକ୍ତି ଶରୀରରେ ପ୍ରାଣସଞ୍ଚାର ହେବା ଭଳି ଉପଲବ୍ଧି କଲେ । ଦେବର୍ଷିଙ୍କଠାରୁ ନିଜ ପିତା ପଣ୍ଡୁ ମହାରାଜ ବ୍ରହ୍ମହତ୍ୟା ପାତକ ହେତୁ ନର୍କଭୋଗ କରି ବହୁ କଷ୍ଟରେ ଅଛନ୍ତି ଏବଂ ତାଙ୍କର ପୁତ୍ର ରାଜସୁୟ ଯଜ୍ଞକଲେ ସେ ପରିତ୍ରାଣ ପାଇବେ ବୋଲି କହିବାରୁ ଯୁଧିଷ୍ଠିର ଯଜ୍ଞର ଆୟୋଜନ କରିବାକୁ ଚାହିଁଲେ ମଧ୍ୟ ନିଜର ସ୍ୱଳ୍ପ ସମ୍ବଳ କାରଣରୁ କଷ୍ଟସାଧ୍ୟ ଜାଣି ଭଗବାନଙ୍କର ସାହାଯ୍ୟ ଲୋଡିଛନ୍ତି । ଭଗବାନ ମଧ୍ୟ ତାଙ୍କ ଅନୁରୋଧ ରକ୍ଷା କରି ପହଞ୍ଚିବାରୁ ତାଙ୍କର ମନସା ନିଶ୍ଚୟ ପୂର୍ଣ୍ଣ ହେବ ଜାଣି ଆନନ୍ଦିତ ହେଲେ । ଯୁଧିଷ୍ଠିର ଉଲ୍ଲସିତ ହୋଇ ରଥ ନିକଟରେ ପହଞ୍ଚିବା ବେଳକୁ ଭଗବାନ ସ୍ୱୟଂ ରଥରୁ ଅବତରଣ କରି ଯୁଧିଷ୍ଠିର ଜ୍ୟୋଷ୍ଠ କାରଣରୁ ତାଙ୍କୁ ପ୍ରଣତି ଜଣାଇ ଅନ୍ୟପାଣ୍ଡବମାନଙ୍କୁ କୋଳାଗ୍ରତ କରି ମୁଖରେ ଚୁମ୍ବନ ଦେଲେ ଏବଂ ବୟସ୍କମାନଙ୍କୁ ଯଥାବିଧି ମାନ୍ୟ କଲେ । ସୂତ ଓ ମାଗଧମାନେ ସ୍ତୁତିପାଠ କଲେ, ବ୍ରାହ୍ମଣ ମାନେ ମଙ୍ଗଳହଗାନ କରିବା ବେଳେ ନଟପୁରୁଷନାରୀମାନେ ବାଦ୍ୟ ବଜାଇ ନୃତ୍ୟକଲେ । ପୁରନାରୀମାନେ ଭଗବାନଙ୍କ ରୂପମାଧୁରୀ ଦର୍ଶନ କରି ନିଜକୁ ଧନ୍ୟ ମନେକଲେ । ଭଗବାନଙ୍କର ଆଗମନ ବାର୍ତ୍ତା ଶ୍ରବଣ କରି କୁନ୍ତୀ ଶ୍ରୀକୃଷ୍ଣ ଦର୍ଶନ ଆଶାରେ ଧାଇଁ ଗଲେ ଏବଂ ଭ୍ରାତୃସ୍ପୁତ୍ର କାରଣରୁ ଭଗବାନ ତାଙ୍କର ଚରଣ ବନ୍ଦନା କଲେ । ସୁଭଦ୍ରା ଓ ଦ୍ରୌପଦୀ ଆସି ଅର୍ଘ୍ୟ ବନ୍ଦାପନା କରି ଅଷ୍ଟପାଟବଂଶୀଙ୍କୁ ଅନ୍ତପୁରକୁ ନେଇଗଲେ । ଯୁଧିଷ୍ଠିରଙ୍କ ରାଜଭବନର ପଟାନ୍ତର ନାହିଁ । ବୀର ଅର୍ଜ୍ଜୁନ ଖାଣ୍ଡବ ବନ ଦହନ ସମୟରେ ମୟ ଶିଳ୍ପୀକୁ ରକ୍ଷା କରିଥିବାରୁ କୃତଜ୍ଞତାର ନିଦର୍ଶନ ସ୍ୱରୂପ ସେ ଅତୁଳ, ସୌନ୍ଦର୍ଯ୍ୟମୟ, କାରୁକାର୍ଯ୍ୟ ଖଚିତ ସ୍ୱର୍ଗ ଦୁର୍ଲ୍ଲଭ ଭବନକୁ ସେମାନଙ୍କ ବାସ ନିମନ୍ତେ ନିର୍ମାଣ କରିଥିଲେ । ସେହିପୁର ଭଗବାନ ଶ୍ରୀକୃଷ୍ଣଙ୍କୁ କୋଳରେ ଧରି ନିଜର ଶୋଭା ବୃଦ୍ଧିକଲା । ( କ୍ରମଶଃ )

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

ସମ୍ପର୍କର ସିଡ଼ି

# ମାଆକୁ ଅପେକ୍ଷା କରିବାନାହିଁ



ଶ୍ୱେତା ରାଉତ୍

ମାଆ ଏ ସଂସାରରେ ଏକ ମାତ୍ର ସୃଷ୍ଟି ଯିଏ ଅଣୁଟିଏ ହୋଇ ଗର୍ଭସ୍ଥ ହେବାଦିନରୁ ସାଙ୍ଗରେ ରହିଥାଏ। ତା ଜୀବନର ଗୋଟିଏ ଲକ୍ଷ ଥାଏ, ସଂସାରରେ ଯାହା ଘଟୁଛି ଘଟିଯାଉ ପଛେ, ତା ପିଲାମାନେ ଭଲରେ ଥାଆନ୍ତୁ।ପୁଅର ପ୍ରଥମ ନିଃଶ୍ୱାସ ମାଆ ଅନୁଭବ କରିଥିବା ବେଳେ, ମାଆର ଶେଷ ନିଃଶ୍ୱାସ ବେଳେ ପୁଅ ଥାଏ। ପୁଅକୁ ପ୍ରଥମ ପୋଷାକ ମାଆ ପିନ୍ଧାଇ ଥାଏ ଆଉ ମାଆର ଶେଷ ଧଳା ଶାଢ଼ୀ ଖଣ୍ଡକ ପୁଅକୁ ପିନ୍ଧାଇଥାଏ। ପୁଅର ଜନ୍ମ ପ୍ରମାଣପତ୍ର ମାଆ ଦସ୍ତଖତ କରିଥିବା ବେଳେ, ମାଆର ମୃତ୍ୟୁ ପ୍ରମାଣପତ୍ର ପୁଅ ଦସ୍ତଖତ କରେ। ପୁଅ ଜନ୍ମହେବା ଖୁସିରେ ମାଆ ଭୋଜି ଦେଉଥିବା ବେଳେ ମାଆର ମୃତ୍ୟୁ ଭୋଜ ପୁଅ ଦେଇଥାଏ। ମାଆ ଏନ୍ତୁଡ଼ିରେ ନିଆଁ ଜାଳି ପୁଅକୁ ଦୁନିଆ ଦେଖାଇଥବାକୁ ପ୍ରସ୍ତୁତ କରେ ଓ ପୁଅ ମା ମୁହଁରେ ନିଆଁ ଦେଇ ଦୁନିଆରୁ ତାକୁ ବିଦାୟ ଦିଏ। କି ଅଦ୍ଭୁତ ଏ ସୃଷ୍ଟି ସତରେ ! ମାଆ ଆଉ ପୁଅର ଏ ସମ୍ପର୍କର ଯାତ୍ରା କେତେ ନିବିଡ ଆଉ ପବିତ୍ର। ମାଆ କେବଳ ଦେବା ଜାଣେ, ସେଥିପାଇଁ ସେ ଦେବୀ। ପୁଅଠୁ କିଛି ଆଶା ନଥାଏ ମାଆର, ବରଂ ପୁଅର ମଙ୍ଗଳ ପାଇଁ ଈଶ୍ୱରଙ୍କ ସହିତ ବି ଲଢ଼ିଯାଏ ମା'। ମାଆର ଗାଳି, ମାଡ, ଆକଟ, ଶାସନ ସବୁ ଭିତରେ କେବଳ ପୁଅ ପ୍ରତି ମମତା ଓ ଚିନ୍ତା ଥାଏ ଯାହା ଆଜିକାଲି ପିଲାମାନେ ବୁଝି ପାରନ୍ତିନି।ମାଆର ଆକଟରୁ ମୁକ୍ତ ହେବାକୁ ଚାହାନ୍ତି, ମାଆର ଦାୟିତ୍ୱରୁ ମୁକ୍ତ ହେବାକୁ ଚାହାନ୍ତି, ମାଆକୁ ନିଜ ଜୀବନରୁ ବାହାର କରିଦେଲେ ଖୁସି ରହିବେ ଭାବି ଅକଥନୀୟ ଅତ୍ୟାଚାର କରନ୍ତି ଯାହା ହୃଦୟ ବିଦାରକ ହୋଇଥାଏ।

ମାଆ ଥିବା ବେଳେ ମାଆକୁ ଅନୁଭବ କରିହୁଏ ନାହିଁ, ମାଆର ତ୍ୟାଗ, ଅବଦାନ, ବଳିଦାନ ସବୁ ଯେମିତି ସାଧାରଣ ମନେହୁଏ। ମାଆ ଚାଲିଗଲା ପରେ ସେ ଅପୂରଣୀୟ ସ୍ଥାନଟି ଈଶ୍ୱର ବି ପୂରଣ କରି ପାରନ୍ତିନାହିଁ। ଜଣଙ୍କ ସଫଳତାରେ ସାରା ସଂସାର ଯେତେବେଳେ ଈର୍ଷା କରନ୍ତି, କେବଳ ମାଆ ହିଁ ତା ପିଲାର ଆନନ୍ଦରେ ଆତ୍ମବିଭୋର ହୁଏ। ମାଆର ଆଦର, ଯତ୍ନ, ସେବା, ସମର୍ପଣ, ମମତା ସବୁ ସେତେବେଳେ ଅନୁଭବ ହୁଏ ଯେତେବେଳେ ମାଆ ଦୁନିଆରୁ ଚାଲିଯାଏ।ମୋହ ମାୟା,ସ୍ୱାର୍ଥବାଦୀର ସଂସାର ଭିତରେ ଏକା ହୋଇଯିବା ବେଳେ ମାଆ ମନେପଡେ। ଯେତେ ଛାତି ପିଟି କାନ୍ଦିଲେ ବି ମାଆ ଫେରେନାହିଁ, କେବଳ ପାଶ୍ଚାତାପ ରହିଯାଏ।ତେଣୁ ଯେଉଁମାନଙ୍କ ପାଖରେ ମାଆ ଅଛି, ବଞ୍ଚିଥିବା ବେଳେ ତାର ମୂଲ୍ୟ ବୁଝନ୍ତୁ, ମାଆକୁ ଭଲ ପାଆନ୍ତୁ। ମାଆକୁ ବହୁତ ବଡ ଘର, ଗାଡ଼ି, ବଙ୍ଗଳା, ଟଙ୍କା, ସୁନା, ଚାକର, ପୂଜାରୀ ଦରକାର ନଥାଏ, କେବଳ ଦରକାର ଥାଏ ତା ପୁଅର ସ୍ନେହ,ପଦେ ମିଠା କଥା, ଟିକେ ସମୟ ଆଉ ତା ପୁଅ ମୁହଁରେ ହସ। ପାରିବେ ଯଦି ନିଜ ମାଆକୁ ଥରେ ଆଲିଙ୍ଗନ କରି ଅନୁଭବ କରନ୍ତୁ ଏହାଠାରୁ ଅଧିକ ଶାନ୍ତି ଈଶ୍ୱର ବି ଦେଇପାରିବେ ନାହିଁ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ପାଟିରେ ଶ୍ୱାସପ୍ରଶ୍ୱାସ: ଲକ୍ଷଣରହିତ ମହାମାରୀ



ପାଟିବାଟେ ନିଃଶ୍ୱାସପ୍ରଶ୍ୱାସ ନେବା ହାନିକାରକ ନୁହେଁ ବୋଲି ମନେ ହୁଏ। ସାଧାରଣତଃ ଥଣ୍ଡା ଧରିଥିବା ବେଳେ ମନୁଷ୍ୟ ପାଟିବାଟେ ଶ୍ୱାସକ୍ରିୟା ସମ୍ପାଦନ କରେ। କିନ୍ତୁ, ଏ ଅଭ୍ୟାସ କ୍ରମଶଃ ବୃଦ୍ଧି ପାଇଚାଲିଥିବା କଥା ଡାକ୍ତରମାନେ କହୁଛନ୍ତି। ଏତାଦୃଶ ଅଭ୍ୟାସ ସମ୍ପ୍ରତି ପିଲା, କିଶୋର ଓ କର୍ମକ୍ଷେତ୍ରରେ ନିଯୁକ୍ତ ଯୁବାଙ୍କଠାରେ ପରିଲକ୍ଷିତ ହେଉଛି। ଏକଦା ନାକପୁଡ଼ା ଅବରୋଧ ଅଥବା ଶୟନ ବିଭ୍ରାଟ ଯୋଗୁଁ ହେଉଥିବା ଏ ଘଟଣା ଏବେ ସମ୍ପୂର୍ଣ୍ଣ ଜୀବନଯାପନ ଶୈଳୀଭିତ୍ତିକ ହୋଇଗଲାଣି। ପୁଣି ଏହା ସ୍ୱାସ୍ଥ୍ୟଗତ ସମସ୍ୟା ମଧ୍ୟ ସୃଷ୍ଟିକରୁଛି। ଏଥିରେ ଆଧୁନିକ ଜୀବନଯାପନ ଧାରା ବି କମ୍ ତାତ୍ପର୍ଯ୍ୟ ନିର୍ବାହ କରୁନାହିଁ। ଏକାଦିକ୍ରମେ ବହୁ ସମୟ ସ୍କ୍ରିନ୍ ଦେଖାରେ ବିତାଇବା, ଅନୁଚିତ ଉପବେଶନ ଶୈଳୀ, ଗୃହ ଅଭ୍ୟନ୍ତର ପ୍ରଦୂଷଣ ବୃଦ୍ଧି, ଆଲର୍ଜି, ବହୁଦିନ ଧରି ସାଇନସ୍ ଅବରୋଧ ଓ ସଦାସର୍ବଦା ବାତାନୁକୂଳିତ ପରିବେଶରେ ଅବସ୍ଥାନ ଆଦି ନାସିକା ଶୁଷ୍କତା ଓ ଅବରୋଧ ପାଇଁ ଦାୟୀ। ଥାନେସ୍ଥିତ କିମ୍ସ ହସ୍ପିଟାଲ୍ସରେ କାର୍ଯ୍ୟରତ ନାସା-ଗଳା-କର୍ଣ୍ଣ ବିଶେଷଜ୍ଞ ଡକ୍ତର ଅର୍ଚ୍ଚନା ଏସ୍ କହନ୍ତି, ''ସ୍ୱାଭାବିକ ଶ୍ୱାସକ୍ରିୟା ନିମନ୍ତେ ନାସିକା ସମର୍ଥ ଥିଲେ ବି କାଳକ୍ରମେ ଲୋକେ ଅବଚେତନ ମନରେ ପାଟିବାଟ ଶ୍ୱାସକ୍ରିୟା ଅଭ୍ୟାସ ଆଦରି ନେଉଛନ୍ତି।'' ଅତିରିକ୍ତ ମାନସିକ ଚାପ ଓ ଉତ୍କଣ୍ଠା ଯୋଗୁଁ ମଧ୍ୟ ଶ୍ୱାସକ୍ରିୟା ଧାରା ପ୍ରଭାବିତ ହେଉଛି। ମାନସିକ ଭାରାକ୍ରାନ୍ତ ଅବସ୍ଥାରେ ଅଗଭୀର ଓ ଖର ଶ୍ୱାସକ୍ରିୟା ଚାଲୁଥିବାରୁ ବାୟୁ ପ୍ରବାହ ନାକରୁ ପାଟିକୁ ଚାଲିଯାଏ ଏବଂ କାଳକ୍ରମେ ତାହା ଅଭ୍ୟାସଗତ ହୋଇଯାଏ।

ଡାକ୍ତର ଅର୍ଚ୍ଚନା ଏସ୍ କହନ୍ତି, ''ଫୁସ୍ଫୁସ୍‌ରେ ପହଞ୍ଚିବା ଆଗରୁ ପବନକୁ ଛାଙ୍କିବା, ଉଷ୍ମ କରିବା ଓ ଆର୍ଦ୍ର କରିବା ନିମନ୍ତେ ନାସିକାରେ ଉପଯୁକ୍ତ ବ୍ୟବସ୍ଥା ରହିଛି। ମୁଖ-ଶ୍ୱାସକ୍ରିୟା ଯୋଗୁଁ ଉପରୋକ୍ତ ପ୍ରାକୃତିକ ପ୍ରତିରକ୍ଷା ବ୍ୟବସ୍ଥା ଏଡ଼ାଇ ହୋଇଯାଏ। ଫଳତଃ ଶ୍ୱାସନଳୀ ମଧ୍ୟକୁ ଥଣ୍ଡା, ଶୁଷ୍କ ଓ ଛାଙ୍କି ହୋଇ ନ ଥିବା ପବନ ପ୍ରବେଶ କରେ। ଏଥିଯୋଗୁଁ ତଣ୍ଟି ସଂକ୍ରମଣ, ମୁଖ ଗହ୍ୱର ଶୁଷ୍କତା, ଦୁର୍ଗନ୍ଧ ନିଃଶ୍ୱାସ ତଥା ଦନ୍ତକ୍ଷୟ ଓ ମାଢ଼ି ରୋଗ ଆଦି ହେବାର ଯଥେଷ୍ଟ ଆଶଙ୍କା ଦେଖାଦିଏ। ପୁନଶ୍ଚ, ପିଲାଏ ପାଟିରେ ନିଃଶ୍ୱାସ ନେବା ଅଭ୍ୟାସରେ ପଡ଼ିଗଲେ ସେମାନଙ୍କ ମୁଖମଣ୍ଡଳରେ ଅଜବ ପରିବର୍ତ୍ତନ ସବୁ ଘଟେ, ଦାନ୍ତ ବେହେଡ଼। ହୋଇଯାଏ, କଥୋପକଥନ ବେଳେ ଅସୁବିଧା ହୁଏ। ପ୍ରାପ୍ତବୟସ୍କଙ୍କ କ୍ଷେତ୍ରରେ ଏହା କ୍ଷଣ-ଭଙ୍ଗୁର ନିଦ୍ରା, ଘୁଙ୍ଗୁଡ଼ି ଓ ନିଦ୍ରା-ବିଶୃଙ୍ଖଳିତ ଶ୍ୱାସକ୍ରିୟା ସମସ୍ୟା ସୃଷ୍ଟି କରିଥାଏ। ଏ ଅଭ୍ୟାସ ପୁରାତନ ହୋଇଗଲେ କ୍ଲାନ୍ତି, ଧ୍ୟାନନିବେଶ ବିଭ୍ରାଟ, ସକାଳ ମୁଣ୍ଡବ୍ୟଥା ସହିତ ମେଟାବୋଲିକ୍ ଓ ହୃଦ୍‌ରୋଗ ସମସ୍ୟା ବି ଦେଖା ଦେଇପାରେ।

ସେ ଯାହାହେଉ, ପାଟିବାଟେ ଶ୍ୱାସକ୍ରିୟା କରିବା ଗୋଟାଏ ରୋଗ ନୁହେଁ, ଜୀବନଶୈଳୀଗତ ସମସ୍ୟା। ଏହା ଏତେ ମନ୍ଥର ଗତିରେ ଅଭ୍ୟାସରେ ପଡ଼ିଯାଇଥାଏ ଯେ ମଣିଷ କେମିତି ଏ ବଦଭ୍ୟାସ ବଶବର୍ତ୍ତି ହେଲା ତାହା ବୁଝି ପାରେ ନାହିଁ। କେଉଁ କାରଣ ଯୋଗୁଁ ଏହା ହେଉଛି ତାହା ଧରିପାରିଲେ ଏ ସମସ୍ୟା ସୁଧାରି ହେବ। ଏହା ବ୍ୟତିରେକେ, ଉପବେଶନ ଓ ଶୟନ ଶୈଳୀ ପରିବର୍ତ୍ତନ, ଯଥେଷ୍ଟ ପାଣି ପିଇବା, ଆଲର୍ଜି ନିୟନ୍ତ୍ରଣ, ନାସିକା ଶ୍ୱାସକ୍ରିୟା ଅଭ୍ୟାସ ଓ ଶୋଇବା ଆଗରୁ ସ୍କ୍ରିନ୍ ସମୟ ସୀମିତ କରିବା ଦ୍ୱାରା ମଧ୍ୟ ଶ୍ୱାସକ୍ରିୟା ଧାରା ପୁନଃ ସ୍ୱାଭାବିକ ହୋଇପାରିବ।

# ପ୍ଲାଷ୍ଟିକ୍ ସର୍ଜରି ପ୍ରତି ବଢୁଛି ପୁରୁଷଙ୍କ ଆଗ୍ରହ

ମଣିଷ ଶରୀରରେ ପ୍ଲାଷ୍ଟିକ୍ ସର୍ଜରି ବିଜ୍ଞାନର ଅନ୍ୟ ଏକ ଚମତ୍କାରିତା। କୌଣସି ଦୁର୍ଘଟଣାର ସମ୍ମୁଖୀନ ହୋଇ ଶରୀରର ଚର୍ମ ଗୁରୁତର ଭାବେ କ୍ଷତିଗ୍ରସ୍ତ ହେଲେ ତାକୁ ପ୍ଲାଷ୍ଟିକ୍ ସର୍ଜରି ମାଧ୍ୟମରେ ଚିକିତ୍ସା କରାଯାଇଥାଏ। ତେବେ ମଣିଷର ଶରୀରର ବାହ୍ୟ ସୌନ୍ଦର୍ଯ୍ୟ ବୃଦ୍ଧି ଉଦ୍ଦେଶ୍ୟରେ ମଧ୍ୟ ଅନେକ ପ୍ଲାଷ୍ଟିକ୍ ସର୍ଜରି କରିଥାନ୍ତି, ଯାହାକି ଏକ ପ୍ରସାଧନ ଉପକରଣ ଭଳି ବ୍ୟବହୃତ ହୋଇଥାଏ। ସାଧାରଣରେ ଏକ ଧାରଣା ରହିଛି ଯେ ପ୍ଲାଷ୍ଟିକ୍ ସର୍ଜରି ଉପରେ କେବଳ ମହିଳାମାନେ ଅଧିକ ନିର୍ଭର କରନ୍ତି। ତେବେ ଗତ ଗୋଟିଏ ଦଶନ୍ଧି ମଧ୍ୟରେ ପ୍ଲାଷ୍ଟିକ୍ ସର୍ଜରି ପାଇଁ ପୁରୁଷମାନଙ୍କ ଆଗ୍ରହ ମଧ୍ୟ ବୃଦ୍ଧି ପାଇଛି। ଏହି ସମୟରେ ପୁରୁଷଙ୍କ ପ୍ଲାଷ୍ଟିକ୍ ସର୍ଜରିର ପରିମାଣ ପ୍ରାୟ ଦ୍ୱିଗୁଣିତ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି। ପ୍ୟାରିସ୍‌ରେ କସମେଟିକ୍ ମେଡିସିନ୍ ଇଣ୍ଡଷ୍ଟ୍ରିର ବାର୍ଷିକ ବୈଠକରେ ଏ ସଂପର୍କିତ ତଥ୍ୟ ପ୍ରକାଶ କରାଯାଇଛି। ଏହି ତଥ୍ୟ ଅନୁଯାୟୀ, ୨୦୧୮ରୁ ୨୦୨୪ ମଧ୍ୟରେ ବିଶ୍ୱରେ ପୁରୁଷଙ୍କ ଉପରେ କରାଯାଇଥିବା ପ୍ଲାଷ୍ଟିକ୍ ସର୍ଜରି ସଂଖ୍ୟା ୯୫ ପ୍ରତିଶତ ବୃଦ୍ଧି ପାଇଛି। 'ଇଣ୍ଟରନେସ୍‌ନାଲ ସୋସାଇଟି ଅଫ୍ ଆଷ୍ଟେଟିକ୍ ପ୍ଲାଷ୍ଟିକ୍ ସର୍ଜରି'ର ଏକ ତଥ୍ୟ ଅନୁଯାୟୀ, ଇଞ୍ଜେକ୍ସନ୍, ଲେଜର ଥେରାପି ଆଦି ଅଣ ସର୍ଜିକାଲ୍ କସମେଟିକ୍ ଚିକିତ୍ସା ଏବେ ପୂର୍ବ ଦଶନ୍ଧି ତୁଳନାରେ ୧୧୬ ପ୍ରତିଶତ ବୃଦ୍ଧି ପାଇଛି। ମହିଳାମାନଙ୍କ ପାଇଁ କସମେଟିକ୍ ସର୍ଜରି ୫୯ ପ୍ରତିଶତ ବୃଦ୍ଧି ପାଇଛି। ଏବେକାର ଯୁବକମାନେ ପୂର୍ବ ପିଢ଼ି ତୁଳନାରେ ଅଧିକ କସମେଟିକ୍ ବ୍ୟବହାର କରୁଛନ୍ତି। ସେହି ଅନୁଯାୟୀ ପ୍ଲାଷ୍ଟିକ୍ ସର୍ଜରି ଉପରେ ମଧ୍ୟ ପୁରୁଷମାନଙ୍କ ନିର୍ଭରଶୀଳତା ବୃଦ୍ଧି ପାଉଛି। ମଧ୍ୟ ପ୍ରାଚ୍ୟ ଏବଂ ଲାଟିନ୍ ଆମେରିକାରେ ପରିବର୍ତ୍ତନର ଏହି ଧାରା ବିଶେଷଭାବେ ପ୍ରତିଫଳିତ ହୋଇଛି। ସେଠାରେ ପୁରୁଷଙ୍କ ଦ୍ୱାରା ପ୍ଲାଷ୍ଟିକ୍ ସର୍ଜରିର ଗ୍ରହଣୀୟତା ଅଧିକ। ତେବେ ପ୍ଲାଷ୍ଟିକ୍ ସର୍ଜରି ପାଇଁ ଯୁକ୍ତରାଷ୍ଟ୍ର ଆମେରିକାରେ ସର୍ବାଧିକ ଚାହିଦା ରହିଛି। ୨୦୨୫ ମସିହାରେ ବିଶ୍ୱ ବଜାରରେ ପ୍ଲାଷ୍ଟିକ୍ ସର୍ଜରି ଚାହିଦାର ଏହା ଥିଲା ପ୍ରାୟ ୪୫ ପ୍ରତିଶତ।

# ନିର୍ବାଚନୀ ବଣ୍ଡରୁ ଟ୍ରଷ୍ଟ ଯାଏଁ, କର୍ପୋରେଟ୍ ଅର୍ଥର ଅବାରିତ ସ୍ରୋତ

ଭାରତୀୟ ଗଣତନ୍ତ୍ରର ଇତିହାସରେ ଫେବୃଆରୀ ୨୦୨୪ ଏକ ଐତିହାସିକ ମୁହୂର୍ତ୍ତ ହୋଇ ରହିଥିଲା, ଯେତେବେଳେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ବହୁଚର୍ଚ୍ଚିତ ତଥା ବିବାଦୀୟ 'ନିର୍ବାଚନୀ ବଣ୍ଡ' ଯୋଜନାକୁ ଅସାମ୍ବିଧାନିକ ଘୋଷଣା କରି ରଦ୍ଦ କରିଦେଇଥିଲେ । ସେହି ସମୟରେ ସାଧାରଣ ନାଗରିକ, ସାମ୍ବାଦିକ ଏବଂ ଗଣତନ୍ତ୍ର ପ୍ରେମୀମାନଙ୍କ ମନରେ ଏକ ନୂତନ ଆଶାର ସଞ୍ଚାର ହୋଇଥିଲା ଯେ, ବୋଧହୁଏ ଏବେ ରାଜନୀତିରେ କଳାଟଙ୍କାର ପ୍ରଭାବ କମିବ ଏବଂ କର୍ପୋରେଟ୍ ଜଗତର ଅହେତୁକ ହସ୍ତକ୍ଷେପର ଅନ୍ତ ଘଟିବ । କିନ୍ତୁ ଆଜି, ୨୦୨୬ ମସିହା ଫେବୃଆରୀ ୧୮ ତାରିଖରେ ଯେତେବେଳେ ଆମେ ପଛକୁ ଫେରି ଚାହୁଁଛୁ ଏବଂ ବର୍ତ୍ତମାନର ରାଜନୈତିକ ପାଣ୍ଠି ସଂଗ୍ରହର ଧାରାକୁ ଅନୁଧ୍ୟାନ କରୁଛୁ, ସେତେବେଳେ ସେହି ଆଶା କ୍ରମଶଃ ମଉଳି ଯାଇଥିବା ପରି ମନେହୁଏ । ନିର୍ବାଚନୀ ବଣ୍ଡ ବନ୍ଦ ହେବା ପରେ ମଧ୍ୟ କର୍ପୋରେଟ୍ ଏବଂ ରାଜନୀତିର ଅଶୁଭ ମେଣ୍ଟ ଭାଙ୍ଗିନାହିଁ, ବରଂ ଏହା 'ନିର୍ବାଚନୀ ଟ୍ରଷ୍ଟ' ଏବଂ ଅନ୍ୟାନ୍ୟ ମାଧ୍ୟମରେ ଏକ ନୂତନ ରୂପ ନେଇ ପୁନର୍ବାର ସକ୍ରିୟ ହୋଇଉଠିଛି ଯାହା ଗଣତନ୍ତ୍ର ପାଇଁ ବିପଜ୍ଜନକ ଅଟେ ।

ସୁପ୍ରିମକୋର୍ଟଙ୍କ ୨୦୨୪ ରାୟର ମୂଳ ଉଦ୍ଦେଶ୍ୟ ଥିଲା ରାଜନୈତିକ ପାଣ୍ଠି ସଂଗ୍ରହରେ ସ୍ୱଚ୍ଛତା ଆଣିବା ଏବଂ ନୀତି ନିର୍ଦ୍ଧାରଣରେ କର୍ପୋରେଟ୍ ଜଗତର ପ୍ରଭାବକୁ ରୋକିବା । କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ରହିଛି । ତଥ୍ୟ କହୁଛି ଯେ, ବଣ୍ଡ ବନ୍ଦ ହେବା ପରେ କର୍ପୋରେଟ୍ ଘରାନାଗୁଡ଼ିକ ପୁରୁଣା ପଦ୍ଧତି 'ନିର୍ବାଚନୀ ଟ୍ରଷ୍ଟ' ଆଡ଼କୁ ମୁହାଁଇଛନ୍ତି । ୨୦୨୪-୨୫ ଆର୍ଥିକ ବର୍ଷରେ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ ହୋଇଥିବା ଦସ୍ତାବିଜ ଅନୁଯାୟୀ, ବିଭିନ୍ନ କର୍ପୋରେଟ୍ ଗ୍ରୁପ୍ ନିର୍ବାଚନୀ ଟ୍ରଷ୍ଟ ଜରିଆରେ ରାଜନୈତିକ ଦଳଗୁଡ଼ିକୁ ପ୍ରାୟ ୪୬୦ ନିୟୁତ ଡଲାର ବା ଭାରତୀୟ ମୁଦ୍ରାରେ ପ୍ରାୟ ୩,୮୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରିଛନ୍ତି । ଏହି ବିପୁଳ ଅର୍ଥରାଶିର ପ୍ରାୟ ୮୩ ପ୍ରତିଶତ କେବଳ ଶାସକ ଦଳ, ଭାରତୀୟ ଜନତା ପାର୍ଟି (ବିଜେପି) ଖାତାକୁ ଯାଇଛି । ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ଗଣତନ୍ତ୍ରରେ ସମାନ ସୁଯୋଗ ବା 'ଲେଭେଲ୍ ପ୍ଲେଇଂ ଫିଲ୍ଡ'ର ଧାରଣା କେବଳ ପାଠ୍ୟପୁସ୍ତକରେ ସୀମିତ ରହିଯାଇଛି । ଯେତେବେଳେ ଗୋଟିଏ ଦଳକୁ କର୍ପୋରେଟ୍ ଜଗତରୁ ଏତେ ବଡ଼ ଧରଣର ଆର୍ଥିକ ସହାୟତା ମିଳେ, ସେତେବେଳେ ବିରୋଧୀ ଦଳଗୁଡ଼ିକ ପାଇଁ ନିର୍ବାଚନୀ ରଣାଙ୍ଗନରେ ସମାନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବା ଅସମ୍ଭବ ହୋଇପଡ଼େ, ଯାହା ଏକ ସୁସ୍ଥ ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ । ଏହି ରିପୋର୍ଟରେ ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି 'କ୍ୱିଡ୍ ପ୍ରୋ କ୍ୱୋ' ବା 'ଦେଣନେଣ'ର ସ୍ପଷ୍ଟ ସଙ୍କେତ । ଅର୍ଥାତ୍, କମ୍ପାନୀଗୁଡ଼ିକ କେବଳ ଆଦର୍ଶଗତ କାରଣରୁ ବା ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ଚାନ୍ଦା ଦେଉନାହାନ୍ତି, ବରଂ ଏହା ବଦଳରେ ସରକାରୀ ଅନୁକମ୍ପା, ବଡ଼ ବଡ଼ ଟେଣ୍ଡର କିମ୍ବା ନିଜ ସପକ୍ଷରେ ନୀତିଗତ ପରିବର୍ତ୍ତନ ପାଇଁ ଏହାକୁ ଏକ 'ବ୍ୟବସାୟିକ ନିବେଶ' ଭାବରେ ବ୍ୟବହାର କରୁଛନ୍ତି । ଉଦାହରଣ ସ୍ୱରୂପ, ଟାଟା ଗ୍ରୁପ୍ ସମର୍ଥିତ 'ପ୍ରୋଗ୍ରେସିଭ୍ ଇଲେକ୍ଟୋରାଲ୍ ଟ୍ରଷ୍ଟ' ୨୦୨୪ ସାଧାରଣ ନିର୍ବାଚନର ଠିକ୍ ପୂର୍ବରୁ ପ୍ରାୟ ୧୧୦ ନିୟୁତ ଡଲାର (ପ୍ରାୟ ୯୧୫ କୋଟି ଟଙ୍କା) ବିଭିନ୍ନ ଦଳକୁ ପ୍ରଦାନ କରିଥିଲା, ଯାହାର ସିଂହଭାଗ ଶାସକ ଦଳକୁ ମିଳିଥିଲା । ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ଚାନ୍ଦା ଦେବାର ସମୟ ଏବଂ ସରକାରଙ୍କ ଦ୍ୱାରା ଟାଟା ଗ୍ରୁପ୍‌ର ଦୁଇଟି ବୃହତ ସେମିକଣ୍ଡକ୍ଟର ପ୍ରକଳ୍ପ (ଯାହାର ମୂଲ୍ୟ ପ୍ରାୟ ୧.୨୫ ଲକ୍ଷ କୋଟି ଟଙ୍କା) ଅନୁମୋଦନ ଲାଭ କରିବା ମଧ୍ୟରେ ଏକ ଆଶ୍ଚର୍ଯ୍ୟଜନକ ସାମଞ୍ଜସ୍ୟ ରହିଛି । ଗୁଜରାଟ ଏବଂ ଆସାମରେ ଏହି ପ୍ରକଳ୍ପଗୁଡ଼ିକ ମଞ୍ଜୁର ହେବାର ଅଳ୍ପ କିଛି ସପ୍ତାହ ଆଗରୁ ବା ପଛରେ ଏହି ବିପୁଳ ଅର୍ଥରାଶି ଚାନ୍ଦା ଆକାରରେ ଦିଆଯାଇଥିଲା । ଏହା କ'ଣ କେବଳ ଏକ ସଂଯୋଗ ମାତ୍ର ? ନା ଏହା ପଛରେ କୌଣସି ଗୁପ୍ତ ବୁଝାମଣା ରହିଛି ? ସାଧାରଣ ଜନତାଙ୍କ ମନରେ ଏହି ପ୍ରଶ୍ନ ଉଠିବା ସ୍ୱାଭାବିକ ଏବଂ ଏହାର ଉତ୍ତର ଦେବାକୁ ସରକାର ବାଧ୍ୟ ରହିବା ଉଚିତ । କେବଳ ନୂତନ ପ୍ରକଳ୍ପ ପାଇବା ପାଇଁ ନୁହେଁ, ବରଂ ସରକାରୀ ତଦନ୍ତକାରୀ ସଂସ୍ଥାମାନଙ୍କ କୋପରୁ ବର୍ତ୍ତିବା ପାଇଁ ମଧ୍ୟ ଚାନ୍ଦାକୁ ଏକ ସୁରକ୍ଷା କବଚ ବା ଢାଲ ଭାବରେ ବ୍ୟବହାର କରାଯାଉଥିବାର ଯଥେଷ୍ଟ ପ୍ରମାଣ ରହିଛି । ଅତୀତରେ ନିର୍ବାଚନୀ ବଣ୍ଡ ତଥ୍ୟ ପ୍ରକାଶ ପାଇବା ପରେ ଦେଖାଯାଇଥିଲା ଯେ, ଯେଉଁ କମ୍ପାନୀଗୁଡ଼ିକ ଉପରେ ଇଡି କିମ୍ବା ଆୟକର ବିଭାଗର ଚଢ଼ାଉ ହେଉଥିଲା, ସେମାନେ ତୁରନ୍ତ ବଣ୍ଡ କିଣି ଶାସକ ଦଳକୁ ଚାନ୍ଦା ଦେଉଥିଲେ ଏବଂ ପରବର୍ତ୍ତୀ ସମୟରେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଶିଥିଳ ହୋଇଯାଉଥିଲା । ୨୦୨୬ରେ ମଧ୍ୟ ସେହି ସମାନ ଧାରା ବଜାୟ ରହିଥିବା ପରି ମନେହୁଏ । ଯଦିଓ ନିର୍ବାଚନୀ ଟ୍ରଷ୍ଟରେ ଦାତାଙ୍କ ନାମ ଗୋପନ ରହେନାହିଁ (ଯାହା ବଣ୍ଡରେ ରହୁଥିଲା), ତଥାପି ଏହି ବ୍ୟବସ୍ଥା ମାଧ୍ୟମରେ କର୍ପୋରେଟ୍ ଏବଂ ସରକାରଙ୍କ ମଧ୍ୟରେ ଥିବା ଅପବିତ୍ର ସମ୍ପର୍କକୁ ଲୁଚାଇବା କଷ୍ଟକର ନୁହେଁ । କାରଣ, ସାଧାରଣ ଜନତା ଏହି ତଥ୍ୟ ଜାଣିବା ବେଳକୁ ନିର୍ବାଚନ ସରିଯାଇଥାଏ ଏବଂ ନୀତି ନିର୍ଦ୍ଧାରଣ ହୋଇସାରିଥାଏ, ଫଳରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଜନମତର ଗୁରୁତ୍ୱ ହ୍ରାସ ପାଇଥାଏ ।

ଏହି ପରିସ୍ଥିତି ଭାରତୀୟ ଗଣତନ୍ତ୍ର ପାଇଁ ଏକ ଗମ୍ଭୀର ଚେତାବନୀ ସଦୃଶ । ଯେତେବେଳେ ସରକାରୀ ନୀତି, ଶିଳ୍ପ ପ୍ରତିଷ୍ଠା, ଖଣି ଖନନ ଅନୁମତି କିମ୍ବା ପରିବେଶ ମଞ୍ଜୁରୀ କେବଳ 'ଚାନ୍ଦା' ଆଧାରରେ ନିର୍ଦ୍ଧାରିତ ହୁଏ, ସେତେବେଳେ ଦେଶର ସାଧାରଣ ନାଗରିକଙ୍କ ସ୍ୱାର୍ଥ ବଳି ପଡ଼ିଯାଏ । ଏହାଦ୍ୱାରା କେବଳ ମୁଷ୍ଟିମେୟ ପୁଞ୍ଜିପତିଙ୍କ ବିକାଶ ହୁଏ, କିନ୍ତୁ ସାମଗ୍ରିକ ଭାବେ ଦେଶର ଅର୍ଥନୀତି ଏବଂ ସାମାଜିକ ନ୍ୟାୟ ବାଧାପ୍ରାପ୍ତ ହୁଏ । ଯଦି ୧୫ ବିଲିୟନ ଡଲାରର ପ୍ରକଳ୍ପ ପାଇବା ପାଇଁ ୧୦୦ ମିଲିୟନ ଡଲାରର ଚାନ୍ଦା ଦେବାକୁ ପଡ଼େ, ତେବେ ଏହାକୁ ବ୍ୟବସାୟିକ ଭାଷାରେ 'ଲାଭଜନକ ନିବେଶ' କୁହାଯାଇପାରେ, କିନ୍ତୁ ଗଣତାନ୍ତ୍ରିକ ଭାଷାରେ ଏହାକୁ 'ଦୁର୍ନୀତି' ଛଡ଼ା ଆଉ କିଛି କୁହାଯାଇପାରିବ ନାହିଁ । ଏହା ସରକାରଙ୍କ ନିଷ୍ପତ୍ତି ନେବାର ପ୍ରକ୍ରିୟାକୁ କଳୁଷିତ କରେ ଏବଂ ଶାସନ ବ୍ୟବସ୍ଥା ଉପରୁ ଜନସାଧାରଣଙ୍କ ବିଶ୍ୱାସକୁ ଭାଙ୍ଗିଦିଏ । ବିଶେଷକରି ଯେତେବେଳେ ଔଷଧ କମ୍ପାନୀ କିମ୍ବା ଭିତ୍ତିଭୂମି ନିର୍ମାଣକାରୀ ସଂସ୍ଥାମାନେ ନିମ୍ନମାନର କାମ କରି ମଧ୍ୟ କେବଳ ଚାନ୍ଦା ବଳରେ ଦଣ୍ଡରୁ ମୁକ୍ତି ପାଆନ୍ତି, ସେତେବେଳେ ଏହା ସିଧାସଳଖ ଜନଜୀବନ ସହ ଖେଳିବା ଭଳି ହୋଇଥାଏ । ଏହା ଆମକୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଦୃଷ୍ଟି ଆକର୍ଷଣ କରୁଛି । ତାହା ହେଲା, କେବଳ ଆଇନ ବଦଳାଇଲେ କିମ୍ବା କୌଣସି ନିର୍ଦ୍ଦିଷ୍ଟ ଯୋଜନାକୁ ରଦ୍ଦ କଲେ ଦୁର୍ନୀତି ବନ୍ଦ ହୁଏନାହିଁ । ଦୁର୍ନୀତିର ଚେର ବହୁତ ଗଭୀରକୁ ଯାଇଛି । ୨୦୨୪ରେ ସୁପ୍ରିମକୋର୍ଟ ବଣ୍ଡକୁ ଅସାମ୍ବିଧାନିକ ଘୋଷଣା କରିଥିଲେ ସତ, କିନ୍ତୁ ରାଜନୈତିକ ଦଳଗୁଡ଼ିକର ଅର୍ଥ ଲୋଭ ଏବଂ କର୍ପୋରେଟ୍ ଜଗତର ପ୍ରଭାବ ବିସ୍ତାର କରିବାର ଆକାଂକ୍ଷା କମିନାହିଁ । ସେମାନେ ଆଇନର ଗଳାବାଟ ଦେଇ ନୂଆ ରାସ୍ତା ଖୋଜି ନେଇଛନ୍ତି । ଏଥିପାଇଁ ଆବଶ୍ୟକ ହେଉଛି ବ୍ୟାପକ ନିର୍ବାଚନୀ ସଂସ୍କାର । ରାଜନୈତିକ ଦଳଗୁଡ଼ିକର ଆୟ ଓ ବ୍ୟୟ ଉପରେ କଡ଼ା ନଜର ରଖିବା, କର୍ପୋରେଟ୍ ଚାନ୍ଦା ଉପରେ ସୀମା ନିର୍ଦ୍ଧାରଣ କରିବା ଏବଂ ସରକାରୀ ପ୍ରକଳ୍ପ ବଣ୍ଟନରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରିବା ଏକାନ୍ତ ଆବଶ୍ୟକ । ନିର୍ବାଚନ କମିଶନଙ୍କୁ ଅଧିକ କ୍ଷମତାସମ୍ପନ୍ନ ଏବଂ ସ୍ୱାଧୀନ କରିବା ମଧ୍ୟ ଜରୁରୀ, ଯାହାଫଳରେ ସେମାନେ କ୍ଷମତାସୀନ ଦଳର ଚାପରେ ନ ଆସି ନିରପେକ୍ଷ ଭାବେ କାର୍ଯ୍ୟ କରିପାରିବେ ।

ପରିଶେଷରେ, ଏହା କୁହାଯାଇପାରେ ଯେ ଗଣତନ୍ତ୍ରର ମୂଲ୍ୟ କୋଟି କୋଟି ଟଙ୍କାର ଚାନ୍ଦାରେ ତୋଳାଯାଇ ପାରିବ ନାହିଁ । ଯଦି ସରକାର କେବଳ ପୁଞ୍ଜିପତିଙ୍କ ସ୍ୱାର୍ଥ ରକ୍ଷା ପାଇଁ କାମ କରନ୍ତି, ତେବେ ସାଧାରଣ ଜନତାଙ୍କ ଭୋଟର ମୂଲ୍ୟ କ'ଣ ରହିବ ? ଆମକୁ ପ୍ରଶ୍ନ କରିବାକୁ ହେବ ଯେ, ଆମେ କେଉଁ ପ୍ରକାରର ଭାରତ ଗଠନ କରିବାକୁ ଚାହୁଁଛୁ ? ଏମିତି ଏକ ଭାରତ ଯେଉଁଠି ଟଙ୍କା କଥା କୁହେ, ନା ଏମିତି ଏକ ଭାରତ ଯେଉଁଠି ଜନତାଙ୍କ ସ୍ୱର ସର୍ବୋପରି ? ସ୍ୱଚ୍ଛ, ନିରପେକ୍ଷ ଏବଂ ଦୁର୍ନୀତିମୁକ୍ତ ରାଜନୀତି ପାଇଁ ଜନସଚେତନତା ଏବଂ ନିରନ୍ତର ଚାପ ସୃଷ୍ଟି କରିବାର ସମୟ ଆସିଛି । କର୍ପୋରେଟ୍-ରାଜନୀତିର ଏହି ଅଶୁଭ ମେଣ୍ଟକୁ ଭାଙ୍ଗିବା ପାଇଁ କେବଳ ନ୍ୟାୟାଳୟ ନୁହେଁ, ବରଂ ଜନତାଙ୍କୁ ମଧ୍ୟ ଜାଗ୍ରତ ହେବାକୁ ପଡ଼ିବ । ଗଣତନ୍ତ୍ର କେବଳ ଭୋଟ୍ ଦେବାର ଅଧିକାର ନୁହେଁ, ବରଂ ଏହା ଉତ୍ତରଦାୟିତ୍ୱର ଏକ ବ୍ୟବସ୍ଥା । ତେଣୁ, ଏହି ଗଭୀର ସମସ୍ୟାର ସମାଧାନ ପାଇଁ ଏକ ଜାତୀୟ ବିତର୍କ ଏବଂ କଠୋର ଆଇନଗତ ପଦକ୍ଷେପର ଆବଶ୍ୟକତା ରହିଛି ।

# ନଦୀ ଫେରେ ସାଗରକୁ, ପକ୍ଷୀ ଫେରେ ନୀଡ଼େ...



## ନାଟ୍ୟସାରଥି ଅଭୟ କୁମାର ଦାସ



'ନଦୀ ଫେରେ ସାଗରକୁ, ପକ୍ଷୀ ଫେରେ ନୀଡ଼େ, ଫେରିବାର ବେଳ ହେଲେ ମୋର କିଆଁ ତୁମ କଥା ଏତେ ବେଶୀ ମନେ ପଡ଼େ...। ଓଡ଼ିଶା ସଂଗୀତର ଚିର ସବୁଜ ଗାୟକ ଅକ୍ଷୟ ମହାନ୍ତିଙ୍କ ସହ ପଦରେ ପଦ ମିଶାଇ ବେଶ ରୋମାଣ୍ଟିକ ଢ଼ଙ୍ଗରେ କଣ୍ଠଦାନ କରିଥିବା ଓଡ଼ିଆ ସଂଗୀତ ଦୁନିଆର ଜଣେ ଉଜ୍ଜ୍ୱଳତମ ତାରକା ଗୀତା ପଟ୍ଟନାୟକ ଚିରଦିନ ଲାଗି ଉଭେଇ ଯାଇଛନ୍ତି। କହିବାକୁଗଲେ ଥମି ଯାଇଛି ତାଙ୍କ ହୃଦୟ ଛୁଆଁ ଅନ୍ତର ଭିତର ଭାବପ୍ରବଣ ମିଠା ସ୍ୱର। ସବୁବେଳେ ଫିଟ ଓ ସଂଗୀତକୁ ନିଜ ସାଧନା ଭାବେ ବିଚାର କରିଥିବା ଗୀତା ପଟ୍ଟନାୟକଙ୍କ ଅବର୍ତ୍ତମାନରେ ତାଙ୍କ ଅଗଣିତ ପ୍ରସଂଶକ ମନ ଭିତରେ ଅତି ଭାବ ପ୍ରବଣତାର ସହିତ ରୁନ୍ଧି ହେବା କୋହରେ ଗୁଣୁ ଗୁଣଉଛନ୍ତି ସତରେ ନଦୀ ଯେମିତି ସାଗରକୁ, ପକ୍ଷୀ ଯେମିତି ନୀଡ଼କୁ ଆଉ ବାସ୍ତବିକ ସମସ୍ତଙ୍କର ଗୀତା ପଟ୍ଟନାୟକ ଆର ପାରିକୁ ଚାଲିଯାଇଛନ୍ତି। ଅଫେରା ବାଟକୁ ସଂଗୀତ ଦୁନିଆ ଏପରି ଏକ ବିଦାୟ ଦେଇଛି ସମ୍ଭବତଃ ଯାହା ଏ ସୃଷ୍ଟିର ଚିରାଚରିତ ନିୟମ ଭିତରେ ବନ୍ଧା।

୧୯୫୪ ମସିହା ଡିସେମ୍ବର ୧୦ ତାରିଖରେ ସୁରେନ୍ଦ୍ର ଚନ୍ଦ୍ର ପଟ୍ଟନାୟକ ଓ ହେମଲତା ପଟ୍ଟନାୟକଙ୍କ କୋଳ ମଣ୍ଡନ କରିଥିବା ସୁକଣ୍ଠୀ ଗାୟିକା ଗୀତା ପିଲାବେଳୁ ସଂଗୀତ ପ୍ରତି ତାଙ୍କ ଦୁର୍ବଳତା ରଖିଥିଲେ। ତାଙ୍କ ମାଆ ଓ ମାଉସୀ ସଂଗୀତ ସାଧନା ପ୍ରତି ରୁଚି ରଖିଥିବାରୁ ପିଲା ଦିନରୁ ଏକ ସଂଗୀତମୟ ପରିବେଶରେ ସେ ତାଙ୍କ ସାଧନା ଆରମ୍ଭ କରିଥିଲେ। ମାତ୍ର ଛଅ ବର୍ଷ ବୟସରୁ କଳାବିକାଶ କେନ୍ଦ୍ରରେ ଗୀତ ଶିଖିବା ସହ ସଂଗୀତ ଭୂଷଣ କୃତୀତ୍ୱରେ ସେ ଉତ୍ତୀର୍ଣ୍ଣ ହୋଇଥିଲେ। ପରବର୍ତ୍ତୀ ସମୟରେ ଶିଶୁ ସଂସାର ଓ କିଶୋର ଚକ୍ରରେ କଣ୍ଠଦାନ କରି ଆକାଶବାଣୀର ଜଣେ ଲୋକପ୍ରିୟ ଗାୟିକା ଭାବେ ସ୍ୱୀକୃତି ପାଇଥିଲେ। ୧୯୭୧ ମସିହାରେ ଆକାଶବାଣୀରେ କଣ୍ଠଦାନ କରିଥିବା ତାଙ୍କ ପ୍ରଥମ ଗୀତଟି ଥିଲା 'ଜଗବନ୍ଧୁ ପରି ଜଣେ ସାମନ୍ତ...'। ପରବର୍ତ୍ତୀ ସମୟରେ ସେ ତାଙ୍କ ସାଧନା ଆଗେଇ ନେଇଥିଲେ। ରାଜନୀତି ବିଜ୍ଞାନରେ ଏମ.ଏ. ପାସ କରିଥିବା ଗୀତାଙ୍କ ସଂଗୀତ ଯାତ୍ରା ବାସ୍ତବିକ ହୃଦୟ ଛୁଆଁ। ଅନେକ ମଞ୍ଚରେ ସେ କହିଛନ୍ତି ଯେ ଜୀବନର ଶେଷ ନିଃଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ମୁଁ ସଂଗୀତ ସାଧନାରେ ନିଜକୁ ନିୟୋଜିତ ରଖିଥିବି।

ତାଙ୍କ ସଂଗୀତ ସାଧନାମୟ ଜୀବନରେ ପ୍ରଥମେ ଗୁରୁଥିଲେ ଖୀତିଶ ଚନ୍ଦ୍ର ମୈତ୍ର। ପରବର୍ତ୍ତୀ ସମୟରେ ବାଳକୃଷ୍ଣ ଦାସ ଓ ରାଖାଲ ଚନ୍ଦ୍ର ମହାନ୍ତିଙ୍କ ଠାରୁ ବିଧିବଦ୍ଧ ଭାବେ ଗୀତ ଶିଖିଥିଲେ। ଅନେକ ହୁଏତ ଜାଣି ନଥିବେ ମାତ୍ର ପନ୍ଦର ବର୍ଷ ବୟସରେ ଓଡ଼ିଆ ଚଳଚ୍ଚିତ୍ର 'ଅଧୀନ ମେଘରେ' କଣ୍ଠଦାନ କରି ସେ ସମସ୍ତଙ୍କୁ ଚମକାଇ ଦେଇଥିଲେ। 'ସଂସାର', 'ନାଗଫାଶ', 'ଯାଜପୁର', 'ଆହୁତି', 'ତଅପୋଇ', 'ଅଶାନ୍ତ ଗ୍ରହ', 'ମାଂସର ବିଳାପ' ପରି ପନ୍ଦରରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ସେ ତାଙ୍କ ସୁମଧୁର କଣ୍ଠର ଛାପ ଛାଡ଼ି ଯାଇଛନ୍ତି। ତାଙ୍କ ସର୍ବକାଳୀନ ସୁପରହିଟ ଗୀତ ଗୁଡ଼ିକ ହେଉଛି 'ଫୁରକିନା ଉଡିଗଲା ବଣି', 'ଯାରେ ଭାସି ଭାସି ଯା', 'ନଦୀ ଫେରେ ସାଗରକୁ' ପ୍ରମୁଖ। ଅନେକ ହୁଏତ ଜାଣିନଥିବେ ଏକଦା ଟିସିରିଜ ବ୍ୟାନରରେ କଣ୍ଠଦାନ ପାଇଁ ଗୁଲସନ କୁମାର ଅଫର ଦେଇଥିଲେ କିନ୍ତୁ କିଛି ଜରୁରୀ କାର୍ଯ୍ୟକ୍ରମ ପାଇଁ ଏ ସୁଯୋଗକୁ ହାତ ଛଡ଼ା କରିଥିଲେ। ନିଜ କ୍ୟାରିୟରକୁ ଛାଡ଼ି ସୁଦୂର ଦିଲ୍ଲୀରୁ ସେ ଓଡ଼ିଶା ଆସି ଏହିଠାରେ ହିଁ ନିଜ ସଂଗୀତମୟ ଜୀବନ ଆଗେଇ ନେଇଥିଲେ। ୧୯୮୪ ମସିହାରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇବା ପୂର୍ବରୁ ସେ ଅକ୍ଷୟ ମହାନ୍ତି, ବାଳକୃଷ୍ଣ ଦାସ, ରାଖାଲ ଚନ୍ଦ୍ର ମହାନ୍ତିଙ୍କ ପରି ଖ୍ୟାତନାମା ସଂଗୀତ ନିର୍ଦ୍ଦେଶକଙ୍କ ସହିତ ସେ କାର୍ଯ୍ୟ କରିଥିଲେ। ୨୦୧୨ରେ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ସମ୍ମାନ ପାଇବା ସହ ଓଡ଼ିଶା ଓ ଓଡ଼ିଶା ବାହାରର ଅନେକ ସଂଗଠନ ଠାରୁ ସେ ସମ୍ବର୍ଦ୍ଧିତ ହୋଇଥିଲେ।

ସଂଗୀତ ସାଧନାରେ ରୁଚି ରଖିଥିବା ଗୀତା ପଟ୍ଟନାୟକଙ୍କ ପରିବାରରେ କେବଳ ସଂଗୀତ ପ୍ରେରଣା ସେ ପାଇନଥିଲେ। ତାଙ୍କ ଜେଜେ ଜଣେ ପ୍ରଖ୍ୟାତ ଫୁଟବଲ ଖେଳାଳୀ ଥିଲେ ଯାହାଙ୍କ ନାମରେ ସତ୍ୟବ୍ରତ ଷ୍ଟାଡିୟମ ହୋଇଛି। ତାଙ୍କ ବାପା ମଧ୍ୟ ଜଣେ ଫୁଟବଲ ଖେଳାଳୀ ଯେ କି ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ସହପାଠୀ ଥିଲେ। ଅନେକ ଶ୍ରୋତା ଓ ସଂଗୀତରେ ରୁଚି ରଖିଥିବା ବ୍ୟକ୍ତିତ୍ୱଙ୍କ ପାଇଁ ଏକ ଅଜଣା କଥା ହୋଇପାରେ ଯେ ଖ୍ୟାତନାମା ସଂଗୀତ କିମ୍ବଦନ୍ତୀ ଖୋକା ଭାଇ ଗୀତା ପଟ୍ଟନାୟକଙ୍କ ବିବାହ ପ୍ରସ୍ତାବ ବୁଝିଥିଲେ। ଅକ୍ଷୟ ମହାନ୍ତିଙ୍କ ଭଉଣୀ ଦିଲ୍ଲୀରେ କାର୍ଯ୍ୟ କରୁଥିବାରୁ ଇଞ୍ଜିନିୟର କ୍ରୀଷ୍ଣଗୋପାଳଙ୍କ ସଂସ୍ପର୍ଶରେ ଆସିଥିଲେ। ତାଙ୍କରି ସହିତ ସମ୍ପର୍କ ଆଗେଇ ନେଇ ପ୍ରସ୍ତାବ ଓ ପରେ ବିବାହ ହୋଇଥିଲା ଗୀତା ପଟ୍ଟନାୟକଙ୍କର। ଗୀତା ପଟ୍ଟନାୟକଙ୍କର ପରଲୋକ କହିବାକୁଗଲେ ଓଡ଼ିଶା ସଂଗୀତ ଜଗତର ଏକ ଅପୂରଣୀୟ କ୍ଷତି। ଫକୀରମୋହନଙ୍କ ଗଳ୍ପ ଉପରେ ପ୍ରସ୍ତୁତ ଗୀତିନାଟ୍ୟ 'ଶ୍ରୀମତୀ ସମାର୍ଜନୀ' ପାଇଁ ମଧ୍ୟ ସେ କଣ୍ଠଦାନ କରିଥିଲେ। ଦିଲ୍ଲୀ ଦୂରଦର୍ଶନର ଜାତୀୟ କାର୍ଯ୍ୟକ୍ରମ ଠାରୁ ରାଜ୍ୟ ସରକାରଙ୍କ ଚଳଚ୍ଚିତ୍ର ଜୁରି କମିଟି, ଆକାଶବାଣୀ ଅଡ଼ିସନ ବୋର୍ଡ଼ ଠାରୁ ତରଙ୍ଗ ଚଳଚ୍ଚିତ୍ର ଜୁରି କମିଟି ସଦସ୍ୟା ପରି ଅନେକ ଗୁରୁତ୍ୱପୂର୍ଣ୍ଣ ସଂଗୀତ ସାଧନାମୟ କାର୍ଯ୍ୟରେ ସେ ସବୁବେଳେ ବ୍ୟସ୍ତ ରହୁଥିଲେ। ଓଡ଼ିଆ ସଂଗୀତ ଜଗତର ଗୋଟିଏ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି ହେଲା। ତାଙ୍କ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ସେ ଗାୟିଥିବା ଲୋକପ୍ରିୟ ସଂଗୀତ ତାଙ୍କୁ ସର୍ବଦା ସ୍ମରଣୀୟ କରି ରଖିବ ନିଶ୍ଚୟ। ତାଙ୍କ ଦିବଂଗତ ଆତ୍ମାର ସଦଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ କାମନା କରୁଛି।

ଗୋତରା, ମାହାଙ୍ଗା, କଟକ
ମୋ: ୯୪୩୭୧୪୨୭୧୭

# ସଭ୍ୟତାର ମୂଳଭିତ୍ତି



## ଅଧ୍ୟାପକ ଗୋପବନ୍ଧୁ

ମାନବ ସଭ୍ୟତା ଆଗକୁ ବଢ଼ି ଚାଲିଛି। ଏହାର ବିକାଶ ପଥରେ ବହୁ ପ୍ରତିବନ୍ଧକ ଆସିଛି। ତଥାପି ଏହା ଅଟକି ଯାଇନାହିଁ। ଶ୍ରେଷ୍ଠରୁ ଶ୍ରେଷ୍ଠତର ସନ୍ଧାନରେ ଏହା ଆଗେଇ ଚାଲିଛି। ସଭ୍ୟତା ମନୁଷ୍ୟର ବିଚାରବୁଦ୍ଧି ସମ୍ପନ୍ନତା ସହିତ ଜଡ଼ିତ। ବିଚାରବୁଦ୍ଧି ସମ୍ପନ୍ନତା ଯେଉଁପରି ଗତିଶୀଳ, ସଭ୍ୟତା ମଧ୍ୟ ତଦନୁଯାୟୀ ଗତିଶୀଳ। ମନୁଷ୍ୟର ବୁଦ୍ଧିବିବେକ ଯାହାକୁ ଉଚିତ ଓ ମନୁଷ୍ୟ ସମାଜର ହିତୈଷୀ ବୋଲି ଗ୍ରହଣ କରିନିଏ, ତାକୁହିଁ ଅନୁସରଣ କରିବା ଆରମ୍ଭ କରେ। ଯେତେବେଳେ ସଂଖ୍ୟାଧିକ ଲୋକ ଏହି ସମାନ ବିଚାରଧାରାକୁ ଅନୁସରଣ କରିବା ଆରମ୍ଭ କରନ୍ତି, ତାହା ସଭ୍ୟତାର ଅଂଶବିଶେଷ ହୋଇଯାଏ। ଅବଶ୍ୟ ଏହି ସ୍ତରରେ ପହଞ୍ଚିବା ପାଇଁ ବହୁ ସଂଘର୍ଷର ସମ୍ମୁଖୀନ ହେବାକୁ ପଡେ। ଏହା ବୌଦ୍ଧିକ ସଂଘର୍ଷ ହେଲେବି ବେଳେବେଳେ ରକ୍ତାକ୍ତ ସଂଘର୍ଷର ରୂପ ନେଇଥାଏ।

ସଭ୍ୟତାର ବିକାଶ ପଥରେ ବହୁ ସଂଘର୍ଷ ହୋଇଛନ୍ତି। ଏହା ବହୁ ଶତାବ୍ଦୀ ଧରି ଚାଲିଛି। ବହୁ ମାନସ ମନ୍ଥନ ହୋଇଛି। ସଭ୍ୟତାର ମାପକାଠି କଣ ହେବ ? କାହାକୁ ସଭ୍ୟତା କୁହାଯିବା ? ଗୋଟିଏ ସଭ୍ୟ ସମାଜର ଅତ୍ୟାବଶ୍ୟକ ଉପାଦାନ ଗୁଡିକ କଣ ହେବ ? ଏହାକୁ ନେଇ ତର୍କବିତର୍କ ହୋଇଛି। ବହୁ ଚିନ୍ତକ ଲେଖନୀ ଚାଳନା କରିଛନ୍ତି। ବହୁ ସମାଜ ସଂସ୍କାରକ ଅଭିଭାଷଣ ମାଧ୍ୟମରେ ଲୋକଙ୍କୁ ଏ ବିଷୟରେ ବୁଝାଇଛନ୍ତି। କଳାଭାସ୍କର୍ଯ୍ୟର ଶ୍ରେଷ୍ଠତା ପ୍ରଦର୍ଶନ ମାଧ୍ୟମରେ ଏହାର ଅନ୍ୱେଷଣ ହୋଇଛି। ନାଟକର ସଂଳାପରେ ଓ ସଙ୍ଗୀତର ରାଗିଣୀରେ ଏହାକୁ ଅନୁଭବ କରିବାର ଚେଷ୍ଟା ହୋଇଛି। ଅଧିକାର ପାଇଁ ଲଢ଼େଇ କରୁଥିବା ସଂଗ୍ରାମୀଙ୍କ ସ୍ଲୋଗାନରେ ଏହା ପ୍ରତିଧ୍ୱନିତ ହୋଇଛି। ଅବଶେଷରେ ସଭ୍ୟତାର ତିନୋଟି ରତ୍ନ ଉଦ୍ଭାସିତ ହୋଇଛି। ସେଗୁଡିକ ହେଉଛି ସମାନତା (ଇଉକ୍ୱାଲିଟି), ସ୍ୱତନ୍ତ୍ରତା (ଲିବାର୍ଟି) ଓ ଭ୍ରାତୃତ୍ୱଭାବ (ଫ୍ରେଟାରନିଟି)।

ଯେଉଁ ସମାଜରେ ଏହି ତିନୋଟି ଉପାଦାନ ନାହିଁ ତାହାକୁ ଏକ ସୁସଭ୍ୟ ସମାଜ ବୋଲି କହିହେବ ନାହିଁ। ଏଗୁଡିକ ମନୁଷ୍ୟର ଅନ୍ତର୍ନିହିତ ଗୁଣ ଯାହା ସାମାଜିକ ବ୍ୟବହାରରେ ପ୍ରକାଶିତ ହୋଇଥାଏ। ଏହି ଗୁଣ ଗୁଡିକ ମନୁଷ୍ୟକୁ ଅନ୍ୟାନ୍ୟ ପ୍ରାଣୀ ଠାରୁ ପୃଥକ କରିଥାଏ ଓ ମନୁଷ୍ୟକୁ ଶ୍ରେଷ୍ଠତା ପ୍ରଦାନ କରେ। ଏଗୁଡ଼ିକ ମାନବୀୟ ମୂଲ୍ୟବୋଧ ସହିତ ଜଡିତ। ଯାହାର ମନରେ ଏହି ଗୁଣ ଗୁଡିକ ସମ୍ବନ୍ଧରେ ଅବଧାରଣା ନାହିଁ, ସେ ଜଣେ ସଭ୍ୟ ମନୁଷ୍ୟଭାବେ ବିବେଚିତ ହୋଇପାରିବ ନାହିଁ। ସଭ୍ୟତା କେବଳ ଚାକଚକ୍ୟ ଘର ଓ ଦାମୀ ପୋଷାକ ପରିଚ୍ଛେଦରେ ନଥାଏ। ଏହା ଏକ ଅନ୍ତର୍ନିହିତ ଭାବନା। ଏହା ଏକ ଗୁଣାତ୍ମକ ଲକ୍ଷଣ। ଜଣେ ହତ୍ୟାକାରୀ ଅଥବା ଡକାୟତ ସୁରମ୍ୟ ଅଟ୍ଟାଳିକା ମଧ୍ୟରେ ଚାକଚକ୍ୟ ପରିବେଶ ଭିତରେ ରହୁଥାଇପାରେ, କିନ୍ତୁ ତାକୁ ଜଣେ ସଭ୍ୟ ମନୁଷ୍ୟ ବୋଲି କୁହାଯାଇ ପାରିବ ନାହିଁ। ଜଣେ ଗରିବ କୁଡିଆ ଘରେ ରହୁଥିଲେ ବି ସେ ତାର ଉତ୍ତମ ବ୍ୟବହାର ଓ ଏହି ମାନବୀୟ ଗୁଣ ଗୁଡିକର ଅନୁସରଣ ଜରିଆରେ ସୁସଭ୍ୟଭାବେ ବିବେଚିତ ହେବା ସ୍ୱାଭାବିକ। ୟୁରୋପ୍‌ରେ ଆରମ୍ଭ ହୋଇଥିବା ରେନାଁସାର ଅନ୍ତିମ ନିଷ୍କର୍ଷ ହେଉଛି ସଭ୍ୟତାର ଏହି ତିନି ଉପାଦାନ। ଦୀର୍ଘ ବୌଦ୍ଧିକ ସଂଘର୍ଷ ପରେ ଫରାସି ବିପ୍ଳବ ସମୟରେ ଏହି ତିନୋଟି ଶବ୍ଦ ସ୍ଲୋଗାନର ରୂପ ନେଇଥିଲା। ବିପ୍ଳବୀମାନେ ଚାହିଁଥିଲେ ଗୋଟିଏ ସ୍ୱୟଂ ସମ୍ପୂର୍ଣ୍ଣ ଉନ୍ନତ ସମାଜ ଗଠନ କରିବା ପାଇଁ। ଯେଉଁ ସମାଜରେ ସମାନତା, ଭ୍ରାତୃତ୍ୱଭାବ ଓ ବ୍ୟକ୍ତି ସ୍ୱାଧୀନତା ବିରାଜମାନ ଥିବ। ଏହାପରେ ବିଶ୍ୱବାସୀଙ୍କୁ ମିଳିଯାଇଥିଲା ସଭ୍ୟତାର ମାନକ, ସଭ୍ୟତା ପ୍ରାପ୍ତିର ନିୟମକ। ଯେଉଁ ସମାଜ ଏହି ତିନୋଟି ବିଷୟକୁ ଯେତେ ଅଧିକ ମାତ୍ରାରେ ଅନୁସରଣ କରେ ସେ ସମାଜ ସେତେ ସଭ୍ୟ ଓ ଯେଉଁ ସମାଜ ଏହି ତିନି ଉପାଦାନର ପରିପନ୍ଥୀ ଅଥବା ବହୁ ପଛରେ ସେ ସମାଜ ଅସଭ୍ୟତାକୁ ଡେଇଁ ଆଗକୁ ଯାଇପାରି ନାହିଁ।

ସମାନତାର ଭାବନା ମନୁଷ୍ୟର ମନରେ ଆଜନ୍ମ ସୂତ୍ରରେ ମିଳେ। ଏହା ତାହାର ଆତ୍ମ ସମ୍ମାନ ସହିତ ଜଡିତ। ତେଣୁ ପ୍ରତ୍ୟେକ ମନୁଷ୍ୟ ଜନ୍ମ ହେବା ମାତ୍ରେ ସମାଜରେ ସମାନ ମର୍ଯ୍ୟଦା ପାଇବାକୁ ହକଦାର। ବ୍ୟକ୍ତି ତାହାର ଅଧ୍ୟବସାୟ ବଳରେ ସମାଜରେ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରେ, କିନ୍ତୁ ମନୁଷ୍ୟଭାବେ ସମସ୍ତ ମନୁଷ୍ୟ ସମାନ ଏହାହିଁ ମାନବୀୟ ସିଦ୍ଧାନ୍ତ। ଧର୍ମ, ଜାତି, ସମ୍ପ୍ରଦାୟ ଓ ଅଞ୍ଚଳ ନାମରେ ଅସମାନତାକୁ ପ୍ରତିଷ୍ଠା କରାଯାଇ ପାରିବ ନାହିଁ। ଆର୍ଥିକ ଭାବେ ଜଣେ ଧନୀ କିମ୍ବା ଦରିଦ୍ର ହୋଇପାରେ। ଶିକ୍ଷା ଦୃଷ୍ଟିରୁ ଜଣେ ଶିକ୍ଷିତ କିମ୍ବା ଅଶିକ୍ଷିତ ହୋଇପାରେ। କିନ୍ତୁ ସାମାଜିକ ଭାବେ କୌଣସି ବୈଷମ୍ୟ ଗ୍ରହଣୀୟ ନୁହେଁ। ସାମାଜିକ ବୈଷମ୍ୟ ସଭ୍ୟତାର ପରିପନ୍ଥୀ। ଧର୍ମ ନାମରେ ନିଜକୁ ଶ୍ରେଷ୍ଠ ଅନ୍ୟକୁ ନିକୃଷ୍ଟ ବୋଲି କହି ପାରିବ ନାହିଁ। କୌଣସି ସମ୍ପ୍ରଦାୟ ଓ ଅଞ୍ଚଳର ଲୋକମାନେ ନିଜକୁ ଶ୍ରେଷ୍ଠ ଓ ଅନ୍ୟକୁ ନିକୃଷ୍ଟ କହିବା ଅର୍ଥ ସଭ୍ୟତାକୁ ଅସ୍ୱୀକାର କରିବା। ସେହିପରି ଜାତି ନାମରେ କେହି ନିଜକୁ ଶ୍ରେଷ୍ଠ ଓ ଅନ୍ୟମାନଙ୍କୁ ନିମ୍ନତର କହିବା ମଧ୍ୟ ଅସଭ୍ୟତାର ପରିଚାୟକ।

ସଭ୍ୟତାର ଦ୍ୱିତୀୟ ଉପାଦାନ ସ୍ୱାଧିନତା। ଏହା ବ୍ୟକ୍ତି ସ୍ୱାଧୀନତାକୁ ବୁଝାଏ। ମନୁଷ୍ୟର ନିଜସ୍ୱ ଅଧିକାରକୁ ସୂଚୀତ କରେ। ସ୍ୱାଧୀନତା ତାର ଜନ୍ମଗତ ଅଧିକାର। ସ୍ୱାଧିନତା କହିଲେ ସ୍ୱେଚ୍ଛାଚାରକୁ ବୁଝାଏ ନାହିଁ। ଏହା ଅନ୍ୟର ଅଧିକାରକୁ ସଙ୍କୁଚିତ କରିବାକୁ ବୁଝାଏ ନାହିଁ। ବ୍ୟକ୍ତି ନିଜ ପାଇଁ ଯେଉଁ ସିଦ୍ଧାନ୍ତମାନ ଗ୍ରହଣ କରେ ସେଗୁଡିକ ତାର ସ୍ୱାତନ୍ତ୍ରତାର ଅନ୍ତର୍ଗତ ଅଟେ। ସେ କଣ ଖାଇବ, କଣ ପିନ୍ଧିବ, କେଉଁ ବୃତ୍ତି ଅବଲମ୍ବନ କରିବ, କାହାକୁ ବାହା ହେବ ଇତ୍ୟାଦି ତାର ନିଜସ୍ୱ ଅଧିକାର। ଏହାକୁ ରାଷ୍ଟ୍ର ନା ସମାଜ କେହି ବାରଣ କରିପାରିବେ ନାହିଁ। ଏହାକୁ କୌଣସି ଧର୍ମ ନା ଜାତି ବାଧା ଦେଇପାରିବ। ଯେତେବେଳେ କୌଣସି ଦେଶରେ ଧାର୍ମିକ ମୌଳବାଦୀମାନେ ନିର୍ଣ୍ଣୟ କରନ୍ତି ଲୋକମାନେ କେଉଁ ପ୍ରକାର ପୋଷାକ ପିନ୍ଧିବେ, କଣ ଖାଇବେ, କଣ କରିବେ ଇତ୍ୟାଦି ଏହା ବ୍ୟକ୍ତି ସ୍ୱାତନ୍ତ୍ରତାକୁ କ୍ଷୂର୍ଣ୍ଣ କରେ। ସେହିପରି କୌଣସି ଜାତି ବା ପରିବାରର ଲୋକମାନେ ଯଦି ନିର୍ଣ୍ଣୟ କରନ୍ତି ଜଣେ ଯୁବକ ବା ଯୁବତୀ କାହାକୁ ବାହା ହେବ କିମ୍ବା ତାର ଇଚ୍ଛାକୃତ ବିବାହରେ ବାଧା ସୃଷ୍ଟି କରନ୍ତି ତେବେ ଏହା ମଧ୍ୟ ବ୍ୟକ୍ତି ସ୍ୱାତନ୍ତ୍ରତାକୁ ବ୍ୟାହତ କରେ। ଆମ ଦେଶରେ ଆନ୍ତଃ ଜାତି ବିବାହକୁ ନେଇ ଚାଲିଥିବା ଅନର କିଲିଂ ତଥା ଖାପ୍ ପଞ୍ଚାୟତ ଏହାର ଜ୍ୱଳନ୍ତ ଉଦାହରଣ।

ତୃତୀୟ ଉପାଦାନ ହେଉଛି ଭ୍ରାତୃତ୍ୱଭାବ। ଏହା ସମସ୍ତଙ୍କ ପାଇଁ ସାମାଜିକ ପ୍ରତିବଦ୍ଧତା। ଏହା ବିନା ସମାଜରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଅସମ୍ଭବ। ସମସ୍ତଙ୍କ ମଧ୍ୟରେ ଭ୍ରାତୃତ୍ୱଭାବ ଯେତେ ନିବିଡ଼ ହୁଏ ସମାଜ ସେତେ ଐକ୍ୟବଦ୍ଧ ହୁଏ। ବିଭେଦ ଓ ବିବାଦ ଆସ୍ତେ ଆସ୍ତେ ଅପସରି ଯାଏ। ବିଶ୍ୱଶାନ୍ତି ପାଇଁବି ଏହା ଜରୁରୀ। ପରସ୍ପରକୁ ଭଲ ପାଇବା ମାନବିକତାର ଅପରିହାର୍ଯ୍ୟ ଅଂଶବିଶେଷ। ଗୋଟିଏ ବିବାଦଗ୍ରସ୍ତ ଓ ବିଭେଦଗ୍ରସ୍ତ ସମାଜକୁ ସଭ୍ୟ ସମାଜ ବୋଲି କହିହେବ ନାହିଁ। ଏପରି ସମାଜ ଦୀର୍ଘସ୍ଥାୟୀ ନୁହେଁ। କାରଣ ବିଶୃଙ୍ଖଳା ଅଧପତନର କାରଣ ହୁଏ। ତେଣୁକରି ପ୍ରତ୍ୟେକ ମାନବବାଦୀ ଧର୍ମରେ ସ୍ନେହ-ମମତା ଉପରେ ଗୁରୁତ୍ୱ ଦିଆଯାଇଛି। ଭାରତୀୟ ଚିନ୍ତନରେ ବସୁଧୈବ କୁଟୁମ୍ବକମ୍ କଥା କୁହାଯାଇଛି। ଭ୍ରାତୃତ୍ୱଭାବର ପ୍ରସାର ପାଇଁ ଅହିଂସା, ଦୟା ଓ କ୍ଷମାର କଥା କୁହାଯାଇଛି। ମାନବବାଦର ପ୍ରତିଷ୍ଠା ପାଇଁ ଉଦ୍ୟମ ହୋଇଛି।

ସଭ୍ୟତାର ନିୟାମକ ଭାବେ ଏ ତିନୋଟି ଉପାଦାନ ଆଜି ସର୍ବତ୍ର ଗ୍ରହଣୀୟ। ଆମ ସମସ୍ତଙ୍କ ପାଇଁ ଆତ୍ମ ଚିନ୍ତନର ମାର୍ଗଦର୍ଶକ। ନିଜକୁ ସୁସଭ୍ୟ ବୋଲି ଦାବି କରିବା ପୂର୍ବରୁ ସଭ୍ୟତାର ମାନକରେ ତଉଲିବାର ଅଛି ଓ ଅନୁଭବ କରିବାର ଅଛି ଯେ ଆମେ ପ୍ରକୃତରେ କେତେ ସୁସଭ୍ୟ।

+ବାରିପଦା, ମୟୂରଭଞ୍ଜ,
ମୋ: ୭୦୦୮୯୭୬୧୮୦




# ଫେରିଆ ଚିରାଚରିତ ବିଧାନକୁ

## ଦେବାଶିଷ ଦେ

ଭାରତ, ରତ ଥାଏ ପ୍ରତିଭା ପାଇଁ କି,
ତେଣୁ ବିଶ୍ୱ ଗୁରୁ ରହି ଆସିଛି,
ମଣିଷ ଜାତିର ମୂଳ ସମ୍ବିଧାନ ବେଦ
ବହନରେ ସେ ବଞ୍ଚିଛି।
ବେଦ ନୀୟମଟା ସନାତନ ଦେଇ,
ଜୀଇଁ ବା ସୁଇଚ ମଣିଷଟି ଲଭିଛି,
ବେଦ ଧାରା-ଉପଧାରା ଯିଏ ଯେତେ
ମାନେ, ଉନ୍ନତି ସେ ସେତେ କରୁଛି।
ସୁନା ଭାରତରୁ ବିମୁଖ ସଭ୍ୟତା,
ପ୍ରାଚ୍ୟ ପାଶ୍ଚାତ୍ୟରୁ ଫେରିକି,
ସୁନା ଭାରତକୁ ଚାକଚକ୍ୟ ଯାଚି, ଦେଖାନ୍ତି
ଅନେକ ଭେଳିକି।
ଭାରତୀୟ ଭୁଲି ତିଳକ ଗେରୁଆ,
ମାତନ୍ତି ବିଲାତି ସୁରା ସାକିରେ,
ନିଜ ଭାରତର ଗୌରବେ ଭେଜାଲେ
ଲେଖେ ନୂଆ ସମ୍ବିଧାନ
ଉଧାରେ।
'ବାରେଟିଆଲଅ' ଯେ ମାନେ ପଢ଼ିଲେ
ପାଶ୍ଚାତ୍ୟ ବିଦ୍ୟାଳୟେ ଯାଇକି,
ପଣ୍ଡିତ ବୋଲାଇ ବେଦ ସତ୍ୟାନାଶେ
କଂଭେଣ୍ଟ ସାହିତ୍ୟ ଆଣିକି।
ଆତ୍ମ ବଡିମାରେ ଏ ବାରେଟିଆଙ୍କର,
ଜଳିଲା ମୋ ଭାରତ ବିଧାନ,
ଗୁରୁବାଦ ଦେଶେ ପାଶ୍ଚାତ୍ୟ ବାଦରେ
ପଶିଲା ଲେନିନ କମ୍ୟୁନିଷ୍ଟ ର ଯାନ।
ସର୍ବୋପରି-ବିଧାନ
ମଣିଷ ପାଇଁକି ବେଦକୁ,
ପାଶ୍ଚାତ୍ୟେ ଦେଲେ ବିକାଶ ନାମେ ଗିଳି,
ବେଦକୁ ନ ମାନି ସଭ୍ୟତା ମଣିଷର ଡଗ
ମଗ ନାବ ପରି।
ନାରୀ ହେଉଅଛି ବିଶୃଙ୍ଖଳ ଏଠି,
ପରିବାର ଇଟା ହୋଇ,
ପୁରୁଷଙ୍କ ସହ ସମାନ ହେବାକୁ ରାଷ୍ଟ୍ର
ଇମାରତକୁ ପେଲେ
ଦୋହଲାଇ ଦେଇ।
ବୈଶ୍ୱିକ ନାମରେ ଗୋଗୁଲୁ ଦେଖାଏ
ଅନିୟନ୍ତ୍ରିତ ଜ୍ଞାନ ପେଲିକି,
ବିଶ୍ୱଗୁରୁକୁ ନିଃସ୍ୱ କରିବାରେ ମୋବାଇଲ
ଇଣ୍ଟରନେଟ ଡେଉଛି ଖୋଲିକି।
ଚବିଶ ଘଣ୍ଟା ଯେ ମୁଣ୍ଡ ପୋତି
ମଣିଷ ମସ୍ତିଷ୍କ ଉତ୍ତେଜିତ କରୁଛି,
ବାପ,ମାଆ,ପରିବାର ସମ୍ପର୍କ ଏଠି କେବଳ
ଧାରା ବାହିକ ରେ ଖେଳୁଛି।
ଫେରିଆ ! ମୋ ଧନ, ବେଦ ବିଧାନକୁ
ସତ୍ୟଯୁଗେ ପାଦ ଦେବୁକି,
ଭୁଲ୍‌କୁ ପ୍ରତ୍ୟାଖାନେ ସତ୍ୟ ଅନ୍ୱେଷଣେ
ଭାରତ ପ୍ରତିଭାତ ବାନ୍ଧିକି।

# ପ୍ରେମବଳେ

## ଜୟନ୍ତ କୁମାର ମଲ୍ଲିକ୍



ଅତି ଅନୁପମ ଅଟଇ ଯେ ପ୍ରେମ
ଯାହାର ତୁଳନା ନାହିଁ -
ତା' ଦିବ୍ୟ ପରଶ ଲଭିବା ନିମନ୍ତେ
ରହିଥାନ୍ତି ସର୍ବେ ଚାହିଁ ।

ଅଢେଇ ଅକ୍ଷର ଭିତରେ ସୀମିତ
ରହିଅଛି ସିନା ସିଏ-
ସାରା ଦୁନିଆଁକୁ ତା'ର ଶକତିରେ
ସଦା ଚମକାଇ ଦିଏ !

ପ୍ରେମ ବଳେ ସୃଷ୍ଟି ହୋଇଛନ୍ତି ସର୍ବେ
ଯାହା ଜୀବନର ଜ୍ୟୋତି-
ପ୍ରେମ ନିକଟରେ ସବୁ ମୂଲ୍ୟହୀନ
ଯେତେ ଅଛି ହୀରା ମୋତି !

ସକଳ ପ୍ରେମର ଉତ୍ସ ଯେ ଅଟନ୍ତି
ଦରଦୀ ପରମପିତା-
ଯାହାଙ୍କୁ ପୂଜିଲେ ପ୍ରେମ ବଳେ ଆମେ
ହୋଇବା ଜଗତଜିତା !

+ଶୂରଡ଼ିହ,ନନ୍ଦିପୁର,ଦଶରଥପୁର,
ଯାଜପୁର
ମୋ-୯୪୩୭୮୬୫୭୨୭

# ମଧ୍ୟବିତ୍ତ ଜୀବନର ନିରବ ସଂଘର୍ଷ



**ବବିତା ତ୍ରିପାଠୀ**

ସମାଜର ଗଠନ ଏକ ପିରାମିଡ୍ ଭଳି। ତଳେ ଅଛନ୍ତି ଗରିବ, ଶୀର୍ଷରେ ଅଛନ୍ତି ଧନୀ ଏବଂ ମଧ୍ୟଭାଗରେ ଅଛନ୍ତି ମଧ୍ୟବିତ୍ତ ଶ୍ରେଣୀ। ଏହି ମଧ୍ୟବିତ୍ତ ଶ୍ରେଣୀ ସମାଜର ମେରୁଦଣ୍ଡ ହେଲେ ମଧ୍ୟ ସେମାନଙ୍କର ଜୀବନ ସବୁଠାରୁ ଅଧିକ ସଂଘର୍ଷମୟ। ସେମାନେ ନା'ଅତ୍ୟଧିକ ଗରିବ, ନା'ଅତ୍ୟଧିକ ଧନୀ; ସେଥିପାଇଁ ସେମାନଙ୍କ ଜୀବନ ସବୁବେଳେ ଅଭାବ, ଚିନ୍ତା ଓ ଦାୟିତ୍ୱର ମଧ୍ୟରେ ଘାଣ୍ଟିସନ୍ତୁଳି ହେଉଥାଏ।

ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ ସମାଜର ମୌଳିକ ଶକ୍ତି। ଦେଶର ଶିକ୍ଷକ, କର୍ମଚାରୀ, ଛୋଟ ବ୍ୟବସାୟୀ, କୃଷକ, ଛୋଟ ଚାକିରିଜୀବୀ, ନିମ୍ନ-ମଧ୍ୟମ ସରକାରୀ କର୍ମଚାରୀ—ସମସ୍ତେ ଏହି ଶ୍ରେଣୀରେ ଅନ୍ତର୍ଭୁକ୍ତ ହୋଇଥା'ନ୍ତି । ସେମାନେ ଦେଶର ଅର୍ଥନୀତିକୁ ଆଗକୁ ନେବାରେ ମୁଖ୍ୟ ଭୂମିକା ନିର୍ବାହ କରିଥାନ୍ତି କିନ୍ତୁ ସେମାନେ ସବୁବେଳେ ଅନେକ ସମସ୍ୟାରେ ଘେରିରହିଥାନ୍ତି।

ମଧ୍ୟବିତ୍ତ ଶ୍ରେଣୀର ସବୁଠାରୁ ବଡ଼ ସମସ୍ୟା ହେଉଛି ଆର୍ଥିକ ଅଭାବ। ତାଙ୍କର ଆୟ ସୀମିତ, କିନ୍ତୁ ଖର୍ଚ୍ଚ ଅସୀମ। ଘରଭଡା, ବିଦ୍ୟୁତ ବିଲ୍, ପାଣି ବିଲ୍, ପିଲାଙ୍କ ପଢ଼ା, ଚିକିତ୍ସା, ଯାତାୟାତ, ଖାଦ୍ୟ—ସବୁ କିଛି ମିଶି ତାଙ୍କ ଆୟ ବାଣ୍ଟି ହୋଇଯାଏ ।

ମାସ ଆରମ୍ଭରେ ଯେତେବେଳେ ଦରମା ମିଳେ, ସେତେବେଳେ ମଧ୍ୟବିତ୍ତ ବ୍ୟକ୍ତି ଆଗରୁ ହିଁ ହିସାବ କରିବାକୁ ଲାଗେ—କେଉଁଠି କେତେ ଖର୍ଚ୍ଚ ହେବ, କେଉଁଠି କମାଇବାକୁ ପଡ଼ିବ। ଅନେକ ସମୟରେ ନିଜ ଆବଶ୍ୟକତାକୁ ଅଣଦେଖା କରି, ପରିବାର ପାଇଁ ସବୁ କିଛି ସହିଯାଇଥାଏ।

ମଧ୍ୟବିତ୍ତ ପରିବାର ପାଇଁ ପିଲାଙ୍କ ଶିକ୍ଷା ସବୁଠାରୁ ବଡ଼ ଚିନ୍ତା। ସେମାନେ ଚାହାନ୍ତି ତାଙ୍କ ସନ୍ତାନ ଭଲ ପଢ଼ି, ଭଲ ଚାକିରି ପାଇ, ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ନ୍ତୁ। କିନ୍ତୁ ଆଜିର ଦିନରେ ଶିକ୍ଷା ବହୁତ ମହଙ୍ଗା।

ସ୍କୁଲ ଫିସ୍, କୋଚିଂ, ବୁକ୍ସ, ଅନଲାଇନ୍ କ୍ଲାସ୍, ମୋବାଇଲ୍, ଲ୍ୟାପଟପ୍—ଏସବୁ ମଧ୍ୟବିତ୍ତ ପରିବାର ଉପରେ ଭାର ସୃଷ୍ଟି କରେ। ଅନେକ ମାତାପିତା ନିଜ ସ୍ୱପ୍ନ ଛାଡ଼ି, ପିଲାଙ୍କ ସ୍ୱପ୍ନ ପାଇଁ ଜୀବନ ଦେଇ ଦିଅନ୍ତି।

ସ୍ୱାସ୍ଥ୍ୟ ମଧ୍ୟ ମଧ୍ୟବିତ୍ତ ଶ୍ରେଣୀ ପାଇଁ ଏକ ବଡ଼ ସମସ୍ୟା। ବେସରକାରୀ ହସ୍ପିଟାଲର ଚିକିତ୍ସା ଅତ୍ୟଧିକ ମହଙ୍ଗା, ଆଉ ସରକାରୀ ହସ୍ପିଟାଲରେ ଭିଡ଼ ଓ ଅଭାବ ମଧ୍ୟ ଥାଏ।

କୌଣସି ଗମ୍ଭୀର ରୋଗ ହେଲେ, ସମ୍ପୂର୍ଣ୍ଣ ପରିବାର ଆର୍ଥିକ ଭାବେ ଭାଙ୍ଗିପଡ଼େ। ଅନେକ ସମୟରେ ଲୋକମାନେ ଧାର, କରଜ କରି, ଜମି-ଗହଣା ବିକ୍ରୀକରି ଚିକିତ୍ସା କରାନ୍ତି।

ମଧ୍ୟବିତ୍ତ ଲୋକମାନେ ସବୁବେଳେ ସାମାଜିକ ଚାପରେ ରହନ୍ତି । ବିବାହ, ପର୍ବପର୍ବାଣୀ, ସମାରୋହ, ଉତ୍ସବ—ସବୁଠି ଖର୍ଚ୍ଚ କରିବାକୁ ପଡ଼େ। ଲୋକ କ'ଣ କହିବେ, ଏହି ଭୟରେ ସେମାନେ ଅନାବଶ୍ୟକ ଖର୍ଚ୍ଚ କରିବାକୁ ମଧ୍ୟ ବାଧ୍ୟ ହୁଅନ୍ତି।

ଅନେକ ସମୟରେ ମନରେ ଦୁଃଖ ଥାଇ, ତଥାପି ମୁହଁରେ ହସ ରଖି ଚାଲିବାକୁ ପଡ଼େ।

ଆର୍ଥିକ ଅଭାବ, ଦାୟିତ୍ୱ, ଭବିଷ୍ୟତର ଚିନ୍ତା—ଏସବୁ ମଧ୍ୟବିତ୍ତ ଶ୍ରେଣୀକୁ ମାନସିକ ଭାବେ ଦୁର୍ବଳ କରେ। ସେମାନେ ଅନେକ ସମୟରେ ନିଜ ଦୁଃଖ କାହାକୁ କହିପାରନ୍ତି ନାହିଁ।

ପୁରୁଷ ହେଉ କି ନାରୀ, ସମସ୍ତେ ପରିବାର ପାଇଁ ଦିନ-ରାତି କଠିନ ପରିଶ୍ରମ କରନ୍ତି। କିନ୍ତୁ ନିଜ ପାଇଁ ସମୟ ମିଳେ ନାହିଁ। ଏହାର ପରିଣାମ ସ୍ୱରୂପ ଚାପ, ଅବସାଦ, ଭୟ ଭଳି ସମସ୍ୟା ଦେଖାଦିଏ ।

ମଧ୍ୟବିତ୍ତ ଲୋକମାନେ ମଧ୍ୟ ସ୍ୱପ୍ନ ଦେଖନ୍ତି—ଭଲ ଘର, ଭଲ ଗାଡ଼ି, ଭଲ ଜୀବନ। କିନ୍ତୁ ଅଧିକାଂଶ ସମୟରେ ସେହି ସ୍ୱପ୍ନ ସ୍ୱପ୍ନ ହେଇ ରହିଯାଏ।

ଦାୟିତ୍ୱର ଭାରରେ ସେମାନେ ନିଜ ଇଚ୍ଛାକୁ ଦବାଇ ଦିଅନ୍ତି। ଜୀବନ ଚାଲିଥାଏ—କର୍ତ୍ତବ୍ୟର ରାସ୍ତାରେ, ଆତ୍ମତ୍ୟାଗରେ ।

ଏତେ ସମସ୍ୟା ସତ୍ତ୍ୱେ ମଧ୍ୟବିତ୍ତ ଶ୍ରେଣୀ କଦାପି ହାର ମାନେନାହିଁ। ସେମାନେ ଧୈର୍ଯ୍ୟଶୀଳ, ପରିଶ୍ରମୀ ଓ ସତ୍ୟନିଷ୍ଠ। ଅଳ୍ପ ସାଧନରେ ବଡ଼ ସ୍ୱପ୍ନ ଗଢ଼ିବା ତାଙ୍କର ବିଶେଷତା।

ସେମାନେ ନିଜ ରକ୍ତକୁ ପାଣିକରି ସନ୍ତାନଙ୍କ ଭବିଷ୍ୟତ ଗଢ଼ନ୍ତି। ଦେଶର ଉନ୍ନତିରେ ସେମାନଙ୍କର ଅବଦାନ ଅମୂଲ୍ୟ।

ମଧ୍ୟବିତ୍ତ ଶ୍ରେଣୀ ହେଉଛି ସମାଜର ମେରୁଦଣ୍ଡ। ସେମାନଙ୍କ ଜୀବନ ଦୁଃଖ, ସଂଘର୍ଷ ଓ ଆତ୍ମତ୍ୟାଗରେ ଭରିଥାଏ। ତଥାପି ସେମାନେ କଦାପି ଅଭିଯୋଗ କରନ୍ତି ନାହିଁ।

ମଧ୍ୟବିତ୍ତ ଲୋକମାନେ ଘର, ଗାଡ଼ି, ମୋବାଇଲ୍, ପଢ଼ା—ସବୁ ପାଇଁ ଲୋନ୍ ନେଇଥାନ୍ତି।

ପ୍ରତିମାସ ଇଏମ୍ଆଇ ଦେବାର ଚାପ ତାଙ୍କୁ ମାନସିକ ଭାବେ ଦୁର୍ବଳ କରେ।

ଆୟ ଆସିଲେ ସିଧା ଖର୍ଚ୍ଚ ହୋଇଯାଏ।

ସେଭିଙ୍ଗସ୍ କରିବାକୁ ଚାହିଁଲେ ମଧ୍ୟ ଶେଷରେ କିଛି ରହେନି।

**Emergency** ଆସିଲେ ବହୁତ **problem** ହୁଏ।

**Private job** ଥିଲେ **job** ଚାଲିଯିବାର ଭୟ ସବୁବେଳେ ରହେ।

ଗରିବ ଯୋଜନାରେ ସେମାନେ ରହିପାରନ୍ତି ନାହିଁ,

ଧନୀ ହେବା ପାଇଁ ଅର୍ଥ ନାହିଁ। ମହଙ୍ଗା ଜୀବନଶୈଳୀର ଚାପ **Mobile, Internet, Brand dress, Social media** ସମାଜରେ ଚଳିବାକୁ ଏ ସବୁର ଆବଶ୍ୟକତା, ଏସବୁ ଦେଖି ଅଭାବର ଚାପ ଆସେ । ଅନାବଶ୍ୟକ ଖର୍ଚ୍ଚ ବଢ଼େ।

ଝିଅ, ପୁଅର ପାଠ ପଢା ବିବାହ, ଏହା ମଧ୍ୟବିତ୍ତଙ୍କ ପାଇଁ ବଡ଼ **challenge**।

ଅନେକ ସମୟରେ ସାରା ଜୀବନର **savings** ଏଠି ଖର୍ଚ୍ଚ ହୋଇଯାଏ। କେହି କେହି "ପଇସା ଖର୍ଚ୍ଚ ହେବ" ବୋଲି **Doctor**ଙ୍କ ପାଖକୁ ଯିବାକୁ ଡରନ୍ତି।

ଛୋଟ ସମସ୍ୟାରୁ ବଡ଼ ରୋଗ ହୋଇଯାଏ। ଏମାନେ ବାହାରେ **Strong** ଦେଖାଯାନ୍ତି, କିନ୍ତୁ ଭିତରେ ବହୁତ ଭାଙ୍ଗିପଡ଼ିଥାନ୍ତି। କାହାକୁ ଦୁଃଖ କହିପାରନ୍ତି ନାହିଁ।

କଷ୍ଟ ଥିଲେ ମଧ୍ୟ କାହାପାଖରେ ହାତ ପତେଇ ମାଗନ୍ତି ନାହିଁ, ସମ୍ମାନରେ ବଞ୍ଚିବାକୁ ଚାହାନ୍ତି। ଏହା ତାଙ୍କର ସବୁଠାରୁ ବଡ଼ ଗୁଣ।

"ଆଗକୁ କଣ ହେବ?" "ପିଲା ଭଲ ହେବେ ତ?"

"ବୃଦ୍ଧାବସ୍ଥାରେ କିଏ ଦେଖିବ?"

ଏହି ଚିନ୍ତା ସବୁବେଳେ ମନରେ ରହିଥାଏ । ମଧ୍ୟବିତ୍ତ ଲୋକମାନେ ଘର, ଗାଡ଼ି, ମୋବାଇଲ୍, ପଢ଼ା—ସବୁ ପାଇଁ **loan** ନେଇଥାନ୍ତି।

ପ୍ରତିମାସ **EMI** ଦେବାର ଚାପ ତାଙ୍କୁ ମାନସିକ ଭାବେ ଦୁର୍ବଳ କରେ।

ଆୟ ଆସିଲେ ସିଧା ଖର୍ଚ୍ଚ ହୋଇଯାଏ।

**Savings** କରିବାକୁ ଚାହିଲେ ମଧ୍ୟ ଶେଷରେ କିଛି ରହେନି।

**Emergency** ଆସିଲେ ବହୁତ **problem** ହୁଏ।

**Private job** ଥିଲେ **job** ଚାଲିଯିବାର ଭୟ ସବୁବେଳେ ରହେ।

ସରକାର ମଧ୍ୟବିତ୍ତ ପରିବାରଙ୍କ ଜୀବନକୁ ସୁରକ୍ଷିତ ଓ ସ୍ଥିର କରିବା ପାଇଁ **Government of India** ଓ **Government of Odisha** କମ୍ ଦାମରେ ସ୍ୱାସ୍ଥ୍ୟ ବୀମା ଓ ଭଲ ଚିକିତ୍ସା, ପିଲାମାନଙ୍କ ପାଇଁ ସ୍କଲାରଶିପ୍ ଓ ଶସ୍ତା ଶିକ୍ଷା, ସହଜ ଲୋନ୍‌ରେ ଘର ଓ **EMI** ସୁବିଧା, ସ୍ଥାୟୀ ଚାକିରି ଓ କୌଶଳ ପ୍ରଶିକ୍ଷଣ, ଛୋଟ ବ୍ୟବସାୟ ପାଇଁ ସହଜ ଋଣ, ମଧ୍ୟବିତ୍ତଙ୍କୁ କର ରିହାତି ଓ ଭଲ ଯୋଜନା, ଦରଦାମ ନିୟନ୍ତ୍ରଣ ସହ ଗ୍ୟାସ୍–ବିଦ୍ୟୁତ–ପାଣିରେ ସବସିଡି ଏବଂ ବୃଦ୍ଧ ଓ ମହିଳାଙ୍କ ପାଇଁ ପେନସନ୍ ଓ ସୁରକ୍ଷା ଯୋଜନା ଦେବା ଆବଶ୍ୟକ, ଯାହା ମଧ୍ୟବିତ୍ତଙ୍କ ଭବିଷ୍ୟତକୁ ନିରାପଦ ଓ ସୁଖମୟ କରିପାରିବ ।

+ ଭୁବନେଶ୍ୱର
(ମୋ) ୭୯୭୮୩୬୮୮୨୫

## ଯାତ୍ରା

### ପଦ୍ମିନୀ ମିଶ୍ର



ଏତେ ବାଟ ଚାଲିଆସିବା ପରେ
ଏବେ ପ୍ରଶ୍ନ ଉଠୁଛି ଗତି କୁଆଡେ
ଉତ୍ତର ନା ଦକ୍ଷିଣ,ପୂର୍ବ ନା ପଶ୍ଚିମ
ଦିଗ ମାନେ ତ ଭ୍ରମ
କେବଳ ଅସ୍ତ ଆଉ
ଉଦୟର ନାମ।

ଯିବି କୁଆଡେ ?
ଯାହା ସବୁ ଛାଡି ଆସିଛି
ସେମାନେ ଏବେ ବି ମୋର ସହଯାତ୍ରୀ
ଯାହା ଆଲୁଅ ପରି ଦିଶିଛି
ସେ ବି ଲାଗିଛି ଯେମିତି
ଗାଢ଼ କଳା ରାତ୍ରି।

ଯିବି କୁଆଡେ ?
ଆଗରେ ଅସୀମ ଦୂରତା
ପଛରେ ଅଫେରା ରାସ୍ତା
ଲଟକି ଯିବିକି ମଧ୍ୟବିନ୍ଦୁରେ
ଯେଉଁଠି ପ୍ରସ୍ଥାନ ଆଉ ଆଗମନ
ଅତୀତ ଆଉ ଭବିଷ୍ୟତ
ଗୋଟେ ସ୍ଥିର ବିନ୍ଦୁରେ ସମାହିତ।

ଯିବି କୁଆଡେ
ଏ ପ୍ରଶ୍ନତ ଚିରାଚରିତ
ଏ ପ୍ରଶ୍ନର ଉତ୍ତର ସବୁକାଳେ
ଅନୁତ୍ତରିତ
ଅସମାହିତ, ଅସମାପ୍ତ।

ଭଉଁରୀ ଭିତରେ ଜୀବନ
ପାଣି ଉପରେ ନାଆ
କେବେ ନା ଉପରେ ପାଣି
ଯେତ ବଡ଼ ବିଚିତ୍ର।

ଯିବି କୁଆଡେ ?
ଯେବେ ଅନିର୍ଦ୍ଦିଷ୍ଟ ଦିଗହୀନ
ଅନିଶ୍ଚିତ ସମୟର ସ୍ରୋତ।

+ କବୀ, ସଂଯୋଜିକା,
ବ୍ରହ୍ମପୁର
ମୋ: ୯୬୬୮୭୨୯୩୦

## ତମେ ଆସିଲ ଯେ

### ଇନ୍ଦୁମତୀ ପାତ୍ର

ତମେ ଆସିଲ ଯେ
ଫଗୁଣ ଫଗୁଣ ବାସିଲା
ଅକସ୍ମାତ ବଦଳିଗଲା
ପ୍ରକୃତି ର ଚିତ୍ର,
ଝରା ପତ୍ର ର ମର୍ମର ଭିତରୁ
ଶୁଣାଗଲା କୁଆଁ ରାବ
ନବ ପଲ୍ଲବର ,
ଉଲ୍ଲସିତ ହେଲେ ଯେତେ
ସ୍ଥାବର ଜଙ୍ଗମ ।

ଦେହ ମନେ ଏ କି
ଅପୂର୍ବ ଶିହରଣ
ଛୁଇଁ ଲାକି ମଳୟ ବାତୁଳ,
ବର୍ଣ୍ଣହୀନ ପାଣ୍ଡୁର ପୃଥିବୀ
ବର୍ଣାଳୀରେ କି ହଟଚମଟ
ଶୀତ ତ୍ରସ୍ତ ମଣିଷର
ଅସୁମାରି ସୁଖ ।

ପଦ୍ମ ବନେ ଖୁସିର ଆସର
ବଉଳ ବାସରେ
ଚହଟୁଛି ଚଉଦିଗ,
କୋକିଳର ପଞ୍ଚମ ତାନରେ
ପ୍ରେମୀ ମନେ ସଞ୍ଚରିଲା
ମିଳନ ସୋହାଗ,
ମନେ ହେଲା, ଏ ଧରା କି
ପାଲଟିଲା ସ୍ୱର୍ଗ ।

ଶିଳା ସୁନ୍ଦରୀ ପିନ୍ଧିଲାଣି
ଶିଉଳିର ପାଟ
ଗଭାରେ ତା ପଳାଶ ସ୍ତବକ,
ସିମୁଳିର ଉଚ୍ଚ ଡାଳେ
ବସିଛି କି ରଙ୍ଗ ସଭା
ଆକର୍ଷି ଆଣୁଛି କେତେ
ଭାବୁକ ରସିକ ।

ବନ ରାଜି ନାନା ଜାତି
ପୁଷ୍ପରେ ମଣ୍ଡିତ
ପକ୍ଷୀଙ୍କର ଶ୍ରଦ୍ଧା ଶଙ୍ଖ ଧ୍ୱନୀ
କରୁଛି କି ଆବାହନୀ
ଋତୁ ରାଜଙ୍କର ।

ଆସ ଆହେ ଋତୁ ବର
ଘେନିବାକୁ ସ୍ୱାଗତ ବେଭାର
ତମେ ତ ଦେଇଛ ଏହି
ନବୀନ ପୁଲକ
ଆନନ୍ଦରେ ଆଜି ଏ ସାରା ମୁଲକ ।

+ ଗୌର ତୋଟା ସାହି
କେନ୍ଦୁଝର ଗଡ଼ ।
ମୋ: ୯୮୬୧୬୪୯୦୨୯

## ମା' ଦୁର୍ଗା

### ବବିତା ସାହୁ

ଜୟ ମା ଦୂର୍ଗା ଜୟ ତୁ ମା ଦୂର୍ଗେଶ୍ୱରୀ
ହେ ମା ଅଦିଶକ୍ତି ପ୍ରଦାୟିନୀ
ଜୟ ତୁ ଜୟ ହେ ମା ଜୟ ତୁ ।

ଆସ ଆସ ମା ଗୋ ଆଜି ତୁମ ପାର୍ବଣ ଦିନ
ଏହି ମଣ୍ଡପ ବେଢାରେ ତୋ ଚରଣ ପଡୁ ଗୋ
ଜୟ ତୁ ଜୟ ହେ ମା ଜୟ ତୁ
ତୋ ପାଇଁ ଆଣିଛି ମନ୍ଦାର ମାଳ ଆଉ
ଶହେ ଆଠ ବେଲପତ୍ର, ଦୁବପତ୍ର ଗୋ
ଜୟ ତୁ ଜୟ ହେ ମା ଜୟ ତୁ...

ଆଣିଛି ବାଲିଗଜା, ଭୋଗ, ଖଇଲଡୁ
ଭାଇ ଜୀଉନ୍ତା ପାଇଁ କରିଛି ମାନସିକ ଗୋ
ଜୟ ତୁ ଜୟ ହେ ମା ଜୟ ତୁ
ମୋ ଭାଇ କୁ ରଖିଥିବୁ ଘଣ୍ଟଘୋଡାଇ
ଆସିଲେ ଦୁଃଖ କରି ଦେବୁ ଦୂର ଗୋ
ଜୟ ତୁ ଜୟ ହେ ମା ଜୟ ତୁ...

ତୋ ପାଦପଦ୍ମେ ଏତିକି କାମନା,
ରଖିଥିବୁ ସଭିଙ୍କୁ ତୋ ଆର୍ଶୀବାଦ ଦେଇ ଗୋ
ଜୟ ତୁ ମା ତୋ ପାଦପଦ୍ମେ
ପ୍ରଣତି କରୁଛି ଗୋ ।

+ କଳାହାଣ୍ଡି

## ପ୍ରକୃତ ବନ୍ଧୁ

### ରେଶ୍ମା ମେହେର



ସମ୍ପଦଠୁ ବଳି ସମ୍ପର୍କ ଅଟଇ
ତା ମଧ୍ୟେ ପ୍ରକୃତ ବନ୍ଧୁ,
ପ୍ରତିଟି ଘଡ଼ିରେ ସାଥିରେ ଚାଲଇ
ଆସୁ ଯେତେ ପୀଡା ସିନ୍ଧୁ।

ବିପଦ ଝଡ଼ର ତୀବ୍ର ବେଗରେ
ଯେତେବେଳେ ମନ ଭାଙ୍ଗେ,
ସାହା ହୋଇ ସିଏ ଜୀବନ ଭାରକୁ
ନିଭାଇଣ ନିଜ ଅଙ୍ଗେ।

ସୁଖ ଦୁଃଖ ଦୁଇ ପର୍ଯ୍ୟାୟେ ସଦା ଯେ
ବନ୍ଧୁ ସତ୍ୟ ହୁଏ ଜଣେ,
ଆସୁ ଅବା ଯେତେ ସଂକଟ ବେଦନା
ଉଦ୍ଧାର କରି ସେ ଆଣେ।

ଅପରାଧ ତ୍ରୁଟି କ୍ଳାନ୍ତିର ପଥରୁ
ସତ୍ପଥକୁ ନେଇ ଯାଏ,
ସହଯୋଗ ଭରା ଆଲୋକ ଜଳାଇ
ଆଶାର ପଥ ଦେଖାଏ।

ଭଲ ସମୟର ସାଥୀ ଯେ ଅନେକ
ଦୁଃଖ କାଳେ ଯେ ନଯାଏ ଦୂର,
ସେହି ତ ପ୍ରକୃତ ବନ୍ଧୁ ହିଁ ଅଟେ
ଜୀବନ ପଥର ସତ୍ୟ ସହଚର।

+ହାତୀବନ୍ଧା, ନୂଆପଡା



ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

### ଜ୍ୟୋତ୍ସ୍ନାମୟୀ ପଣ୍ଡା



॥ ଭାଗ-୧୨୯ ॥

ରାଜନଙ୍କର ଆଦେଶ ପାଇ ଅସୁର ମାନେ ଉଦ୍ଦଣ୍ଡ ଭାବେ ଚିତ୍କାର କରି ପ୍ରହ୍ଲାଦଙ୍କୁ ଘେରିଗଲେ। ଥୋକେ ବିଭିନ୍ନ ଅସ୍ତ୍ର, ଶାସ୍ତ୍ର ଧରି ତା ଆଡ଼କୁ ଦୌଡି ଆସିଲେ। କରାଳ ବଦନରେ ସୁଦୀର୍ଘ ଦନ୍ତପଂକ୍ତି, ପିଙ୍ଗଳ ଜଟା ଓ ତାମ୍ରାଭ ଦାଢ଼ି। ସେମାନେ ଘୋର ରଡି ଛାଡି ପାଦକୁ ପାଦ ଛନ୍ଦି ଭୈରବ ନାଚିବା ରେ ଲାଗିଲେ। ପୁଣି କିଏ ଅନ୍ତରୀକ୍ଷରେ ଶୂଳ ବୁଲାଇଲେ ତ କିଏ ତୀକ୍ଷ୍ଣ ଶସ୍ତ୍ର ସେହି ସୁକୁମାର ବାଳକ ଆଡକୁ ନିକ୍ଷେପ କଲେ। 'ଯଦି ବିଷ୍ଣୁଙ୍କ ପ୍ରତି ମୋର ବାସ୍ତବରେ ଭକ୍ତି ଥାଏ, ଯଦି ସକଳ ଘଟରେ ଏକହିଁ ନାରାୟଣ ନିବାସ କରନ୍ତି, ଯଦି ଏହି କ୍ରୁର ଦାନବ ମାନଙ୍କ ଦେହରେ ମଧ୍ୟ ବିଷ୍ଣୁ ବାସ

କରୁଛନ୍ତି ତାହାଲେ ଏହି ଅସ୍ତ୍ରଶସ୍ତ୍ର, ଶୂଳ ମୋର କୌଣସି କ୍ଷତି କରିପାରିବ ନାହିଁ।'/ପ୍ରହ୍ଲାଦ ଏକାଗ୍ର ଭାବେ ବିଷ୍ଣୁଙ୍କୁ ସ୍ମରଣ କରି କହିଲେ।' ଏ କ'ଣ ? ଅସ୍ତ୍ରଶସ୍ତ୍ରସବୁ ଏ ବାଳକ ଦେହରେ ବାଜି ଚୂର୍ଣ୍ଣିଭୂତ ହୋଇ ଯାଉଛି ! ' ହିରଣ୍ୟ କଶିପୁ ଚିତ୍କାର କରିବାରେ ଲାଗିଲେ।' କୁହ ମନ୍ତ୍ରୀ ମାନେ, ଏ ଅସୁର ବଂଶର କଳଙ୍କକୁ ମୁଁ କ'ଣ କରିବି ? ନିଜ ଠାରୁ ବି ମୁଁ ମୋର ଦାନବ ଜାତିକୁ ଅଧିକ ଭଲ ପାଏ। ମୋ ଜାତିର ସମ୍ମାନ ସାମ୍ନାରେ ପୁତ୍ର ସ୍ନେହ ମୋ ନିକଟରେ ଅତି ତୁଚ୍ଛ। ଏହାକୁ ପାଗଳ ହସ୍ତୀ ମାନଙ୍କ ଦନ୍ତ ଦ୍ୱାରା ବଧ କରାଯାଉ। 'ଆଜ୍ଞା ମାତ୍ରକେ ମାହୁନ୍ତ ମାନେ ଦନ୍ତା ହସ୍ତୀ ମାନଙ୍କୁ ବାଳକର ସାମ୍ନାକୁ ନେଇ ଆସିଲେ । ସଙ୍କେତ ମାତ୍ରେ ସେହି ଭୟଙ୍କର ହସ୍ତୀ ମାନେ ପ୍ରହ୍ଲାଦ ଉପରେ ନିଜ ଅଗ୍ର ଦନ୍ତରେ ପ୍ରହାର କଲେ।' ହେ ବିଷ୍ଣୁ ! ମୁଁ କେବଳ ଆପଣଙ୍କ ଶକ୍ତି ଉପରେ ହିଁ ବିଶ୍ୱାସ ରଖିଛି। ମୋତେ ଘୋର ବିପଦରୁ ରକ୍ଷା କରନ୍ତୁ। ପ୍ରହ୍ଲାଦ ବିଷ୍ଣୁଙ୍କୁ ସ୍ମରଣ କଲେ। ପ୍ରହ୍ଲାଦଙ୍କ ଉପରେ ନିର୍ଘାତ ପ୍ରହାର କରୁ କରୁ ହସ୍ତୀମାନଙ୍କର ଦନ୍ତ ସବୁ ଚୂର୍ଣ୍ଣ ହୋଇ ଯିବାରେ ଲାଗିଲା। 'ନା ଏପରି ହେବନାହିଁ । ଏହା ଦେହରେ ଶକ୍ତି କିଛି କମ୍ ନାହିଁ । ତକ୍ଷକ ଆଦି ଅଷ୍ଟ ନାଗଙ୍କୁ ଅନ୍ତରୀକ୍ଷରୁ ଡକାଇ ଦିଅ। ଏହାକୁ ଦଂଶନ କରନ୍ତୁ, ତୀବ୍ର ଦଂଶନ'।

ଫୁଁଫୁଁକାର କରି ମାଡି ଆସିଲେ ବିଷଧର ଅଷ୍ଟନାଗ। ଚୋଟ ପରେ ଚୋଟ ମାରି ଦେଇଗଲେ ପ୍ରହ୍ଲାଦଙ୍କ ଉପରେ । ଅଥଚ ବିଶ୍ୱାସର କି ଚମତ୍କାର ପ୍ରତିକ୍ରିୟା ! ଚୋଟ ମାରିମାରି ନାଗ ମାନଙ୍କର ଫଣା ବିନ୍ଧି ବାରେ ଲାଗିଲା। ଜୀବନ ଭୟରେ ସେମାନେ ଦଶ ଦିଗରେ ପଳାୟନ କଲେ । 'ଏତେ ଶକ୍ତି ତାର ? ଏହି ଦୁଷ୍ଟ ବାଳକର ? ମୁଁଏବେ କୃତ୍ୟା ହୋମ କରି ଏହାକୁ ପର୍ବତ ଉପରୁ କଚାଡି ମାରିଦେବି ।ଦେଖିବା କିଏ ରକ୍ଷା କରିବ ? 'ସେହି ନିଷ୍ଠୁର ନିର୍ମମ ପିତା ହିରଣ୍ୟକଶିପୁ ଏହା ପରେ ସେହି ବିଷ୍ଣୁ ଭକ୍ତ କୁମାରଙ୍କୁ ପର୍ବତ ଉପରୁ କଚାଡି ଦେଲା, ସମୁଦ୍ର ଜଳରେ ବୁଡାଇ ଦେଲା, ଥଣ୍ଡା ପବନରେ ଉଲଗ୍ନ କରି ଗଡାଇ ଦେଲା, ଭଉଣୀ ହୋଲିକା ସହିତ ପରା ମର୍ଶ କରି ପ୍ରହ୍ଲାଦର ଚତୁଃପାର୍ଶ୍ୱରେ ଅଗ୍ନି ଲଗାଇ ଦେଲା। ପ୍ରହ୍ଲାଦ କେବଳ ସେହି ନିର୍ମମ, ନିଷ୍ଠୁର ମହାକ୍ରୋଧୀ ଅନ୍ଧ ପିତାଟି ନିକଟରୁ ନିଜକୁ ରକ୍ଷା କରିବା ପାଇଁ ନିଜର ଆରାଧ୍ୟ ବିଷ୍ଣୁଙ୍କୁ ବିକଳ ଭାବରେ ଡାକିବାରେ ଲାଗିଲେ। ସେହି ନିଷ୍ପାପ ଶିଶୁ ଟିକୁ ଏକମାତ୍ର ରକ୍ଷା କରି ଚାଲିଲେ ସେହି ବିଶ୍ୱସ୍ତ ଭଗବାନ ! 'ଅଦ୍ଭୁତ ପୁତ୍ର !!' ହିରଣ୍ୟ କଶିପୁ ସଂପୂର୍ଣ୍ଣ କ୍ଲାନ୍ତ ହୋଇ ପଡିଥିଲେ। 'ଏହାକୁ ବଧ କରିବା ପାଇଁ ମୁଁ ଅନେକ ଉପାୟ ସୃଷ୍ଟି କଲି । ଅଥଚ ନିର୍ବିକାର ଓ ନିର୍ଭୟ ଚିତ୍ତରେ ଏ ସମସ୍ତ ଦଣ୍ଡ ସହିଗଲା। ଏ ଅତ୍ୟନ୍ତ ମହାନୁଭବ। ଏହାକୁ ଜାଣିବା ଆଦୋ ? ସମ୍ଭବ ନୁହେଁଯେ ଏ କି ପ୍ରକାର ଶକ୍ତିର ଅଧିକାରୀ ! ଏହା ସହିତ ବିବାଦ କଲେ ଜଣାନାହିଁ,ଏ କି ଅନର୍ଥ ସୃଷ୍ଟି କରିବ ! ହୁଏତ ମୋର ପ୍ରାଣ ପର୍ଯ୍ୟନ୍ତ ଆଘାତ କରିପାରେ। ତେବେ ମୁଁ କ'ଣ କରିବି ?'

ସେ ପ୍ରହ୍ଲାଦକୁ ଚାହିଁ ପଚାରିଲେ 'ସତ କହ ତୋ ନିକଟକୁ କିଏ ଆସି ତୋତେ ସାହାଯ୍ୟ କରୁଛି ? ତୁ କାହାର ବଳରେ ଏତେ ବଳିୟାନ' ? ପ୍ରହ୍ଲାଦ କହିଲେ ,' ଏସବୁ ମୁଁ କରୁନାହିଁ । ଏସବୁ କେବଳ ମୋର ବିଷ୍ଣୁଙ୍କ ଶକ୍ତି ଯୋଗୁଁ ସମ୍ଭବ ହୋଇ ପାରୁଛି। (ଏହି ସଂସାରର ସମସ୍ତ ଆସ୍ତିକ ଆତ୍ମା ଅନନ୍ତ ଶକ୍ତି ଉପରେ ବିଶ୍ୱାସ ରଖନ୍ତି। ଆମେ ଦେଖିପାରୁଥିବା ଭୌତିକ ପ୍ରଗତି ସେହି ଅନନ୍ତ ଆତ୍ମ ଶକ୍ତି ନିକଟରେ ଅତି ନଗଣ୍ୟ। ଆଜି ଯେତିକି ଧ୍ୟାନ ଭୌତିକ ଉନ୍ନତି ଦିଗରେ କେନ୍ଦ୍ରୀଭୂତ କରାଯାଇଛି, ଯେବେ ଆତ୍ମଶକ୍ତି ଉନ୍ନୟନ ଦିଗରେ କେନ୍ଦ୍ର କରାଯାଆନ୍ତା, ତାହାଲେ ମଣିଷର ଜୀବନ ଯାତ୍ରା ବଦଳି ଯାଆନ୍ତା । ପପଠିତ) ଜାତି, ଧର୍ମ ନିର୍ବିଶେଷରେ ଆସ୍ତିକ ମାନବ ଈଶ୍ୱରଙ୍କୁ ହିଁ ସର୍ବୋଚ୍ଚ ଶକ୍ତି ରୂପେ ବିଶ୍ୱାସ ରଖିଥାଏ। ଯେ କୌଣସି ରୂପରେ, ଉପାୟ ରେ ବା ମାଧ୍ୟମ ରେ ସେହି ପ୍ରଭୁ ହିଁ ମଣିଷକୁ ବିପଦ ସମୟରେ ରକ୍ଷା କରି ପାରନ୍ତି ! ବିଷ୍ଣୁ ଥିଲେ ପ୍ରହ୍ଲାଦଙ୍କ ପ୍ରଭୁ ଓ ବିଶ୍ୱାସ। ଯୁଗେ, ଯୁଗେ ଈଶ୍ୱର ଏବଂ ସେମାନଙ୍କ ଅନୁଗତ ମାନଂକ ବିଷୟରେ ଏହିପରି ଅଲୌକିକ, ଆଶ୍ଚର୍ଯ୍ୟ ଉଦାହରଣ ମାନ ରହିଅଛି। ସେ କ୍ରୁର ଶକ୍ତି (ମନ୍ଦ) ଶକ୍ତି ମାନଂକ ନିକଟରୁ ଦେବଶକ୍ତି ( ଉତ୍ତମ) ଶକ୍ତିମାନଙ୍କୁ ରକ୍ଷାକରି ବିଶ୍ୱକୁ ଶାନ୍ତି ଦେଇଥାନ୍ତି । ସେହି ଅନନ୍ତ ଶକ୍ତି ହିଁ ଏବେ ପ୍ରହ୍ଲାଦଙ୍କୁ ତାଙ୍କ ପିତାଙ୍କ କ୍ରୋଧରୁ ରକ୍ଷା କରିବାର ଦେଖି ପିତା ନିଜ ଭାରସାମ୍ୟ ହରାଇ ଆସନ ଉପରେ ବସି ପଡିଲେ।

'ହେ ନୃପେଶ !' ଗୁରୁପୁତ୍ର ଷଣ୍ଡ ଓ ଅମର୍କ ତାଙ୍କୁ ସାନ୍ତ୍ୱନା ଦେଲେ, 'ଏ କୁମାର ନିଜର ବାଳୁତ ବୁଦ୍ଧି ଛାଡି ନାହାନ୍ତି। ତୁମ୍ଭେ ତ୍ରିଭୁବନ ବିଜେତା ହୋଇ ଏ ଶିଶୁ ପୁତ୍ରକୁ ଏତେ ଭୟ କରୁଛ କାହିଁକି ? ତାକୁ ବରୁଣ ପାଶରେ ବନ୍ଧନ କରି ନିଜ ଆୟତ୍ତରେ ରଖ। ବଡ଼ ହୋଇଗଲେ ଏହାର ବୁଦ୍ଧି ଓ ଜ୍ଞାନ ପରିପକ୍ୱ ହେବ ଏବଂ ଏହାର ପରିବର୍ତ୍ତନ ଆସିବ।' 'ଠିକଅଛି ଆଚାର୍ଯ୍ୟ, ଆପଣମାନେ ଏବେ ଏହାକୁ ଗୃହସ୍ଥର ଧର୍ମ, କର୍ମ, ରାଜଧର୍ମ ଓ ରାଜକର୍ମ, ତ୍ରିବର୍ଗ ଧର୍ମ, ଅର୍ଥ ଓ କାମ ବିଷୟରେ ଯତ୍ନ କରି ଶିକ୍ଷା ଦିଅନ୍ତୁ'। ଗୁରୁଦ୍ୱୟ ସାମ୍ରାଟଙ୍କ ଆଜ୍ଞା ଅନୁସାରେ ସେହିପରି ଯତ୍ନ କରିବାକୁ ଲାଗିଲେ। ଏଣେ ପ୍ରହ୍ଲାଦ ମଧ୍ୟ ପୂର୍ବବତ ଗୁରୁଙ୍କ ଗୃହସ୍ଥ ଓ ସାମ୍ରାଟଙ୍କ ଧର୍ମ କର୍ମକୁ ଗ୍ରହଣ କରି ଆତ୍ମାର ଅଧୋପତନ କରିବାକୁ ଇଚ୍ଛା କରୁନଥିଲେ। ସେ କେବଳ ଶ୍ରୀ ବିଷ୍ଣୁଙ୍କର ଅନୁଗତ ହୋଇ ରହିବାକୁ ଚାହୁଁଥିଲେ । ଗୁରୁଙ୍କର ଅନୁପସ୍ଥିତିରେ ସେ ସହପାଠୀ ଯାତୁଧାନ ବାଳକ ମାନଙ୍କୁ ନିଜର ଦିଗ୍ ଦର୍ଶନ ଦେବାକୁ ଆରମ୍ଭ କଲେ !

'ହେ ସଖାଗଣ,ଏ ଗୁରୁ ଆମ୍ଭମାନଙ୍କୁ ଯେଉଁ ସଂସାର ବିଷୟରେ ଧର୍ମଶିକ୍ଷା ଦେଉଅଛନ୍ତି,ଏହା କେବଳ ଆତ୍ମାର ଅଧୋପତନର କାରଣ ଅଟେ। ଆମ୍ଭେ କେବଳ ଖାଦ୍ୟ ଗ୍ରହଣ କରି, ସନ୍ତାନ ଜନ୍ମକରି ବା ଯୁଦ୍ଧ କରି ରାଜ୍ୟ ଜୟ କରି, କ୍ଷମତାସୀନ ହେବାକୁ ପୃଥିବୀକୁ ଆସି ନାହେଁ।' ଆମ୍ଭମାନଙ୍କର ଆତ୍ମାକୁ ଉଚ୍ଚତର ମାର୍ଗରେ ପରିଚାଳିତ କରିବାରେ ଜୀବନର ସାର୍ଥକତା ଅଛି। ଏଥିପାଇଁ ପରମ ବିଶ୍ୱାସରେ ଭଗବାନ ବିଷ୍ଣୁଙ୍କ ନିକଟରେ ନିଜକୁ ସମର୍ପଣ କରି ଦେବାଠାରୁ ଶ୍ରେଷ୍ଠ ତଥା ସରଳ ମାର୍ଗ ଆଉ କିଛି ନାହିଁ। ସେହି ଶ୍ରୀ ବିଷ୍ଣୁଙ୍କର ନାମକୁ ଭଜନ, କୀର୍ତ୍ତନ ଓ ସର୍ବଦା ତାଙ୍କର ଗୁଣ ଗାନ କରି ସେ ପୃଥିବୀରେ ଯେଉଁ ଯେଉଁ ଲୀଳା କରିଛନ୍ତି ତାହା ଶ୍ରବଣ କରିବା ଉଚିତ। ଯେପରି ଭୂତ, ପ୍ରେତ, ଗନ୍ଧର୍ବ ଆଦି ଲାଗିଲେ ମନୁଷ୍ୟ ବାଚାଳ ପରି ଗପେ, ଉନ୍ମତ ହୋଇ ନୃତ୍ୟକରେ, ରୋମ ଉଦ୍ଗମ ହୁଏ, ଉଚ୍ଚ ସ୍ୱରରେ ରୋଦନ କରେ ଭଗବାନ ବିଷ୍ଣୁଙ୍କ ପାଇଁ ଆମ୍ଭେମାନେ ସେହିଭଳି ପାଗଳ ପ୍ରେମୀ ହୋଇଯିବା ଉଚିତ। ତାହାହେଲେ ଜୀବନ ପଥରେ ସେ ସର୍ବଦା ଆମର ସହାୟକ ହୋଇ ପ୍ରେମ, ଆନନ୍ଦ ଓ ସ୍ୱର୍ଗ ମାର୍ଗରେ ନେଇଯିବେ।

ସଖାଗଣ !ଆମ୍ଭମାନଙ୍କର ଆୟୁଷ ମାତ୍ର ଏକ ଶତ ବର୍ଷ, ସେଥିରୁ ଅର୍ଦ୍ଧେକ ନିଦ୍ରିତ ଅବସ୍ଥାରେ କଟିଯାଏ। ଶିଶୁ, ପୌଗଣ୍ଡ ଓ କୈଶୋର ଅବସ୍ଥାରେ କୋଡିଏ ବର୍ଷ ଅତିବାହିତ ହୋଇ ଯାଏ। ଜରାଗ୍ରସ୍ତ ଅବସ୍ଥା ରେ ପୁଣି କୋଡିଏ ବର୍ଷ ବ୍ୟତୀତ ହୁଏ। ବାକୀତକ ଗୃହ ବନ୍ଧନରେ ବିତାଇ ଦିଏ। ତାହେଲେ କୁହ, ଆତ୍ମା ଆଉ କେତେବେଳେ ବିକାଶ ଲାଭ କରିବ ? ତେଣୁ ବାଳକ ବୟସରୁ ହିଁ ମାନବ ଲକ୍ଷ୍ୟ ସିଦ୍ଧି ଦିଗରେ ଧ୍ୟାନ ରଖିବା ଉଚିତ। ତେଣୁ ହେ ସଖାଗଣ ! ବିଷ୍ଣୁଙ୍କୁ ଲାଭ କରିବା ନିମିତ୍ତ ଆଜିଠାରୁ ହିଁ ଯତ୍ନ କରିବା ଆବଶ୍ୟକ।'

ଅସୁର ବାଳକ ମାନେ ହ୍ରାଦ, ସଂହ୍ରାଦ ଓ ଅନୁହ୍ରାଦଙ୍କ ସହିତ ପ୍ରହ୍ଲାଦଙ୍କ କଥା ଶୁଣି ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନକଲେ, 'ହେ ପ୍ରହ୍ଲାଦ, ଆମ୍ଭେମାନେ ସମସ୍ତେ ଏକା ଗୁରୁଙ୍କ ନିକଟରେ ଅଧ୍ୟୟନ କରୁଅଛେ । ତେବେ ଏହାତ ଗୁରୁଙ୍କ ପ୍ରଦତ୍ତ ବିଦ୍ୟା ନୁହେଁ ? ଏଭଳି ବିଦ୍ୟା ତୁମ୍ଭେ କେଉଁଠାରୁ ଶିକ୍ଷାକଲ ?' ' ମୁଁ ଯେତେବେଳେ ମୋ ମାତାଙ୍କର ଗର୍ଭରେ ରହିଥିଲି, ସେତେବେଳେ ମାତା ନାରଦ ମୁନିଙ୍କ ଆଶ୍ରମରେ ରହିଥିଲେ। ସେତେବେଳେ ଋଷି ମୋର ମାତାଙ୍କୁ ଏହି ଧର୍ମଜ୍ଞାନ ଦେଇଥିଲେ ।ହେ ସଖା ! ଯେତେଦିନ ପର୍ଯ୍ୟନ୍ତ ଇନ୍ଦ୍ରିୟରେ ଶକ୍ତି ଅଛି, ବୁଦ୍ଧି ଓ ଜ୍ଞାନ ଭ୍ରଷ୍ଟ ହୋଇନାହିଁ, ସେତେଦିନ ପର୍ଯ୍ୟନ୍ତ ବିଷ୍ଣୁଙ୍କର କାର୍ଯ୍ୟ କରିବା ଉଚିତ।'

'ଏହା ଆମ୍ଭମାନଙ୍କର ଗୁରୁଙ୍କର ବାକ୍ୟ ନୁହେଁ। ତେଣୁ ଆମ୍ଭେ ଏହା ଗ୍ରହଣ କରିବା ଉଚିତ ନୁହେଁ। ଏହା ଆମ୍ଭ ମାନଙ୍କ ଚିରଶତ୍ରୁର ସପକ୍ଷରେ ଅଛି। ଚାଲ, ଆମେ ଏକଥା ଗୁରୁଙ୍କୁ ଜଣାଇବା। ଏହାକୁ ବିନାଶ ବୁଦ୍ଧି ଦେଖାଗଲାଣି ! 'ଗୁରୁଙ୍କଠାରୁ ପ୍ରହ୍ଲାଦଙ୍କ ବିଷୟରେ ଶୁଣି ହିରଣ୍ୟକଶିପୁ କ୍ରୋଧରେ ଉତ୍ତେଜିତ ହୋଇ ଓ ଉନ୍ମାଦ ହୋଇ ପୁତ୍ରକୁ ତର୍ଜନା କଲେ,'କୁମାର ପ୍ରହ୍ଲାଦ ! ମୁଁ ତୁମକୁ ଅନେକ ସମୟ ଓ ସୁଯୋଗ ଦେଲି। କିନ୍ତୁ ତୁମ୍ଭର କୌଣସି ପରିବର୍ତ୍ତନ ହେଲାନାହିଁ। କିଏ ସେହି ଦୁଷ୍ଟ, ଏସବୁ ଦୁର୍ବୁଦ୍ଧିକୁ ତୁମ ମୁଣ୍ଡରେ ଭର୍ତ୍ତି କରିଛି ? ମୋତେ ସତ୍ୟ କହ, ନଚେତ ତୁମର ଭବିଷ୍ୟତ ଅନ୍ଧକାର ହୋଇଯିବ !'

(କ୍ରମଶଃ)

+ ବାଲିଝରି, କାନପୁର, ବଡ଼ମ୍ବା, କଟକ

# ବଞ୍ଜାରି ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସମ୍ବଲପୁର, ୧୮/୨ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ବଡ଼ମାଲ ଗ୍ରାମପଂଚାୟତ ବଞ୍ଜାରି ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଡ଼କ୍ଟର. ନୀଳମଣି ଝାଙ୍କରଙ୍କ ଅଧକ୍ଷତାରେ ମଙ୍ଗଳବାର ଦିନ ବିଦ୍ୟାଳୟ ପରିସରରେ ପାଳନ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁଚିଣ୍ଡା ଏଡିଡବ୍ଲୁଓ ଅନିଭା ନାଏକ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଡକ୍ଟର. ରାଜେନ୍ଦ୍ର କୁମାର ଜଗତ ଓ ସମ୍ମାନିତ ଅତିଥିଭାବେ ଜମନକିରା ଡବ୍ଲୁଇଓ ଐଶ୍ୱର୍ଯ୍ୟ କୁମାର ନାୟକ, ବଡ଼ମାଲ ସରପଂଚ ନରେଶ ନାଏକ, ବିଦ୍ୟାଳୟ ସଭାପତି କାହ୍ନୁ ଚରଣ ବାଘ, ଅବସରପ୍ରାପ୍ତ ଶିକ୍ଷକ ନୀଳମଣି ସାହୁ, ଶିକ୍ଷକ ସଂଘ ଜିଲ୍ଲା ସଭାପତି ଡାକ୍ତର ବୀରେନ୍ଦ୍ର କୁମାର ପଟେଲ, ସିଆରସିସି ରମଣୀ କିସାନ, ଜାମୁମାଲ ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ଧାନ, ଷଣ୍ଢପଥର ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତୀର୍ଥରାଜ ନାୟକ, ଟିକିଲିପଡ଼ା ପ୍ରଧାନ ଶିକ୍ଷକ ଅନନ୍ତରାମ ରଣା, ଟାଙ୍ଗରାଣି ହାଇସ୍କୁଲ ବୀରେନ୍ଦ୍ର କୁମାର ସାହୁ, ଅବସରପ୍ରାପ୍ତ ସୈନିକ କିଶୋର ଚନ୍ଦ୍ର ବାଘ ପ୍ରମୁଖ ମଂଚାସୀନ ରହିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ମୁଖ୍ୟ ଅତିଥି ଏବଂ ଅତିଥି ଗଣ ଶ୍ରୀ ଗଣେଶ ଏବଂ ମାଁ ସମଲେଶ୍ୱରୀଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଶ୍ରୀ ଝାଙ୍କର ସଭାପତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସହକାରୀ ଶିକ୍ଷକ ସୁନୀଲ କୁମାର ସାହୁ ସଭାପରିଚାଳନା କରିଥିଲେ। ଦ୍ୱିତୀୟ ଅଧିବେସନରେ ଅତିଥିଗଣ ବିଦ୍ୟାଳୟ ବିଭିନ୍ନ କ୍ରିଡାରେ କୃତକାର୍ଯ୍ୟ ଛାତ୍ରଛାତ୍ରୀଙ୍କୁ ଟ୍ରଫି ସହିତ ମାନପତ୍ର ପ୍ରଦାନ କରିଥିଲେ । ଶେଷରେ ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପିଟି ଶିକ୍ଷକ ଭବାନୀ ଶଙ୍କର ନାଏକ ନରେଶ କୁମାର ମାଝୀ, ସି ସି ଏ ରାଜବତୀ ମାଝୀ, ପୁଷ୍ପଲତା ବାଘ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାହାଯ୍ୟ ସହଯୋଗ କରିଥିଲେ । ଏହି ଅବସରରେ ଦୂରଦୂରାନ୍ତରୁ ଆସିଥିବା ଅଭିଭାବକଙ୍କ ରାତ୍ରୀ ବିଶ୍ରାମ ପାଇଁ ସ୍କୁଲ କମିଟି ପକ୍ଷରୁ ରହିବା ପାଇଁ ବ୍ୟବସ୍ଥା କରାଯାଇଥିବା ବେଳେ ଶେଷରେ କେତ୍ରିନା କୁଲୁ ଧନ୍ୟବାଦ ଅର୍ପଣ ଜଣାଇଥିଲେ ।

# ରାଉରକେଲା ଏବେ ଚୋରା ଗଂଜେଇର ହବ୍ ପାଲଟିଲାଣି, ୫୦୨ କେଜି ଗଂଜେଇ ଜବତ : ୬ ଗିରଫ

ରାଉରକେଲା, ୧୮/୨ (ନି.ପ୍ର): ରାଉରକେଲା ସହର ଧିରେ ଧିରେ ଚୋରା ଗଂଜେଇର ହବ୍ ପାଲଟିଲାଣି ତାହା ଆଜି ପୁଲିସ ଦେଖାଇଥିବା ଜବତ ୫୦୨ କେଜି ଗଂଜେଇ କାରବାରରୁ ସ୍ପଷ୍ଟ ହେବାରେ ଲାଗିଛି । ରାଉରକେଲା ଏସପି ଆଜି କହିଛନ୍ତି ଯେ, ୫୦୨ କେଜି ଚୋରା ଗଂଜେଇ ଜବତ ହୋଇଛି, ଏଥିଲାଗି ବ୍ୟବହାର ହେଉଥିବା ୫ଟି ଗାଡିକୁ ଜବତ କରାଯାଇଛି। ଏହି ଅଭିଯୋଗରେ ୬ ଜଣଙ୍କୁ ଗିରଫ କରାଯାଇଛି, ସେମାନଙ୍କ ଭିତରେ ୨ ଜଣ ରାଉରକେଲା ବାସିନ୍ଦା । ଗିରଫ ଅଭିଯୁକ୍ତମାନେ ହେଲେ ଗୁଣନିଧି ଘୁସି, ସୁକନାଥ ଓରାମ, ରାହୁଲ କୁମାର ସାହୁ, ନିଖିଲ ରାୟ, କୌସିକ କୁମାର ପାଢୀ, ନିରଜ ସୋନକାର । ଏମାନେ ପ୍ଲାଁଟ୍ ସାଇଡ ଥାନା ଇଲାକାରେ ଗଂଜେଇ ଧରିଯାଉଥିବା ଖବର ପାଇ ପୁଲିସ ଚଢଉ କରିବାରୁ ଏଭଳି ମାତ୍ରାରେ ଗଂଜେଇ ଧରାପଡିଥିଲା । ତେବେ ଏହି ଗଂଜେଇ କେଉଁ ଅଁଚଳରୁ ଆସୁଥିଲା କୁଆଡେ ଯାଉଥିଲା ତାହା ତଦନ୍ତ ହେଉଛି ବୋଲି ଏସପି କହିଥିବା ବେଳେ ତାଙ୍କ ରହଣି କାଳ ଭିତରେ ୧ ଟନ ରୁ ଅଧିକ ଚୋରା ଗଂଜେଇ ଧରା ପଡିଲାଣି ବୋଲି ସେ କହିଥିଲେ । ତେବେ ରାଉରକେଲାର ସବୁ ପ୍ରାୟ ପାନ ଦୋକାନରେ ଗଂଜେଇ ସିଗାରେଟ ମିଳେ ଥାନା ଗୁଡିକ ପାଖରେ ମଧ ମିଳେ । ଏହିଭଳି ଚୋରା ଚାଲାଣ ରାଉରକେଲାରେ ବଢୁଛି ଏଥିଲାଗି ଗଂଜେଇ କାରବାର ଦିନକୁ ଦିନ ରାଉରକେଲାରେ ବଢି ଚାଲିଛି । ବ୍ରାଉନସୁଗାର, ଅଫିମ, ଚରଷ ଭଳି ମାରାତ୍ମକ ନିଶା ମଧ ଏଠି ବିକ୍ରୀ ଚାଲିଛି । ତେବେ ଆଜି ଯେଉଁ ଗଂଜେଇ ଧରାପଡିଛି ତାହା ବାହାରକୁ ରାଉରକେଲା ଦେଇ ଯାଇଥାନ୍ତା। ଏଥିରୁ ବୁଝାପଡୁଛି ପ୍ରଶାସନର ପାରିବା ପଣିଆକୁ ଦେଖି ଏହି ନିଶା କାରବାରର ମୁଖିଆ ମାନେ ରାଉରକେଲାକୁ ଏକ ହବ୍ କରିସାରିଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ, ଏଭଳି କାରବାରକୁ ରୋକିବା ଲାଗି ଅନେକ ସମୟରେ ଚଢଉ କରି ପୁଲିସ ଗଂଜେଇ ଜବତ କରିଥାଏ ।

# ବୋରିଗୁମ୍ମାରେ ପୁଣି ଆଉ ଏକ ଘରେ ଚୋରୀ

ଜୟପୁର, ୧୮/୨ (ନି.ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ଅଂଚଳରେ ପୁଣି ସକ୍ରିୟ ହେଲେ ଲୁଟେରା ଦଳ। ଥାନା ଠାରୁ ଅତି ନିକଟ କୋଟପାଡ଼ ରୋଡ ଭେଙ୍କଟ ନଗର ର ଏକ ଘରୁ ଚୋରି ହୋଇଛି। ଘର ର କାନ୍ଥ ଝାରକା ଭାଙ୍ଗି ଘର ଭିରରେ ପଶି ଥିଲେ ଚୋର। ଘର ଭିତରେ ଥିବା ସମସ୍ତ ରୁମ ଭିତରେ ପଶି ସମସ୍ତ ସାମଗ୍ରୀ କୁ ଛିନ ଛତର କରି ଦେଇଛନ୍ତି। ଦୁଇଟି ଗଡ଼ରେଜ ଭାଙ୍ଗି ଅଧ ତୁଳା ର ସୁନା କାନର ,ଦୁଇଟି ରୁପା ମେଡାଲ ଏବଂ ନଗଦ ୫୦ ହଜାର ଟଙ୍କା ଚୋରି କରି ଚମ୍ପଟ ମାରିଛନ୍ତି ଚୋର।ଏଭଳି ଘଟଣା ସାମ୍ନା କୁ ଆସିଛି ବୋରିଗୁମ୍ମା ସହର ରୁ। ଗତ କାଲି ରାତି ବୋରିଗୁମ୍ମା ସହର ଭେଙ୍କଟ ନଗର ର ପ୍ରସାଦ ଚକ୍ରଙ୍କ ଘରୁ ଚୋରି ହୋଇଛି। ପ୍ରସାଦ ଙ୍କ ପରିବାର ଲୋକେ ବାହାରକୁ ଯାଇଥିଲେ । ଘର ମୁଖ୍ୟ ଫାଟକ ରେ ତାଲା ଝୁଲୁଥିଲା। ଦିନକୁ ଦିନ ଚୋରୀ ବଢୁଥିବା ବେଳେ ଚୋରଙ୍କୁ ଧରିବା ବୋରିଗୁମ୍ମା ପୋଲିସ ପାଇଁ ଏକ ବଡ଼ ଚେଲେଞ୍ଜ ସୃଷ୍ଟି କରିଛି।ଗତ କିଛି ଦିନ ପୂର୍ବରୁ ବୋରିଗୁମ୍ମା ସହର ର ନବରଙ୍ଗପୁର ରୋଡ କୁ ଲାଗି ରହିଥିବା ରାଜେଶ୍ୱରୀ ପାଢ଼ୀଙ୍କ ଘରେ ତାଲା ଭାଙ୍ଗି ଦୁର୍ବିତ ମାନେ ପଶିଥିଲେ ଘରେ ଥିବା ଚାରି ତୁଳା ରୁ ଉର୍ଦ୍ଧ ସୁନା ଅଳଙ୍କାର ନେବା ସହ ନଗଦ ୨ଲକ୍ଷ ଟଙ୍କା ଚୋରି କରିଥିଲେ ଚୋର। ସେହି ଘଟଣାର ବୋରିଗୁମ୍ମା ପୋଲିସ କୁ କୌଣସି ସୁଫଳ ମିଳି ନଥିବା ବେଳେ ଗତକାଲି ରାତି ପୁଣି ଏକ ଚୋରି ଘଟଣା ପୋଲିସ ପାଇଁ ଚିନ୍ତାର କାରଣ ସାଜିଛି। ଅଭିଯୋଗ ପାଇ ପୋଲସ ପହଂଚି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣା ପଡ଼ିଛି।

# ଅଲ୍ ଇଣ୍ଡିଆ ରାମଧୂନ କପ୍ ଫୁଟବଲ୍ : କଟକ ମଙ୍ଗଳା କ୍ଲବ୍ ୨-୧ ଗୋଲ୍‌ରେ ବିଜୟୀ ହୋଇ ପ୍ରଥମ ସେମି ଫାଇନାଲକୁ ପ୍ରବେଶ

ସୁବର୍ଣ୍ଣପୁର, ୧୮/୨ (ନି.ପ୍ର): ସୋନପୁର ଗାନ୍ଧି ଷ୍ଟାଡିୟମ୍ ଠାରେ ଆୟୋଜିତ ୧୭ ତମ ସର୍ବ ଭାରତୀୟ ରାମଧୂନ୍ କ୍ଲବ ଫୁଟବଲ ଟୁର୍ଣ୍ଣାମେଂଟ ର ମଙ୍ଗଳବାର ଦ୍ୱିତୀୟ ଦିବସରେ ମଙ୍ଗଳା କ୍ଲବ କଟକ ଓ ବରଗଡ଼ ୟୁନାଇଟେଡ ସ୍ପୋର୍ଟସ କ୍ଲବ୍ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ସୁବର୍ଣ୍ଣପୁର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଡିଏସପି ରେଣୁକା ସୁନା ଯୋଗଦେଇ ଆଜିର ଖେଳକୁ ଉଦଘାଟନ କରି ଖେଳାଳି ମାନଙ୍କ ସହ ପରିଚୟ ପ୍ରଦାନ କରିଥିଲେ ଓ ଭବ୍ୟ ଆୟୋଜନ ସହ ଉଚ୍ଚକୋଟୀର ଖେଳକୁ ଭୂୟସୀ ପ୍ରଶଂସା କରିଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ମଙ୍ଗଳା କ୍ଲବ କଟକ ଦଳର ଫ୍ରାଚାଇଜ୍ ଫିଟନେସ ଏମ୍ପେୟାର ର ପ୍ରୋପାଇଟର ଦିନେଶ ଦୟାଲ, ଓ ବରଗଡ ୟୁନାଇଟେଡ ସ୍ପୋର୍ଟସ କ୍ଲବ ଦଳର ଫ୍ରାଚାଇଜ୍ ରାମଜୀ ଗ୍ୟାରେଜ ର ପ୍ରୋପାଇଟର ସୁବ୍ରତ ଦାଶ, ଭେଟରାନ୍ ଫୁଟବଲର ପୁରୋଷୋତମ ପାଣିଗ୍ରାହୀ, ଶଙ୍କର୍ଷଣ ପଟ୍ଟନାୟକ, ବାବୁଲା ବେବର୍ତା, ଗଣେଶ ରାମ ମେହେର, ନରସିଂହ ରାଓ, ସନତ ହୋତା, ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ପାତ୍ର, ଗୋବିନ୍ଦ ମହାରଣା ଯୋଗ ଦେଇ ଖେଳାଳୀ ଆୟୋଜକଙ୍କୁ ଉତ୍ସାହିତ କରି ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ଖେଳକୁ ମୁଖ୍ୟ ରେଫରି ଭାବେ ଜିତୁ ପାତ୍ର, ସହଯୋଗୀ ରେଫରୀ ଭାବେ ଦେବାଶିଷ ବାଗ, ସଂଜନ କୁଦେଇ, ଫୋର୍ଥ ରେଫରି ଭାବେ ସଂଜୀବ ସାହୁ, ଓ ମ୍ୟାଚ କମିଶନର ଭାବେ ଭୁକୁଲୁ ବକ୍ସି ଖେଳ ପରିଚାଳନା ରେ ସହଯୋଗ କରିଥିଲେ । ଅତିଥି ଓ ଭେଟରାନ କ୍ରିଡାବିତ୍ ମାନଙ୍କ ସହିତ ହଜାର ଦର୍ଶକ ଖେଳକୁ ଉପଭୋଗ କରିଥିବା ବେଳେ ମନୋରଞ୍ଜନ ତ୍ରିପାଠୀ ସଭା ପରିଚାଳନା କରିଥିଲେ । ଖେଳର ୧୪ ମିନିଟ୍ ରେ କଟକ ଦଳ ପ୍ରଥମ ଗୋଲ୍ ସ୍କୋର କରିଥିବା ବେଳେ ଖେଳର ମଧ୍ୟାନ୍ତର ପରେ ବରଗଡ ଦଳ ଗୋଲ ସ୍କୋର କରି ଖେଳ ବରାବର କରିଥିଲେ । କଟକ ଦଳ ପୁଣି ଗୋଟେ ଗୋଲ ସ୍କୋର କରି ୨-୧ ରେ ଆଗୁଆ ହୋଇ ଆଜିର ମ୍ୟାଚ ବିଜୟୀ ହୋଇଥିଲେ । କ୍ରୀଡ଼ା ସଂଘ ସଂପାଦକ ପୀୟୂଷ ପଣ୍ଡା, ରାମଧୁନ କ୍ଲବ୍ ସଦସ୍ୟ ବିକାଶ ପଣ୍ଡା, ସନ୍ତୋଷ ପାଢ଼ୀ, ବୁବୁନ ନାଏକ, ବାଲ ଗୋପାଲ ମିଶ୍ର, ପ୍ରିତମ ସରାଫ, ରିକୁନ ନାଏକ, ଚନ୍ଦନ ବେହେରା, ଆୟୁଷ ପଣ୍ଡା, ଅଂଶୁମାନ ପଣ୍ଡାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ । କଟକ ଦଳର ୧୧ ନମ୍ବର ଜର୍ସି ଜିତୁ ମୁଦୁଲିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ଆଜିର ଅତିଥି ମାନେ ପୁରସ୍କୃତ କରିଥିଲେ । ପ୍ରଭୁ ଦାସ କୁମ୍ଭାର ଖେଳର ପ୍ରତ୍ୟକ୍ଷ ଧାରା ବିବରଣୀ ପ୍ରଦାନ କରିଥିଲେ । ହଜାର ହଜାର ସଂଖ୍ୟାରେ ଦର୍ଶକ ଖେଳକୁ ଉପଭୋଗ କରିଥିଲେ । ଶେଷରେ ଦର୍ଶକଙ୍କ ପାଇଁ ଲଟେରୀ ଉଠାଣ ହୋଇଥିଲା । ତିନି ଜଣ ଦର୍ଶକଙ୍କୁ ମୋବାଇଲ ଫୋନ୍, ଇୟର କଡ ଓ ତୃତୀୟ ପୁରସ୍କାର କ୍ଲବ୍ ଜର୍ସି ପ୍ରଦାନ୍ କରାଯାଇଥିଲା ।

# କୁମ୍ଭକ୍ଷେତ୍ରରେ ପ୍ରଥମ ପୁସ୍ତକ ଉନ୍ମୋଚନ



ନୀଳଗିରି, ୧୮/୨ (ନି.ପ୍ର): କୁଲଡିଆ ଅଭୟାରଣ୍ୟ ସନ୍ନିକଟ ସିଆଡ଼ିମାଳ ପଞ୍ଚାୟତରେ ବୁଧବାର ପ୍ରାକୃତିକ ମନୋରମ ପରିବେଶରେ ନିର୍ମାଣ ହୋଇଥିବା କୁମ୍ଭକ୍ଷେତ୍ରରେ ଓଡ଼ିଶାର ବିଶିଷ୍ଟ ଲେଖକ ତଥା ବାଲେଶ୍ୱରର କୃତବିଦ୍ୟ ଔପନ୍ୟାସିକ ପ୍ରାକ୍ତନ ପୋଲିସ ବିଭାଗର ଡି.ଏସ.ପି ଦୁର୍ଗାପ୍ରସାଦ ପରିଡାଙ୍କର ଉପନ୍ୟାସ 'ଭିମିଂଜା' ଉନ୍ମୋଚିତ ହୋଇଯାଇଛି। ଉକ୍ତ ଉତ୍ସବରେ ନୀଳଗିରିର ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀଯୁକ୍ତ ବାମନ ଚନ୍ଦ୍ର ମହାନ୍ତି ପୌରୋହିତ୍ୟ କରିଥିବାବେଳେ ଅତିଥି ଭାବରେ ନୀଳଗିରିର ବରିଷ୍ଠ କବି ନିରଞ୍ଜନ ଖୁଣ୍ଟିଆ, ସୁଭାଷିନୀ ଜୀ, ଶିକ୍ଷାବିତ ବିନୋଦବିହାରୀ ପଣ୍ଡା, ସୋମନାଥ ନାୟକ, ବିଶ୍ୱନାଥ ନାୟକ, ମନୋରଞ୍ଜନ ପ୍ରଧାନ, ଚିତ୍ରଶିଳ୍ପୀ କେଶୁ ଦାସ, ସାମ୍ବାଦିକ ଅମରେନ୍ଦ୍ର ମହାପାତ୍ର ଯୋଗଦେଇଥିଲେ । ଉପନ୍ୟାସର ସମୀକ୍ଷକ ଭାବରେ କବି ଗଗନ ସେଠୀ ଉପନ୍ୟାସରେ ଲୋକସାହିତ୍ୟର ଧାରାକୁ ଉପନ୍ୟାସ ଭିତରେ ଦର୍ଶାଇଥିବାବେଳେ ଅନ୍ୟ ସମୀକ୍ଷକ ଅଧ୍ୟାପକ ଡ.ପ୍ରଦୀପ୍ତ କୁମାର ମିଶ୍ର ଔପନ୍ୟାସିକ ପରିଡ଼ାଙ୍କ ଉପନ୍ୟାସକୁ ଗୋପୀନାଥ ମହାନ୍ତିଙ୍କ 'ପରଜା', ପ୍ରତିଭା ରାୟଙ୍କ 'ଆଦିଭୂମି' ଉପନ୍ୟାସ ସହ ତୁଳନା କରିଥିଲେ । ଉକ୍ତ ଆସରରେ ପର୍ଯ୍ୟଟକଙ୍କ ଉପସ୍ଥିତି ମଧ ଆସରକୁ ବହୁଗୁଣିତ କରିଥିଲା।

# ସିଦ୍ଧମହାବୀର ମନ୍ଦିର ବିଦ୍ୟୁତ ବିଲ୍‌ର ଦୁର୍ନୀତି ବିରୋଧରେ ଆପ୍‌ର ଅଭିଯୋଗ

ପୁରୀ, ୧୮/୨ (ନି.ପ୍ର): ସିଦ୍ଧମହାବୀର ମନ୍ଦିରର ବିଦ୍ୟୁତ ବିଲ୍ ଦୁର୍ନୀତି ବିରୋଧରେ ଆମ ଆଦମୀ ପାର୍ଟି ( ଆପ୍) ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ନବକଳେବର ରୋଡ ସ୍ଥିତ ଦଳୀୟ କାର୍ଯ୍ୟାଳୟ ଠାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଗତ ଦିନରେ ଆମ୍ ଆଦ୍‌ମୀ ପାର୍ଟି ସିଦ୍ଧ ମହାବୀର ମନ୍ଦିରର ଉନ୍ନତି ପାଇଁ ସ୍ୱର ଉତୋଳନ କରିଆସିଛି । କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଜେନାଙ୍କ ନାମରେ ଦେବୋତର ବିଭାଗରେ ଅଭିଯୋଗ ମଧ ଦିଆଯାଇଛି । କିନ୍ତୁ, ଆଜିଯାଏ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ । ଆଜି ବିଜୁଳି ସମ୍ବନ୍ଧୀୟ ଖୁଲାସା ଆମ୍ ଆଦ୍ ?ମୀ ପାର୍ଟି ଦ୍ୱାରା କରାଯାଉଛି । ଆଜି ଦିନରେ ସିଦ୍ଧମହାବୀରଙ୍କ ୪ ଲକ୍ଷ ୬ ହଜାର ୬୬୪ ଟଙ୍କାର ବିଜୁଳି ବିଲ୍ ବାକି ରହିଛି ବୋଲି ଆପ ର ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତି ଅଭିଯୋଗ କରିଛନ୍ତି । ସିଦ୍ଧମହାବୀର ମନ୍ଦିରର ବର୍ଷକୁ ପ୍ରାୟ ୨୦ ଲକ୍ଷ ଟଙ୍କା ଆୟ ହେଉଛି ଅଥଚ ବିଜୁଳି ବିଲ୍ ବକେୟା କିପରି ରହିଛି ତାକୁ ନେଇ ଆପ ପ୍ରଶ୍ନ କରିଛି । ଦୀର୍ଘ ୨୩ ବର୍ଷ ଧରି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଜଣକ କିପରି ରହିଛନ୍ତି ତାକୁ ନେଇ ସନ୍ଦେହ ବଢିଛି । ସିଦ୍ଧମହାବୀର ମନ୍ଦିର ଦେବୋତ୍ତର ବିଭାଗ ଅଧିନରେ ରହିଛି । ଏହା ଭକ୍ତ ମାନଙ୍କ ମନ୍ଦିର ହୋଇଥିବାରୁ ସାଧାରଣ ଜନତା ମନ୍ଦିର ସମ୍ପର୍କରେ ସବୁ ତଥ୍ଯ ଜାଣିବାର ଅଧିକାର ରହିଛି । ମନ୍ଦିରର ଆୟ ବ୍ୟୟ ହିସାବ ଅଡିଟ ହେଉନାହିଁ । ସିଦ୍ଧମହାବୀରଙ୍କ ନାମରେ କେତେ ଭୂସମ୍ପତି ରହିଛି ଓ କେତେ ବିକ୍ରି ହୋଇଛି ଏବଂ କେତେ ସମ୍ପତି ବେଆଇନ ଦଖଲରେ ରହିଛି ସେ ସମ୍ପର୍କରେ ସମସ୍ତ ତଥ୍ୟ ଦେବୋତର ବିଭାଗ ଓ ଜିଲ୍ଲା ପ୍ରଶାସନ ଉତର ଦେବା ପାଇଁ ଆପ୍ ଦାବି କରିଛି । ଏଥିସହ ତୁରନ୍ତ ସିଦ୍ଧମହାବୀର ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ବରଖାସ୍ତ କରାଯାଉ, ବିଜୁଳି ବିଭାଗର ଅଧିକାରୀ ସ୍ମୃତି ସ୍ୱାଇଁଙ୍କ ଅପାରଗତା ସକାଶେ ଇସ୍ତଫା ମଧ ଦାବୀ କରୁଛୁ, ବିଜୁଳି ବିଭାଗର କେଉଁ ଅଧିକାରୀ ଏଥିରେ ସାମିଲ ଅଛନ୍ତି ତାକୁ ଖୋଜି ଦଣ୍ଡିତ କରାଯାଉ, ଯଦି ଏହା ଉପରେ ସ୍ୱଷ୍ଟତା ନ କରାଯାଏ, ତେବେ ରାଜଧାନୀରେ ଆପ୍ ବାଧ ହୋଇ ଦେବୋତର ବିଭାଗ କାର୍ଯ୍ୟାଳୟ ଘେରାଉ କରିବ । ସାମ୍ବାଦିକ ସମ୍ମିଳନୀରେ ଆପ୍ ର ବୁଲୁ ଦାସ, ଅନିଲ କୁମାର ଜେନା ଏବଂ ଲକ୍ଷ୍ମଣ ବେହେରା ଉପସ୍ଥିତ ଥିଲେ ।

# ସରପଂଚ ଓ ପିଇଓ ମାନଙ୍କ ପାଇଁ ପଂଚାୟତ ସ୍ତରୀୟ ଶିଶୁ ସୁରକ୍ଷାର ଯୋଜନା ପ୍ରସ୍ତୁତି ତାଲିମ୍

ବଲାଙ୍ଗିର, ୧୮/୨ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଗୁଡଭେଲା ବ୍ଲକ୍ ସମ୍ମିଳନୀ କକ୍ଷ ଠାରେ ଅରୁଣା ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ବଲାଙ୍ଗିରର ଆୟୋଜନ କ୍ରମେ ସରପଂଚ ଓ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମାନଙ୍କ ପାଇଁ ପଂଚାୟତ ସ୍ତରୀୟ ଶିଶୁ ସୁରକ୍ଷାର ଯୋଜନା ପ୍ରସ୍ତୁତି କରିବାକୁ ଏକ ତାଲିମ ଆଜି ଅନୁଷ୍ଠିତ ହୋଇଯାଇଛି। ତାଲିମ ଆରମ୍ଭରୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସାମାଜିକ କର୍ମୀ ସମସ୍ତଙ୍କୁ ସ୍ୱାଗତ ଜଣାଇ ବ୍ଲକ୍ ସ୍ତରୀୟ ଶିଶୁ ସୁରକ୍ଷା କମିଟିର କାର୍ଯ୍ୟକ୍ରମ ଉପରେ କିଶୋର ନ୍ୟାୟ ଆଇନ୍ ଉପରେ ଶିଶୁ ମାନଙ୍କର ଯତ୍ନ ଓ ସୁରକ୍ଷା ଉପରେ ଜଣାଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୁଡ଼ଭେଲା ବ୍ଲକ୍ ର ଗୋଷ୍ଠି ଉନ୍ନୟନ ଅଧିକାରୀ ଗୁରେଶ୍ୱର୍ ଭୋଇ ଉପସ୍ଥିତ ରହି ଶିଶୁ ମାନଙ୍କ ପାଇଁ ଥିବା ଗ୍ରାମପଂଚାୟତ ବିକାଶ ପାଣ୍ଠିର ୫ ପ୍ରତିଶତ ଯୋଜନା ରଖି ଶିଶୁଙ୍କ ପାଇଁ ଖର୍ଚ୍ଚ କରିବା ପାଇଁ ତାଲିମ ରେ ଜଣାଇଥିଲେ। ଏହି ଅବସରରେ ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ବାସନ୍ତୀ ଜାନୀ ବାଲ୍ୟ ବିବାହ ନିଷେଧ ଆଇନ୍ ଉପରେ ଜଣାଇଥିଲେ। ତାଲିମ୍ ରେ ଗ୍ରାମପଂଚାୟତ ସମ୍ପ୍ରସାରଣ ଅଧିକାରୀ ସୁଧୀର ପାଢ଼ୀ ଉପସ୍ଥିତ ରହି ତାଲିମ୍ ନେଇ ଶିକ୍ଷା ଲାଭ କରି କାମରେ ଲଗାଇବା ପାଇଁ ସମସ୍ତ ସରପଂଚ ଏବଂ ଇ ଓ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟରେ ଅବସ୍ଥିତ ଥିବା ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତି ତାଲିମ୍ ର ଲକ୍ଷ୍ୟ ଓ ଲକ୍ଷ୍ୟ ଉପରେ ସରପଂଚ ଏବଂ ଇ ଓ ମାନଙ୍କର ଭୂମିକା, ଦାୟିତ୍ୱ ଉପରେ ଜଣାଇଥିଲେ ଏବଂ ଆଶିର୍ବାଦ, ଗ୍ରୀନ ପାସେଜ, ପୃଷ୍ଟପୋଷକତା ସହାୟତା ରାଶି, ଯଶୋଦା ଯୋଜନା ସମ୍ପର୍କରେ ଜଣାଇଥିଲେ। ଏହି ଅବସରରେ ସି ଆର୍ ଏସ୍ ର ସସ୍ମିତା ଭୋଇ ଗ୍ରାମ ପଂଚାୟତ ବିକାଶ ପାଣ୍ଠିର ଅନ୍ ଟାଏଡ ପାଣ୍ଠିର ୫ ପ୍ରତିଶତ ବିପଦ ସଙ୍କୁଳ ଅବସ୍ଥାରେ ଥିବା ଶିଶୁ ମାନଙ୍କୁ ଚିହ୍ନଟ କରି ପଂଚାୟତ ସ୍ତରୀୟ ଶିଶୁ ସୁରକ୍ଷାର ଯୋଜନା ପ୍ରସ୍ତୁତି କରିବାକୁ ଗୋଷ୍ଠି ଭିତିକ ଯୋଜନା ଓ ବ୍ୟକ୍ତିଗତ ଯୋଜନା ଉପରେ ଏକ ତାଲିମ ପ୍ରଦାନ କରିଥିଲେ। ଏହି ତାଲିମ ପ୍ରଦାନ ପୂର୍ବରୁ ଏବଂ ତାଲିମ ପରବର୍ତୀ ପର୍ଯ୍ୟାୟରେ ୧୦ଟି ପ୍ରଶ୍ନ ପ୍ରସ୍ତୁତି କରି ସମସ୍ତ ସରପଂଚ ଓ ପିଇଓଙ୍କୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୁଡଭେଲା ବ୍ଲକ୍ ର ୧୩ଟି ଗ୍ରାମପଂଚାୟତର ସରପଂଚ, ଇ ଓ, ଏଡିଇଓ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଚାଇଲ୍ଡ ହେଲ୍ପ ଲାଇନର ସୁଦାନ ଖମାରି ସକ୍ରିୟ ଅଂଶଗ୍ରହଣ କରିଥିଲେ। ପରିଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସାମାଜିକ କର୍ମୀ ହରିବନ୍ଧୁ ରାଉତ୍ ଉପସ୍ଥିତ ରହି ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଚଳିତ ବର୍ଷ ଧାନ ସଂଗ୍ରହ ପାଇଁ ୩୯୪ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିୟୋଜିତ

ଭୁବନେଶ୍ୱର, ୧୮/୨ (ନି.ପ୍ର): ଚଳିତ ବର୍ଷ ଧାନ ସଂଗ୍ରହ ପାଇଁ ରାଜ୍ୟରେ ମୋଟ ୩୯୪ ମହିଳା ସ୍ୱୟଂ ସହାୟକ ଗୋଷ୍ଠିଙ୍କୁ ଦାୟିତ୍ୱ ଦିଆଯାଇଛି । ଏମାନଙ୍କ ମଧ୍ୟରୁ ସର୍ବାଧିକ ୧୩୩ ଟି ଗଞ୍ଜାମ ଜିଲ୍ଲାରେ ରହିଥିବା ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତରରେ ମନ୍ତ୍ରୀ ଦର୍ଶାଇଛନ୍ତି ଯେ ୨୦୨୫-୨୬ ବର୍ଷରେ ଧାନ ସଂଗ୍ରହ ପାଇଁ ୨୭୭୭ ପାକସ/ଲାମ୍ପସ, ୩୯୪ ମହିଳା ସ୍ୱୟଂ ସହାୟିକା ଗୋଷ୍ଠି ଓ ୭ଟି ପାଣି ପଞ୍ଚାୟତକୁ ଦାୟିତ୍ୱ ପ୍ରଦାନ କରାଯାଇଛି । ପାକସ୍ ଓ ଲାମ୍ପସ ମଧ୍ୟରୁ ସର୍ବାଧିକ ୩୭୧ଟି ଗଞ୍ଜାମ ଜିଲ୍ଲାରେ ଥିବାବେଳେ କଟକ ଜିଲ୍ଲାରେ ୨୨୩ଟି ରହିଛି। ପୁରୀରେ ଏହି ସଂଖ୍ୟା ୧୯୩ ଅଛି । ସବୁଠାରୁ କମ ମାତ୍ର ୮ଟି ମାଲକାନଗିରି ଜିଲ୍ଲାରେ ଥିବାବେଳେ ନବରଙ୍ଗପୁରେ ୧୩ଟି ପାକସ ରହିଛି।

# କୃଷ୍ଣଚନ୍ଦ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାସୁଦେବପୁର, ୧୮/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ରାଜଘରପୋଖରୀ କୃଷ୍ଣଚନ୍ଦ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନୀଳାମ୍ବର ବଳ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉର୍ମିଳା କର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲା ବେଳେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ଦାସ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଉତ୍ସବରେ ଭୋଇ ସାହି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ନାୟକ, ରାଜଘରପୋଖରୀ ପଞ୍ଚାୟତର ସରପଞ୍ଚ ଅରୁଣ କୁମାର ମହାନ୍ତି, ଭେଡ଼ା ସହଯୋଗ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ପାଢ଼ୀ, ଆର୍ ପି ଜି ପି ହାଇସ୍କୁଲର ଶିକ୍ଷକ ଘନଶ୍ୟାମ ବିଶ୍ୱାଳ, ସ୍କୁଲ୍ ପରିଚାଳନା କମିଟି ସଭାପତି ଦେବେନ୍ଦ୍ର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସମସ୍ତ ଅତିଥି ଶିକ୍ଷା, ସାହିତ୍ୟ,ସଂସ୍କୃତି ସମ୍ପର୍କରେ ଆଲୋଚନା କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏହି ଉତ୍ସବରେ ବିଦ୍ୟାଧର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଏହି ଉତ୍ସବରେ ଶିକ୍ଷକ ଦିନେଶ କୁମାର ପଣ୍ଡୁଆ ଅତିଥି ପରିଚୟ ପ୍ରଦାନ ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନୀଳାମ୍ବର ବଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଉତ୍ସବରେ ବିଦ୍ୟାଳୟର ସତ୍ୟବ୍ରତ ବେହେରା, ଅଜିତ କୁମାର ନାୟକ, ଅନ୍ନପୂର୍ଣ୍ଣା ମହାନ୍ତି, ପଦ୍ମାବତୀ ଓଝା,ସ୍ନେହଲତା ମହାନ୍ତି, ସୁରୁଚି ମଲ୍ଲିକ, ଦେବ ସଚିନ ରାଉତ ପ୍ରମୁଖ ଶିକ୍ଷକ ଶିକ୍ଷୟତ୍ରୀ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଜଙ୍ଗଲରେ ଚାଲିଥିଲା ଜୁଆ ଆଡ୍ଡା: ୧୦ ଲକ୍ଷ ଟଙ୍କା, ଥାର୍ ଜବତ, ୨୦ ଜୁଆଡ଼ି ଗିରଫ, ୪ ବାଇକ, ୨୦ଟି ମୋବାଇଲ ଫୋନ ଜବତ

ଖୋର୍ଦ୍ଧା, ୧୮/୨ (ନି.ପ୍ର): ଜଙ୍ଗଲରେ ଚାଲିଥିଲା ଜୁଆ ଆଡ୍ଡା। ଖବରପାଇ ମାଡି ବସିଲା ଟାଙ୍ଗୀ ପୋଲିସ। ୧୦ ଲକ୍ଷ ୩୮ ହଜାର ଟଙ୍କା ଜବତ କରିଛି। ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଓ କଟକ ଜିଲ୍ଲାର ୨୦ ଜୁଆଡ଼ି ଗିରଫ କରିଛି। ସେମାନଙ୍କ ଙ୍କ ଗୋଟିଏ ଥାର, ୪ ବାଇକ, ୨୦ ଟି ମୋବାଇଲ ଫୋନ ଜବତ କରିଛି ପୋଲିସ ।ଗିରଫ ଅଭିଯୁକ୍ତ ହେଲେ ଜୁଆଡ଼ିମାନେ ହେଲେ ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଅଂଚଳର ବୁଦ୍ଧିମାନ ବିଶ୍ୱାଳ(୫୯) ବାଣପୁର ର ମୁରଲୀ ଧର ସେଠି(୪୮, ଭୀମପୁର ରମେଶ ଚନ୍ଦ୍ର ବାରିକ(୫୦) ଜଟଣୀ ର ଅବଦୁଲ ଅଜିମ ଖାଁ(୪୮), ଗମ୍ଭାରୀ ମୁଣ୍ଡା ର ବିକାଶ ସ୍ୱାଇଁ (୩୪), ଗମ୍ଭାରୀ ମୁଣ୍ଡା ବିଂଝାଳା ଗ୍ରାମର ରାମଚନ୍ଦ୍ର ବେହେରା(୬୬),ପ୍ରଦୀପ କୁମାର ନାୟକ(୪୫), ଗମ୍ଭାରୀ ମୁଣ୍ଡା ର ଲକ୍ଷ୍ମୀଧର ସାହୁ(୬୨), ବାଣପୁର କାଣ୍ଡଗାଡ଼ିଆ ଗ୍ରାମର ଶିବ ସ୍ୱାଇଁ(୩୮), ସାନ ନଈରୀ ଗ୍ରାମର ଦିଲୀପ ସାହୁ, ନାଚୁଣୀ ହରି ଚନ୍ଦନପୁର ଗ୍ରାମର କାହ୍ନୁ ବେହେରା(୩୨),ବାଣପୁର ବିସ୍ତୁଡ଼ିହ ଗ୍ରାମର ଶିବ ଶଙ୍କର ସେନାପତି, ନାରାୟଣ ସୁବୁଦ୍ଧି(୩୫), ବଉଳା ବନ୍ଧ ଗ୍ରାମର ବିପିନ ପ୍ରଧାନ(୪୦), ପୁରୀ ଜିଲ୍ଲା ତାଳବଣିଆ ବାଲିଘାଟ ର ରଂଜନ ରାଉଳ (୪୦), ଚନ୍ଦନ ପୁର ଗ୍ରାମର ଲକ୍ଷ୍ମୀଧର ବେହେରା(୪୫) ବଳିଆ ପଣ୍ଡା ର ରାଜ କିଶୋର ପ୍ରଧାନ(୩୩) ଗଞ୍ଜାମ ଜିଲ୍ଲା ଛତ୍ରପୁରର ଅଜିତ କୁମାର ଗୌଡ଼(୨୯) ବ୍ରହ୍ମପୁରର ଜି ନରେଶ (୪୭) କଟକ ଜିଲ୍ଲା ରାଣୀହାଟ ର ଯଶବନ୍ତ ଦେବତା (୫୩)। ଗତକାଲି ବିଳମ୍ବିତ ରାତିରେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା କୁଞ୍ଜୁରୀ ପଂଚାୟତ କାର୍ଯ୍ୟଳୟ ନିକଟ କାଜୁ ଜଙ୍ଗଲରେ ଚାଲିଥିଲା ଜୁଆ ଖେଳ। ଖବରପାଇ ଟାଙ୍ଗୀ ପୋଲିସ ଜଙ୍ଗଲ ରେ ଚାରିଆଡୁ ଘେରିଥିଲା। ଜୁଆଡି ଖସି ଯିବାକୁ ଉଦ୍ୟମ ବେଳେ ମାଡି ବସିଥିଲା ପୋଲିସ। ଆଜି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଆସନ୍ତା ୨୫ରୁ ବଲାଙ୍ଗିରର କୋଶଳ କଳା ମଣ୍ଡପ ପଡ଼ିଆରେ ଆଂଚଳିକ କଳିଙ୍ଗ ଔଷଧୀୟ ମେଳା

ବଲାଙ୍ଗିର, ୧୮/୨ (ନି.ପ୍ର): ବଲାଙ୍ଗିର ବନ ବିଭାଗ ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡ, ଓଡ଼ିଶାର ସହାୟତାରେ ଆସନ୍ତା ଫେବୃଆରୀ ୨୫ରୁ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ବଲାଙ୍ଗିରର କୋଶଳ କଳା ମଣ୍ଡପ ପଡ଼ିଆରେ ଆଂଚଳିକ କଳିଙ୍ଗ ଔଷଧୀୟ ମେଳା ୨୦୨୬ ଆୟୋଜନ କରିବାକୁ ଯାଉଛି । ଏହି କାର୍ଯ୍ୟକ୍ରମ ୫ ଦିନ ଧରି ଅନୁଷ୍ଠିତ ହେବ । ଯେଉଁଠାରେ ପ୍ରାୟ ୫୦ ଜଣ ବୈଦ୍ୟ (ସ୍ଥାନୀୟ ଚିକିତ୍ସକ), ୪ ରୁ ୫ଟି ଆୟୁର୍ବେଦିକ ସଂସ୍ଥା, ବଲାଙ୍ଗିର ଆୟୁର୍ବେଦିକ କଲେଜର ବରିଷ୍ଠ ବିଶେଷଜ୍ଞ / ଚିକିତ୍ସକ ଏହି ମେଳାରେ ଅଂଶଗ୍ରହଣ କରିବେ ।

# ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମୀକ୍ଷା ବୈଠକ



ଭବାନୀପାଟଣା , ୧୮/୨ (ନି.ପ୍ର): ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, କଳାହାଣ୍ଡି ଦ୍ୱାରା ଜିଲ୍ଲାର ସମସ୍ତ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ - ଶିକ୍ଷୟିତ୍ରୀ ଙ୍କୁ ନେଇ ଭବାନୀପାଟଣା ଟାଉନ୍ ହଲ ଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛାତ୍ରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ୍ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ଏହି ବୈଠକରେ ଆସନ୍ତା ମାଟ୍ରିକ ପରୀକ୍ଷା ରେ ଉତ୍ତମ ଫଳାଫଳ, ବିଦ୍ୟାଳୟ ସୁପରିଚାଳନା, ଆକାଂକ୍ଷୀ ପାଠ୍ୟକ୍ରମ, ମଧ୍ୟାହ୍ନ ଭୋଜନ ସୁପରିଚାଳନା, ଆର୍ଥିକ ପରିଚାଳନା , ୟୁଡ଼ାଇସ ପ୍ଲସ, ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ପରୀକ୍ଷା, ନୂତନ ପାଠ୍ୟ ପୁସ୍ତକ, ନୂତନ ଶିକ୍ଷା ବର୍ଷର କାର୍ଯ୍ୟ ଖସଡ଼ା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ହେମସାଗର ମହାନନ୍ଦ, ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ଏହି ଅବସରରେ ସମଗ୍ର ଶିକ୍ଷା କଳାହାଣ୍ଡି ର ମୁଖପତ୍ର ତଥା ଶିକ୍ଷା ସମ୍ବାଦ ବାହିକା ମାଣିକ୍ୟ ପ୍ରଭା ପତ୍ରିକାର ଶୁଭ ଉନ୍ମୋଚନ କରାଯାଇଥିଲା। ଜିଲ୍ଲା ଗଣନାଥପୁର ପ୍ରଧାନଶିକ୍ଷକ ପ୍ରଦୀପ ନେଗି, କୁଲିହାରୀ ପ୍ରଧାନଶିକ୍ଷକ ବିଜୟ ପାଢ଼ୀ, ଜୟଦୂର୍ଗା ଉଚ୍ଚ ବିଦ୍ୟାଳୟ ନାର୍ଲା ରୋଡ଼ ପ୍ରଧାନଶିକ୍ଷକ ସନ୍ତୋଷ କୁମାର କର ନିଜ ବିଦ୍ୟାଳୟରେ ଉତ୍ତମ ଶିକ୍ଷାଦାନ ଓ ଫଳାଫଳ ନିମନ୍ତେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଉପସ୍ଥାପନା କରିଥିଲେ। ଜିଲ୍ଲା ସାଧନ ଶିକ୍ଷକ ଶିକ୍ଷୟିତ୍ରୀ ବିଜୟାନନ୍ଦ ହୋତା, ଶ୍ୟାମ ସୁନ୍ଦର ପଣ୍ଡା, ସରସ୍ୱତୀ ସାହୁ, ସ୍ନିଗ୍ଧାଲିନା ସାହୁ, ଯୁଧିଷ୍ଠିର ମୁଦୁଲି, ମୃତ୍ୟୁଞ୍ଜୟ ପତି, ପ୍ରଜ୍ଞା ଶତପଥି, ସ୍ୱେତାଳିନ ପ୍ରଧାନ, ସରସ୍ୱତୀ ବେହେରା, ମନୋଜ ପଣ୍ଡା, ବିନୋଦ ବାତ୍ରା , ବାପାଙ୍ଗି ପ୍ରଧାନ ଓ ଈଶ୍ୱର ବେହେରା, ଜିଲ୍ଲା ପ୍ରାଥମିକ ଶିକ୍ଷା ତାଲିମ ଅନୁଷ୍ଠାନ ପ୍ରମୁଖ ପାଠ୍ୟ ବିଷୟ ବସ୍ତୁ ଉପରେ ଛାତ୍ରଛାତ୍ରୀ ମାନେ କିପରି ଅଧିକ ମାର୍କ ରଖି ପାରିବେ, ସେ ସମ୍ପର୍କରେ ନିଜ ଅଭିଜ୍ଞତା ବିନିମୟ କରିଥିଲେ। ଏହି କାର୍ଯ୍ୟକ୍ରମ ରେ କ୍ୱେଷ୍ଟ ଆଲିଆଁନସ, ଭୁବନେଶ୍ୱର ର ରାଜ୍ୟ ମୁଖ୍ୟ ଯୁଭିକା ସିଂହ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଦୁଷ୍ମନ୍ତ ପାଢ଼ୀ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପଶିଂ ରାଉତ, ଉପବିଭାଗ ଅଧିକାରୀ ଟଙ୍କଧର ସାହୁ, ଜିତେନ୍ଦ୍ର ମୁଣ୍ଡ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜିଲ୍ଲା ସଂଯୋଜକ ବିରେନ୍ଦ୍ର ଆଚାର୍ଯ୍ୟ, ପଞ୍ଚ ଶଖା ଶିକ୍ଷା ସେତୁ ଜିଲ୍ଲା ସଂଯୋଜକ ପ୍ରଶାନ୍ତ କୁମାର ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

# ବିଶ୍ୱେଶ୍ୱର ଶିବ ମନ୍ଦିରରେ ପୂଜା କଲେ ସଦର ବିଧାୟକ



ବାଲେଶ୍ୱର, ୧୮/୨ (ନି.ପ୍ର): ବାଲେଶ୍ୱର ମିର୍ଜାପୋଖରୀ ମିଶ୍ର ସାହି ସ୍ଥିତ ବିଶ୍ୱେଶ୍ୱର ଶିବ ମନ୍ଦିର ରେ ବାଲେଶ୍ୱର ସଦର ବିଧାୟକ ଶ୍ରୀ ମାନସ କୁମାର ଦତ୍ତ ଜାଗର ଦିନ ସକାଳୁ ପୂଜା କରିଥିଲେ । ସ୍ଥାନୀୟ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ବାବାଙ୍କ ଦର୍ଶନ କରିବା ସହ ପରିବାର ର ମଙ୍ଗଳ ମନାସି ଥିଲେ । ଏ ବର୍ଷ ଜାଗର ଉତ୍ସବ ଧୁମ ଧାମ ରେ ପାଳିତ ହୋଇଯାଇଛି । ଭୋର ଚାରିଟା ରେ ମହାଦୀପ ଉଠିଥିଲା । ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ କୁ ଶ୍ରୀ ଶଶୀ ଭୂଷଣ ପାଣିଗ୍ରାହୀ, ଶ୍ରୀ ଗୌର ସାଧନ ମିଶ୍ର, ଶ୍ରୀ ଗୌର ହରି ମିଶ୍ର, ଶ୍ରୀ ଶାନ୍ତି ସ୍ୱରୂପ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ମନ୍ଦିର ପୂଜକ ଶ୍ରୀ ନିତ୍ୟାନନ୍ଦ ହୋତା ସମସ୍ତ ପୂଜାକର୍ମ ସମାପନ କରିଥିଲେ । ମହାଦୀପ ଉଠିଲା ପରେ ସମସ୍ତ ଭକ୍ତ ଙ୍କୁ ପ୍ରସାଦ ବିତରଣ କରାଯାଇ ଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଆଜିଠୁ ଦଶମ ବୋର୍ଡ ...

କଣ୍ଟ୍ରୋଲ ରୁମ୍‌ରୁ ସ୍ୱତନ୍ତ୍ର ଭାବେ ମନିଟରିଂ କରାଯିବ । ୧୩୬୪ କେନ୍ଦ୍ରରୁ ଲାଇଭ୍ ଷ୍ଟ୍ରିମିଂ ବ୍ୟବସ୍ଥା କରାଯାଇଛି । ପ୍ରଶ୍ନପତ୍ର ହବ୍ ଗୁଡିକ ଇଓ ବୈଷୟିକ ଜ୍ଞାନକୌଶଳ ନଜରରେ ରଖାଯାଇଛି । ସବୁ କେନ୍ଦ୍ରକୁ ଜଗିଛି ପୁଲିସ୍ । ପରୀକ୍ଷାରେ କପି ରୋକିବା ପାଇଁ ବୋର୍ଡ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । କପି ରୋକିବା ପାଇଁ ପରୀକ୍ଷା କେନ୍ଦ୍ରକୁ ଫୋନ୍ ବାରଣ । ତ୍ରିସ୍ତରୀୟ ସ୍କାଡ୍ ବ୍ୟବସ୍ଥା କରାଯାଇଛି ।ସ୍ପେଶାଲ ଭିଜିଲାନ୍ସ ଟିମ୍ ପରୀକ୍ଷା କେନ୍ଦ୍ରଗୁଡ଼ିକ ପରିଦର୍ଶନ କରିବେ । ପ୍ରଶ୍ନପତ୍ରରେ ଛଜ ଉକ୍ସୟର ଓ ଡବଲଇରକ୍ସଙ୍କବକ୍ସଲ ବ୍ୟବସ୍ଥା କରାଯାଇଛି । ପ୍ରତିଦିନ ପରୀକ୍ଷା ଶେଷ ପରେ ଅଧୀକ୍ଷକମାନେ ବୋର୍ଡକୁ ରିପୋର୍ଟ ଦେବେ । ପୂର୍ବବର୍ଷ ମାନଙ୍କରେ ପରୀକ୍ଷାରେ ବାରମ୍ବାର ବିଭ୍ରାଟ ହୋଇଥିବାରୁ ତ୍ରୁଟିଶୂନ୍ୟ ଭାବେ ସାରିବା ବୋର୍ଡ କର୍ତ୍ତୃପକ୍ଷ ଓ ଗଣଶିକ୍ଷା ବିଭାଗ ପାଇଁ ବଡ ଆହ୍ୱାନ ।

### ଗୃହରେ ଥମୁନି ମଣ୍ଡି ...

ନଭେମ୍ବର ୨୮ରୁ ଏଠି ମଣ୍ଡି ଖୋଲିଲାଣି। ଏବର୍ଷ ୭୭ଲକ୍ଷ କ୍ୱିଣ୍ଟାଲ ଧାନ କିଣିବାରୁ ଲକ୍ଷ୍ୟ ରଖାଯାଇଥିଲା, ହେଲେ ଏଯାଏଁ ଆହୁରି ୬ଲକ୍ଷ କୁଇଣ୍ଟାଲ ଧାନ ଉଠାଯାଇ ପାରିନି। ଏବେ ଦେଖିବାର କଥା- ବିଧାନସଭା ବଜେଟ୍ ଅଧିବେଶନରେ ବି ଜୋରଦାର ମଣ୍ଡି ତାତି ପରେ ଚାଷୀଙ୍କୁ କେତେ ଶୀଘ୍ର ମିଳୁଛି ଯନ୍ତ୍ରଣାରୁ ମୁକ୍ତି।

### କଟକରେ ଫୁଟିଲା ଗୁଳି:...

ତେଣୁ ସନ୍ଦେହ ହେଉଛି ଯେ ଏହା ଏକ ଯୋଜନାବଦ୍ଧ ହତ୍ୟା ହୋଇଥାଇପାରେ। ସୌମ୍ୟ ରଞ୍ଜନ ଜେନା ଭଲ କ୍ରିକେଟ ଖେଳୁଥିଲେ। ତାଙ୍କର କାହା ସହ ଶତ୍ରୁତା ନ ଥିଲା ବୋଲି କହୁଛନ୍ତି ତାଙ୍କ ସାଙ୍ଗମାନେ। ସେ ଜଣେ ଭଲ ପିଲା ଥିଲେ ବୋଲି ତାଙ୍କୁ ଜାଣିଥିବା ଲୋକେ କହୁଛନ୍ତି।

### ମନା କରୁ କରୁ ବ୍ରିଜ୍ ...

ପରେ ପରେ ବ୍ରିଜ୍ ଦେଇ ଯାଆସ କରୁଥିବାରୁ ଆହୁରି କିଛି ଲୋକ ସେଠାରେ ରୁଣ୍ଡ ହୋଇଥିଲେ ଓ ଗାର୍ଡୱାଲରୁ ତଳକୁ ଆସିବାକୁ ମହିଳାଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ସେ କାହା କଥା ଶୁଣି ନଥିଲେ। ମହିଳା ଜଣଙ୍କ ତାଙ୍କ ମାସ୍କ ପିନ୍ଧିଥିଲେ। ବ୍ରିଜ୍‌ରୁ ଡେଇଁବା ପୂର୍ବରୁ ସେ ମୋବାଇଲ ଫୋନ୍‌ରେ କାହା ସହିତ କଥା ହୋଇଥିଲେ ଓ କାନ୍ଦୁ ଥିଲେ। ଲୋକଙ୍କ ବାରଣ ସତ୍ତ୍ୱେ ସେ ବ୍ରିଜ୍ ତଳକୁ ଡେଇଁ ପଡ଼ିଥିଲେ। ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରାଯାଇ ବୁର୍ଲା ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ବୁର୍ଲା ପୁଲିସ ଘଟଣାର ତଦନ୍ତ କରୁଛି। ମୃତ ମହିଳାଙ୍କ ବାପ ଘର ସମ୍ବଲପୁରର କ୍ଷେତରାଜପୁର ଅଞ୍ଚଳରେ। ସେ ବୁର୍ଲାରେ ରହୁଥିଲେ। ପାରିବାରିକ ବିବାଦରୁ ଏହି ଘଟଣା ଘଟିଥାଇପାରେ ବୋଲି କୁହାଯାଉଛି।

# ଉଦଳାରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସଂଘ ଗଠିତ : ପ୍ରମିଳା ସଭାପତି, ରାଜଲକ୍ଷ୍ମୀ ସମ୍ପାଦିକା ମନୋନୀତ

ଉଦଳା, ୧୮/୨ (ନି.ପ୍ର): ଆଗକୁ ଆସୁଛି ଆନ୍ତର୍ଜାତିକ ମହିଳା ଦିବସ । ଏହାକୁ ବେଶ ଧୁମଧାମରେ ପଳନ କରିବା ପାଇଁ ବିଭିନ୍ନ ଅନୁଷ୍ଠାନ ତରଫରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଗଲାଣି । ଏତିକି ବେଳେ ଉଦଳାରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମାନଙ୍କୁ ନେଇ ଏକ ସଂଘ ଗଠନ ହେବା ସହିତ ଏହାର ପ୍ରଥମ କାର୍ଯ୍ୟକାରିଣି ବୈଠକ ଆଜି ଫେବୃଆରୀ ୧୮ ତାରିଖ ବୁଧବାର ଦିନ ସ୍ଥାନୀୟ ସନ୍ଧାନ ଗୃହ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ସଂଘର ସଭାପତି ଭାବରେ ପ୍ରମିଳା ଜେନା ଓ ସମ୍ପାଦିକା ଭାବରେ ରାଜଲକ୍ଷ୍ମୀ ମହାନ୍ତି ସର୍ବ ସମ୍ମତି କ୍ରମେ ମନୋନିତ ହୋଇଛନ୍ତି । ଆଜିର ବୈଠକର ପ୍ରାରମ୍ଭରେ ଉଭୟ ସଭାପତି ଓ ସମ୍ପାଦିକାଙ୍କୁ ସଂଘ ତରଫରୁ ପୁଷ୍ପଗୁଚ୍ଛ ଓ ଉତରୀୟ ଅର୍ପଣ ପୂର୍ବକ ସ୍ୱାଗତ ଜଣାଯାଇଥିଲା । ଏହାପରେ ଆଜି ଦିବସବ୍ୟାପି ସାଧାରଣ ସଭା, ସମ୍ବର୍ଦ୍ଧନା ପ୍ରଦାନ, ଅନୁଭବ କଥନ ଓ କବିତାପାଠର ପର୍ବ ଅନୁଷ୍ଠିତ ହୋଇଥିଲା । ପ୍ରଭାତି ମଂଜରି ଦାସଶର୍ମା। ଆଜିର ବୈଠକରେ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ଉଦଳାରେ ଏହିଭଳି ଏକ ସଂଘ ଗଢ଼ିବାରେ ନେତୃତ୍ୱ ନେଇଥିବା ଶିକ୍ଷୟିତ୍ରୀ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଏହାପରେ ସୁବାସିନି ବେହେରା ମଂଚରେ ବିଶିଷ୍ଟ ଅତିଥି ଭାବରେ ଯୋଗ ଦେଇ ନିଜେ ବିତାଇଥିବା ସଂଘର୍ଷପୂର୍ଣ୍ଣ ଜୀବନର ଇତିହାସ ବର୍ଣ୍ଣନା କରିଥିଲେ । ପରେ ସଂଘରେ ଯୋଗ ଦେଇଥିବା




ସବୁଠାରୁ ବୟସ୍କ ଶିକ୍ଷୟିତ୍ରୀ ଅହଲ୍ୟା ମହାନ୍ତି, କୁନ୍ତଳା ଦାସ ଓ ସୁରମା ଦାସଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାପରେ ଅନୁଭବ କଥନର ପର୍ବ ଆରମ୍ଭ ହୋଇଥିଲା । ଏଥିରେ ଶିକ୍ଷୟିତ୍ରୀ ଭାବରେ ନିଜେ ବିତାଇଥିବା ଅନୁଭବ ଜଣ ଜଣ କରି ସମସ୍ତେ ବ୍ୟକ୍ତ କରିଥିଲେ । ଅସୀମା କର ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ ସହିତ ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିବା ବେଳେ ସୁମତୀ ଜେନା ଓ ଅର୍ଚ୍ଚନା ନାୟକ ସ୍ୱରଚିତ କବିତା ପାଠ କରିଥିଲେ । ଜେମାମଣି ସେଠୀ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେବା ସହିତ ସଂଘକୁ ସୁଦୃଢ଼ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ରେଣୁକା ପାଠୀ, ମନୋରମା ନାୟକ, ନମିତା ଦାସ, ଗୀତା ଭୋଳ, ମଳୟ ଦାସ ପ୍ରମୁଖ ସହଯୋଗ କରିଥିଲେ ।

# ଅଭ୍ରକାନ୍ତା ଚେରିଟେବୁଲ ଟ୍ରଷ୍ଟ ପକ୍ଷରୁ ପ୍ରତିମୂର୍ତ୍ତି ଉନ୍ମୋଚିତ

ବାସୁଦେବପୁର, ୧୮/୨ (ନି.ପ୍ର): ଅଭ୍ରକାନ୍ତା ଚେରି ଟେବୁଲ୍ ଟ୍ରଷ୍ଟ ,ଭୁବନେଶ୍ୱର , ଓଡ଼ିଶା ପକ୍ଷରୁ ବାସୁଦେବପୁର ବ୍ଲକର ବେତଡ଼ା ନିକଟସ୍ଥ ଚନ୍ଦନପୁର ଠାରେ ଅଭ୍ରକାନ୍ତା ଙ୍କ ସମାଧି ପ୍ରତିଷ୍ଠା, ଗୀତା ଯଜ୍ଞ, ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ଏବଂ ସ୍ମୃତି ମନ୍ଦିର ଜୀବନ ଧନର ଉନ୍ମୋଚନ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଟ୍ରଷ୍ଟର ସଭାପତି ଗୌତମ ଚନ୍ଦ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ଡକ୍ଟର ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲା ବେଳେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ଗୀତିକାର ପୀତାମ୍ବର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି ଉତ୍ସବରେ ଅତିଥି ବନ୍ଧୁ ମାନେ ତାଙ୍କ ବକ୍ତବ୍ୟରେ କହିଲେ ଯେ କନ୍ୟା ହିଁ ଶ୍ରେଷ୍ଠ ସମ୍ପତ୍ତି।




ତେଣୁ ଆମ ପୃଥିବୀରେ କନ୍ୟା ନାହିଁ ତ ଜୀବନ ନାହିଁ। ଅଭ୍ର କାନ୍ତା, ଡାକ ନାମ ଗେହ୍ଲା ଏ ସମାଜ ପାଇଁ ଏକ ବିସ୍ମୟ ପ୍ରତିଭା। ଅଭ୍ରକାନ୍ତା ଙ୍କ ସୁଯୋଗ୍ୟ ପିତା ଗୌତମ ଙ୍କ ପରି ଅନେକ ଗୌତମ ଏ ପୃଥିବୀରେ ଜନ୍ମ ହେବା ଉଚିତ୍। ମେଧାବୀ ଛାତ୍ରୀ ଅଭ୍ରକାନ୍ତା ଏହି ପୃଥିବୀରେ ଅଳ୍ପ ଦିନ ବଞ୍ଚିଥିଲେ। ଏ ଦୁନିଆଁରୁ ସେ ବିଦାୟ ନେଇ ଯାଇଥିଲେ ମଧ୍ୟ ତାଙ୍କ ନାମରେ ଯେଉଁ ଅନୁଷ୍ଠାନ ତିଆରି ହୋଇଛି ତାହାର ଲକ୍ଷ କନ୍ୟା ଶିକ୍ଷା, ଅନାଥ, ଅସହାୟ ଓ ଦୁଃଖୀ ଗରିବ ଲୋକଙ୍କୁ ଆଲୋକ ଦେଖାଇବା ସହିତ ସାହାଯ୍ୟ ସହଯୋଗ ପ୍ରଦାନ କରିବା । ଏହି ଉତ୍ସବରେ ଅଭ୍ରକାନ୍ତାଙ୍କ ମାଆ ପ୍ରଦୀପା ଚନ୍ଦ ଓ ପରିବାର ବର୍ଗ ସହଯୋଗ କରିଥିଲେ। ଏହି ଟ୍ରଷ୍ଟ ଓ ଅନୁଷ୍ଠାନ ଓଡ଼ିଶାରେ ଏକ ନୂତନ ଅଧ୍ୟାୟ ଓ ଇତିହାସ ସୃଷ୍ଟି କରି ପାରିଛି।

# କବି ଗଙ୍ଗାଧର ଓ କବିପତ୍ନୀ ଚମ୍ପାଦେବୀଙ୍କ ପ୍ରତିକୃତି ପ୍ରତିଷ୍ଠା

ବିନିକା, ୧୮/୨ (ନି.ପ୍ର): ବିନିକା ବାଳକ ଉଚ୍ଚ ବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେର ଓ କବିପତ୍ନୀ ଚମ୍ପାଦେବୀଙ୍କ ପ୍ରତିକୃତି ପ୍ରତିଷ୍ଠିତ ହୋଇଯାଇଛି। ସ୍ୱଭାବ - କବିଙ୍କ ପ୍ରପୌତ୍ର ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ଦ୍ୱାରା ପ୍ରଦତ୍ତ ଏହି ସଶ୍ରଦ୍ଧ ଉପହାର ବିଶିଷ୍ଟ ସାହିତ୍ୟିକ ମାନଗୋବିନ୍ଦ ମେହେରଙ୍କ ଠାରୁ ସ୍କୁଲର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ମହାକୁର ଗ୍ରହଣ କରିଥିଲେ। ଏଠାରେ ଉଲ୍ଲେଖନୀୟ ଯେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରଥମା ପତ୍ନୀଙ୍କ ଅକାଳ ବିୟୋଗ ଘଟିଥିଲା ୧୮୯୭ମସିହାରେ। ଏହାପରେ ବିନିକା ନିକଟବର୍ତ୍ତୀ ଗ୍ରାମ ଚଢେଇପଙ୍କର ଚମ୍ପା ଦେବୀଙ୍କ ସହିତ ଗଙ୍ଗାଧରଙ୍କ ବିବାହ ସମ୍ପନ୍ନ ହୋଇଥିଲା। ଚମ୍ପାଦେବୀ ହିଁ ହେଉଛନ୍ତି କବିଙ୍କ ପ୍ରଥମ ପାଦୁକା ପୂଜାରିଣୀ ୧୯୨୪ମସିହାରେ



କବିଙ୍କ ବିୟୋଗ ଘଟିବା ପରେ ତାଙ୍କର କାଷ୍ଠ ପାଦୁକା ଦ୍ୱୟକୁ ସେ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ପୂଜା କରୁଥିଲେ, ଯାହାକି ବର୍ତ୍ତମାନ ବରପାଲି ସ୍ଥିତ କବି ପରିବାରଙ୍କ ନୂତନ ବାସଭବନ ଗଙ୍ଗାଧର ସ୍ମୃତି ସଦନ ସଂଗ୍ରହାଳୟରେ ସଂରକ୍ଷିତ। ୧୯୪୨ ମସିହାରେ ଚମ୍ପା ଦେବୀଙ୍କ ବିୟୋଗ ଘଟିଥିଲା। କବିପତ୍ନୀ ଚମ୍ପାଦେବୀଙ୍କ ମାତୃପିତୃ ଗୃହ ବିନିକା ଅଞ୍ଚଳ ହୋଇଥିବାରୁ ତାଙ୍କ ପବିତ୍ର ସ୍ମୃତି ରକ୍ଷା ପାଇଁ କବିଙ୍କ ପ୍ରତିଛବି ସହିତ କବି ପତ୍ନୀ ଚମ୍ପାଦେବୀଙ୍କ ପ୍ରତିକୃତି ପ୍ରଫେସର ମଣୀନ୍ଦ୍ର କୁମାର ମେହେର ବିନିକା ସ୍ଥିତ ଶିକ୍ଷାନୁଷ୍ଠାନ ସବୁକୁ ସଶ୍ରଦ୍ଧ ଉପହାର ଭାବରେ ପ୍ରଦାନ କରିଛନ୍ତି। ଏହା ଦ୍ୱାରା ବିଦ୍ୟାଳୟର ସୌନ୍ଦର୍ଯ୍ୟ ଓ ଗୌରବ ବୃଦ୍ଧିହେବା ସଂଗେ ସଂଗେ ଛାତ୍ରଛାତ୍ରୀମାନେ କବିଙ୍କ ବିଷୟରେ ଜାଣିବା ସହିତ କବିପତ୍ନୀ ଚମ୍ପାଦେବୀଙ୍କ ବିଷୟରେ ଅବଗତ ହେବାର ସୁଯୋଗ ପାଇବେ ବୋଲି ମାନଗୋବିନ୍ଦ ମେହେର ନିଜର ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି।

# ରାଣୀଖୁଡି ସରକାରୀ ୟୁପି ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା

ବାଲିଆପାଳ , ୧୮/୨ (ନି.ପ୍ର): ବାଲିଆପାଳ ବ୍ଲକ ରାଣୀଖୁଡି ସରକାରୀ ୟୁପି ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତପନ କୁମାର ସାହୁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ମୁଖ୍ୟ ଅତିଥି ଭାବେ ସରପଞ୍ଚ ଜଗତିପୁର ଗ୍ରାମ ପଂଚାୟତ ସରପଞ୍ଚ ସୁବାସ ଚନ୍ଦ୍ର ବେହେରା,ମୁଖ୍ୟ ବକ୍ତା ଭାବେ ସମିତି ସଭ୍ୟ ଶାନ୍ତନୁ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ସି ଆର ସି ସି ଶମ୍ଭୁନାଥ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ପ୍ରାମାଣିକ, ଭଗବାନ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ କାଳିଚରଣ ଜେନା ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ବିଦ୍ୟାର୍ଥୀଙ୍କ ମାର୍ଗଦର୍ଶନ କରାଯାଇଥିଲା। ଶିଶୁ ହସିଲେ ଦୁନିଆଁ ହସେ ତଥା ସେମାନେ ଏ ଜାତିର ଭବିଷ୍ୟତ ଗୁରୁ ଓ ପିତାମାତାଙ୍କ ଆଚରଣ ସେମାନଙ୍କ ଭବିଷ୍ୟତକୁ ଆଲୋକ ପଥରେ ଆଗେଇ ନିଏ ଏବଂ ଅନ୍ୟ ପାଇଁ ବଂଚିବା ମୂଳ ଲକ୍ଷ୍ୟ ହେବା ଉଚିତ ବୋଲି ମତାମତ ଦେଇଥିଲେ ପ୍ରାରମ୍ଭରେ ଶିକ୍ଷକ କାର୍ତ୍ତିକ ବେହେରା ଅତିଥି ମାନଙ୍କୁ ମଞ୍ଚ ଆବାହନ ଓ ବିବରଣୀ ପାଠ କାହ୍ନୁ ଚରଣ ମାଝୀ କରିଥିଲେ ରମାନାଥ ପାତ୍ର, ଗୀତାଞ୍ଜଳି ପ୍ରଧାନ, ରଂଜିତା ପରିଡା ଏବଂ ପରିଚାଳନା କମିଟି, ଓମ ସତ୍ୟମ ଶଙ୍ଖ ସହାୟକ ଗୋଷ୍ଠୀ ର ସମସ୍ତ ସଭ୍ୟ ସହଯୋଗ କରିଥିଲେ। ପରେ କୃତି ଛାତ୍ର ଛାତ୍ରୀ ଙ୍କୁ ଅତିଥି ଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷକ ଗୌତମ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିବାହ ପୂର୍ବ ଯୋଗାଯୋଗ କେନ୍ଦ୍ର (ପି.ଏମ.ସି.ସି.) 'ତେରେ ମେରେ ସପନେ'ର ଉଦ୍‌ଘାଟନ

ରେମୁଣା, ୧୮/୨ (ନି.ପ୍ର): ଆଜି, ଜାତୀୟ ମହିଳା କମିଶନରଙ୍କ ପରାମର୍ଶରେ ପରିଚାଳିତ 'ତେରେ ମେରେ ସପନେ' ନାମରେ ପ୍ରାକ୍ ବିବାହ ଯୋଗାଯୋଗ କେନ୍ଦ୍ର (ପି.ଏମ.ସି.ସି.) ଅପରାହ୍ନ ୩.୩୦ ସମୟରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ର ପିଜି କାଉନସିଲର ସମ୍ମିଳନୀ କକ୍ଷରେ ଏକ ଅଗ୍ରଣୀ ସାମାଜିକ ସଂଗଠନ ରୁରାଲ ଡେଭଲପମେଂଟ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ହୋଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଫକୀର ମୋହନ ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠି, ମୁଖ୍ୟ ବକ୍ତା ଓଡ଼ିଶା ରାଜ୍ୟ ମହିଳା କମିଶନର ମାନ୍ୟବର ଅଧ୍ୟକ୍ଷା ଶ୍ରୀମତୀ ସୋଭନା ମହାନ୍ତି ଏବଂ ସଦସ୍ୟା ଶ୍ରୀମତୀ ମୁକ୍ତା ସାହୁ ଓ ଶ୍ରୀମତୀ ପ୍ରତିଭା ଶତପଥୀଙ୍କ ଦ୍ୱାରା ଉଦ୍ଘାଟିତ ହୋଇଛି । ବିଶ୍ୱବିଦ୍ୟାଳୟର ସାମାଜିକ ବିଜ୍ଞାନ ବିଭାଗର ମୁଖ୍ୟ, ପ୍ରଫେସର ପବିତ୍ର ମୋହନ ନାୟକ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପିକା ରାଜଶ୍ରୀ ଦତ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରାୟ ୨୦୦ ଛାତ୍ରଛାତ୍ରୀ ସମେତ ଅଧିକାଂଶ ବିଭାଗର ଶିକ୍ଷକ ଓ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ




କରିଛନ୍ତି। ମଞ୍ଚରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତି ଓ ସମ୍ମାନିତ ଅତିଥିମାନେ ଉତ୍ତମ ଦାମ୍ପତ୍ୟ ଜୀବନ ପାଇଁ ବର୍ତ୍ତମାନ ସମାଜରେ ବିବାହ ପୂର୍ବ ଯୋଗାଯୋଗ କେନ୍ଦ୍ର (ପି.ଏମ.ସି.ସି.)ର ଆବଶ୍ୟକତା ଉପରେ ଆଲୋକପାତ କରିଛନ୍ତି। ବୈଷୟିକ ଅଧିବେଶନରେ, ରୁରାଲ ଡେଭଲପମେଂଟ ଫାଉଣ୍ଡେସନ ସମ୍ପାଦକ ଶ୍ରୀ ହରିଶ ଚନ୍ଦ୍ର ରାଜ ଏବଂ ପି.ଏମ.ସି.ସି. କେନ୍ଦ୍ରର ମୁଖ୍ୟ ଶ୍ରୀ ବିଜୟ କୁମାର ଆଚାର୍ଯ୍ୟ ଦାମ୍ପତ୍ୟ ସମ୍ପର୍କ ଗଠନରେ ମାର୍ଗଦର୍ଶନ, ମାନସିକ ଏବଂ ଭାବପ୍ରବଣ ସୁସ୍ଥତା ପାଇଁ ସମର୍ଥନ, ପରିବାର ବ୍ୟବସ୍ଥାକୁ ସୁଦୃଢ଼ କରିବା, ଛାଡପତ୍ର ଏବଂ ପୃଥକୀକରଣର ସମ୍ଭାବନା ହ୍ରାସ କରିବା, ସାମାଜିକ ସଚେତନତା, ମାନସିକ ଚାପ ହ୍ରାସ ଓ ନିରାଶ ମୁକ୍ତ, ବିବାହ ପୂର୍ବରୁ ଯୁକ୍ତିଯୁକ୍ତ ଏବଂ ଶାନ୍ତିପୂର୍ଣ୍ଣ ବୈବାହିକ ଜୀବନ ଗଠନ ପାଇଁ ବିବାହଯୋଗ୍ୟ ଯୁବକ ଯୁବତୀଙ୍କୁ ଏବଂ ସେମାନଙ୍କ ପିତାମାତା ଏବଂ ନିକଟତମ ବ୍ୟକ୍ତିଙ୍କୁ ଦ୍ୱନ୍ଦ୍ୱ ସମାଧାନ ପ୍ରଦାନ କରିବାରେ ପି.ଏମ.ସି.ସି.ର ପୃଷ୍ଠଭୂମି ଏବଂ ଲାଭ ବିଷୟରେ ବର୍ଣ୍ଣନା କରିଥିଲେ। ସ୍ୱେଚ୍ଛାସେବୀ କବିତା ସିଂ ସମେତ ବିଶ୍ୱବିଦ୍ୟାଳୟର କର୍ମଚାରୀ ଓ ଛାତ୍ରଛାତ୍ରୀ ଏବଂ ପି.ଏମ.ସି.ସି. ଓ ପରିବାର ପରାମର୍ଶ କେନ୍ଦ୍ରର କାଉନସିଲରମାନେ ଉତ୍ସବକୁ ସଫଳ କରିବାରେ ସାହାଯ୍ୟ କରିଥିଲେ। ବିଶ୍ୱବିଦ୍ୟାଳୟର ଜନସଂଖ୍ୟା ଅଧ୍ୟୟନ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଗ୍ରେସ ବାହାଲେନ ମୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟର ପି.ଜି. କାଉନସିଲ ର ଅଧ୍ୟକ୍ଷ ପ୍ରଫେସର ଭାସ୍କର ଚନ୍ଦ୍ର ବେହେରା ଉତ୍ସବକୁ ସାଙ୍ଗ କରାଇବା ପରେ ସନ୍ଧ୍ୟା ୭.୦୦ ଟାରେ, ଓଡ଼ିଶା ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶ୍ରୀମତୀ ଶୋଭନା ମହାନ୍ତି ଏବଂ ସଦସ୍ୟା ଶ୍ରୀମତୀ ମୁକ୍ତା ସାହୁ ଓ ଶ୍ରୀମତୀ ପ୍ରତିଭା ଶତପଥୀ ବାଲେଶ୍ୱର ଟାଉନର ସହଦେବଖୁଣ୍ଟାରେ ରିବନ କାଟି ପି.ଏମ.ସି.ସି.: ତେରେ ମେରେ ସପନେକୁ ଉନ୍ମୋଚନ କରିଛନ୍ତି ।

# ସରକାରୀ ପ୍ରାଥମିକ ବିଦ୍ୟାଳୟ ରତାଙ୍ଗର ବାର୍ଷିକ ଉତ୍ସବ

ବାସୁଦେବପୁର, ୧୮/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବରଣ୍ଡୁଆ ପଞ୍ଚାୟତର ସରକାରୀ ପ୍ରାଥମିକ ବିଦ୍ୟାଳୟ ରତାଙ୍ଗର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସରସ୍ୱତୀ ସେଠୀ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲା ବେଳେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ଅବସର ପ୍ରାପ୍ତ ଏସ୍ ଆଇ ସୁରେନ୍ଦ୍ର ପ୍ରସାଦ ବେଜ। ବରଣ୍ଡୁଆ ପଞ୍ଚାୟତ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପନ କୁମାର ଦ୍ୱିବେଦୀ, ଅମୀୟ କୁମାର ମହାଳିକ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଶାନ୍ତ କୁମାର ମଲ୍ଲିକ, ସ୍କୁଲ ପରିଚାଳନା କମିଟି ସଭାପତି ଶରତ ଖଟୁଆ ପ୍ରମୁଖ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସମସ୍ତ ଅତିଥି ଶିକ୍ଷା ସାହିତ୍ୟ ଧର୍ମ କଳା ସଂସ୍କୃତି ସମ୍ପର୍କରେ ସୁନ୍ଦର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସମାଜସେବୀ ଶଶଧର ସେଠୀଙ୍କୁ ମାନପତ୍ର ଓ ଉପଢ଼ୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ରମେଶ ଚନ୍ଦ୍ର ପୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଶିକ୍ଷୟତ୍ରୀ ମୀନତି ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଉତ୍ସବରେ ପୂର୍ବତନ ସରପଞ୍ଚ ସୂର୍ଯ୍ୟକାନ୍ତ ସେଠି, ଦିପକ ପୋଇ, ରବୀନ୍ଦ୍ର ପୋଇ,ପ୍ରତାପ ଦାସ, ପ୍ରମୋଦ ଦାସ,କବି ଶାନ୍ତିଲତା ପଣ୍ଡା, ରଶ୍ମି ରଞ୍ଜିତା ପାଣିଗ୍ରାହୀ, ଶ୍ରୀକାନ୍ତ ପାକଳ ପ୍ରମୁଖ ଯୋଗ ଦେଇଥିଲେ।

# ଜିଲ୍ଲା ସ୍ତରୀୟ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ

ବାଲେଶ୍ୱର, ୧୮/୨ (ନି.ପ୍ର): ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ବାଲେଶ୍ୱରର ଗାନ୍ଧୀ ସ୍ମୃତି ଭବନ ଠାରେ ଜିଲ୍ଲାସ୍ତରୀୟ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏହି ସମ୍ମିଳନୀ ରେ ମୁଖ୍ୟ ଅତିଥି ଭାବରେ ଡ଼ାକ୍ତର ପ୍ରଭାତ କୁମାର ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ ପ୍ରଜ୍ୱଳନ କରି ସମ୍ମିଳନୀକୁ ଶୁଭାରମ୍ଭ କରିଥିଲେ ତତସହିତ, ନିର୍ଲିତା ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ, ମୁନିସିପାଲଟି, ଡାକ୍ତର ପ୍ରଦୀପ କୁମାର କର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ,, ଡାକ୍ତର ସୂର୍ଯ୍ୟପ୍ରକାଶ ରାଉତରାୟ, ସହାୟକ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟରବୋନ ନିୟନ୍ତ୍ରଣ ପ୍ରୋଗ୍ରାମ୍) , ଶ୍ରୀ ଚକ୍ରଧର ଜେନା, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ (ଘଐଗ), ଶ୍ରୀ ନୀଲେଶ କୁମାର ପଟ୍ଟନାୟକ, ଶ୍ରୀ ଜିତେନ୍ଦ୍ର କୁମାର ବିଶ୍ୱାଳ, ଶ୍ରୀ ସୂର୍ଯ୍ୟଜିତ ରାୟ, ଶ୍ରୀମତୀ ସାସ୍ୱତୀ ମହାପାତ୍ର ଉପସ୍ଥିତ ରହିଥିଲେ । ଏହି ସମ୍ମିଳନୀ ରେ ଜିଲ୍ଲା ର ସମସ୍ତ ସହରାଞ୍ଚଳ ଆଶା ଓ ମହିଳା ଆରୋଗ୍ୟ ସମିତି ର ସଦସ୍ୟବୃନ୍ଦ ଉପସ୍ଥିତ ରହିଥିଲେ। ' ସ୍ୱାସ୍ଥ୍ୟ ସେବାରେ ଗୋଷ୍ଠୀ ସହଭାଗିତା' ବିଷୟରେ ଆଲୋଚନା କରାଯାଇଥିଲା ।ଆଶା ଓ ମହିଳା ଆରୋଗ୍ୟ ସମିତି ର ଉତ୍ତମ କାର୍ଯ୍ୟ କୁ ପ୍ରଶଂସା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିଥି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପ୍ରଶଂଶା କରିଥିଲେ । ଶ୍ରୀ ମାନସ କୁମାର ସାମନ୍ତ ମଞ୍ଚ ପରିଚାଳନା କରିଥିଲେ । ଏହି ମଞ୍ଚ ରେ ଶ୍ରେଷ୍ଠ ଆଶା ଓ ମହିଳା ଆରୋଗ୍ୟ ସମିତି ଗୁଡ଼ିକ ପୁରସ୍କୃତ ହୋଇଛନ୍ତି । ପ୍ରତେକ ଶ୍ରେଷ୍ଠ ଆଶା କର୍ମୀଙ୍କୁ ୩୦୦୦/- ଟଙ୍କା ଏବଂ ପ୍ରତେକ ମହିଳା ଆରୋଗ୍ୟ ସମିତିକୁ ୩୦୦୦ /- ଟଙ୍କା ଲେଖାଏଁ ସେମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ପ୍ରଦାନ କରାଯିବ ।ଶେଷରେ ମହିଳା ଆରୋଗ୍ୟ ସମିତିର ସଦସ୍ୟା ମାନେ 'କନ୍ୟା ଭ୍ରୂଣ ହତ୍ୟା' ଉପରେ ଏକ ସଚେତନତା ନାଟକ ପରିବେଶନ କରା ଯାଇଥିଲା।

# ପ୍ରଧାନଶିକ୍ଷକଙ୍କ ଖାମଖିଆଲି ନୀତି: ପରୀକ୍ଷା ଦେଇପାରିବେନି ଛାତ୍ରୀ

ଲଙ୍ଗଳେଶ୍ୱର , ୧୮/୨ (ନି.ପ୍ର): ଫେବୃଆରୀ ୧୯ ରୁ ମେଟ୍ରିକ ପରୀକ୍ଷା ଆରମ୍ଭ ହେବାକୁ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବେଶ ତତ୍ପର ହୋଇଛନ୍ତି ।ମାତ୍ର ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଙ୍କ ଅବହେଳା ଓ ଖାମଖିଆଲି ନୀତି ଯୋଗୁଁ ଜଣେ ଛାତ୍ରୀ ଚଳିତ ବର୍ଷ ପରିକ୍ଷା ଦେବାରୁ ବଞ୍ଚିତ ହେବେ। ଘଟଣାରୁ ପ୍ରକାଶ ବାଲିଆପାଳ ବ୍ଲକ ଅନ୍ତର୍ଗତ ବୋଲଂ ଠାରେ ଥିବା ଇଶ୍ୱର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ର ଦଶମ ଶ୍ରେଣୀ ର ଛାତ୍ରୀ ବୋଲଂ ପଞ୍ଚାୟତର ତେଲୁଣୀ ଗ୍ରାମର ସୁଜନ ଦଳାଇ ଙ୍କ ଝିଅ ଲକ୍ଷ୍ମୀ ଦଳାଇ ଏବର୍ଷ ବୋର୍ଡ ପରୀକ୍ଷା ଦେଇପାରିବନାହିଁ। ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ପାଠୀ ଙ୍କ ଦାୟିତ୍ୱ ହିନତା କାର୍ଯ୍ୟ କୁ ଗ୍ରାମବାସୀ ନିନ୍ଦା କରିବା ସହିତ ପ୍ରଧାନଶିକ୍ଷକ ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ଗ୍ରାମବାସୀ। ତେବେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ପାଠୀ ଙ୍କୁ ଘଟଣା ସମ୍ପର୍କରେ ଯୋଗାଯୋଗ କରିଥିଲେ ମଧ୍ୟ ସେ ତାଙ୍କ ମୋବାଇଲ ନମ୍ବର ୭୦୦୮୭୭୧୬୪୧ ଉଠାଉ ନଥିବାରୁ ପ୍ରତୀକ୍ରିୟା ମିଳିପାରିନାହିଁ। ବାଲିଆପାଳ ବ୍ଲକର ୧୭ ଟି ସେଣ୍ଟର ରେ ପୁଅ ୧୬୨୦ ଓ ଝିଅ ୧୫୬୭ ଜଣ ମେଟ୍ରିକ ପରୀକ୍ଷା ଦେବେ।

# ଓଡିଶା ବଜାରରେ ନିମ୍ନମାନର ଦୁଗ୍ଧଜାତ ସାମଗ୍ରୀ

ଭୁବନେଶ୍ୱର, ୧୮/୨ (ନି.ପ୍ର): ଓଡିଶା ବଜାରରୁ ସଂଗ୍ରହ ହୋଇଥିବା ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀର ନମୂନାରୁ ୮ଟି ନିମ୍ନମାନର ଥିବା ଜଣାପଡିଛି । ମୋଟ ୮୮ଟି ନମୂନା ପରୀକ୍ଷାରୁ ଏହା ଜଣାପଡିଥିବା ସୂଚନା ଦେଇଛନ୍ତି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତରରେ ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଓଡିଶାରେ ଓମଫେଡ ବ୍ୟତିତ ମୁଖ୍ୟତଃ ୨୨ଟି କମ୍ପାନୀ ଦୁଗ୍ଧଜାତି ଦ୍ରବ୍ୟର ବ୍ୟବସାୟ କରୁଛନ୍ତି । ଏଥିରୁ ୧୦ଟି କମ୍ପାନୀ ରାଜ୍ୟ ଭିତରର ହୋଇଥିବାବେଳେ ବାହାର ରାଜ୍ୟର ୧୨ଟି କମ୍ପାନୀ ରହିଛନ୍ତି। ଏହିସବୁ କମ୍ପାନୀମାନଙ୍କର ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀର ମାନ ଯାଂଚ କରିବା ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧିନରେ ଥିବା ଖାଦ୍ୟ ସୁରକ୍ଷା କମିଶନରେଟ ଦ୍ୱାରା ପରୀକ୍ଷା କରାଯାଇଥାଏ ।

# ଶ୍ରୀ ଗଣେଶ ଶିଶୁ ମନ୍ଦିରର ୨୩ତମ ବାର୍ଷିକୋତ୍ସବ




ଖଇରା, ୧୮/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡସ୍ଥିତ ଶ୍ରୀ ଗଣେଷ ଶିଶୁ ମନ୍ଦିରର ୨୩ତମ ବାର୍ଷିକୋତ୍ସବ ମଙ୍ଗଳବାର ଦିନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ପରିଚାଳନା କମିଟି ସଭାପତି ସନ୍ଧ୍ୟାରାଣୀ ଦାସଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ଅଧ୍ୟକ୍ଷ ମଦନମୋହନ ମହଲା ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରାଣବନ୍ଧୁ ପଣ୍ଡା ମୁଖ୍ୟବକ୍ତା , ପ୍ରାକ୍ତନ ଅଧ୍ୟକ୍ଷ ଅରୁଣ କୁମାର ପାଢୀ, ଅବସରପ୍ରାପ୍ତ ଅଧ୍ୟାପକ ଅଭୟ କୁମାର ମହାନ୍ତି,ସମିତିସଭ୍ୟା ବାସନ୍ତିଲତା ମହାନ୍ତି,ସିଆରସିସି ଉଦୟଭାନୁ ପତି ,ପ୍ରଧାନଶିକ୍ଷୟତ୍ରୀ ସବିତା ଜେନା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ପିଲାର ମଙ୍ଗଳ ପାଇଁ ସେମାନଙ୍କୁ ଯେତେ ଦୁର ସମ୍ଭବ ମୋବାଇଲ ଠାରୁ ଦୁରେଇ ରଖିବାକୁ ଅତିଥି ମାନେ ପରାମର୍ଶ ଦେଇଥିଲେ । ସମ୍ପାଦିକା ମମତାରାଣି ଦଳେଇ ବିବରଣୀ ପାଠ,ନିର୍ବିକଳ୍ପ ଦାସ ଧନ୍ୟବାଦ ଅର୍ପଣ ଓ ସୁବାସ ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ । ପିଲା ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ସହ ସଭା ପରେ ଗଣେଷ ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶିତ ସଂସ୍କାର ଭିତ୍ତିକ କ୍ଷୁଦ୍ର ନାଟକ ପିତୃପିଣ୍ଡ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା ।

# ଦେଉଳା ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା



ବାଲିଆପାଳ ୧୮/୧ (ଆପ୍ର ) ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତ ଅନ୍ତର୍ଗତ ଦେଉଳା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ବୁଧବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୁରଲୀ ମୋହନ ଜେନା ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବାଲିଆପାଳ ବ୍ଲକ ବିଡ଼ିଓ ଶ୍ରୀଯୁକ୍ତ ରାଧାରଞ୍ଜନ ଦାସ ,ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ଅଧକ୍ଷ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଡ଼ ବିଜୟ ଦେ ,ସମାନ୍ନିତ ଅତିଥି ଭାବେ ବାଲିଆପାଳ ମଙ୍ଗଳ ଅଧିକାରୀ ଶ୍ରୀଯୁକ୍ତ ଉଦିତ କୁମାର ମହାପାତ୍ର, ସ୍ଥାନୀୟ ସରପଞ୍ଚ ସରୋଜ କୁମାର ପିଳା , ସି.ଆର. ସିସି ସୁନାରୁଇ କ୍ଲଷ୍ଟର ରବିନ୍ଦ୍ର କୁମାର ବିଶ୍ୱାଳ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ନିର୍ମଳ ରାଉଳ,ହିନ୍ଦୀ ଶିକ୍ଷକ ସାର୍ଥକ ଚନ୍ଦ୍ର ହାଇସ୍କୁଲର ଅନନ୍ତ କୁମାର ରାଉଳ, ଶିକ୍ଷକ ହରପ୍ରସାଦ ଉଚ୍ଚ ବିଦ୍ୟାଳୟ ପଞ୍ଚୁପାଲି ର ସୁକୁମାର ପଣ୍ଡା ପ୍ରମୁଖ ଯୋଗଦେଇ ଆଶ୍ରମ ବିଦ୍ୟାଳୟର ସରକାର ଙ୍କ ଦ୍ୱାରା ପିଲାଙ୍କ ପାଇଁ ଉଦ୍ଦିଷ୍ଟ ପାଠ୍ୟକ୍ରମ ,କ୍ରୀଡା, ନୃତ୍ୟ, ସଙ୍ଗୀତ , ବକ୍ତୃତା ଆଦି ବିଷୟ ବେଶ ଉଚ୍ଚକୋଟୀର ବୋଲି କହିଥିଲେ।, କ୍ରୀଡା ଶିକ୍ଷକ ରଞ୍ଜନ କୁମାର ସାହୁ ଅତିଥି ଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ଶିକ୍ଷୟତ୍ରୀ ସଂଯୁକ୍ତା ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। । ଶିକ୍ଷୟତ୍ରୀ ଉର୍ମିଳା ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସୁରଭି ପାତ୍ର, ଆଲ୍ହାଦି ଟୁଡୁ , କମଳା ସିଂ, ସୁମତି କିସ୍କୁ , ମିନତୀ ମାଝୀ, ରାମଚନ୍ଦ୍ର ପାତ୍ର , ଅନିଲ ସ୍ୱାଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ୧୫ବର୍ଷ ପରେ ପୂରଣ ହେଲା ଶିଶୁ ବିଶେଷଜ୍ଞ ପଦବୀ

ଖଇରା, ୧୮/୨ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନୁତନ ଶିଶୁ ରୋଗ ବିଶେଷଜ୍ଞ ଭାବେ ଡା ବ୍ରଜ ସୁନ୍ଦର ସ୍ୱାଇଁ ମଙ୍ଗଳବାର କାର୍ଯ୍ୟରେ ଯୋଗ ଦାନ କରିଛନ୍ତି । ଖଇରାରେ ଏହି ପଦବୀ ୧୫ବର୍ଷ ଧରି ଖାଲି ରହିବା ପରେ ଉକ୍ତ ପଦବୀ ପୁରଣ ପାଇଁ ବାରମ୍ବାର ଦାବୀ ହୋଇ ଆସୁଥିଲା । ଶେଷରେ ସୋରରେ କାର୍ଯ୍ୟରତ ଖଇରା ବ୍ଲକ ଗଡପୋଖରୀ ପଞ୍ଚାୟତ ବଗେଇପୁର ଗ୍ରାମର ନିଜ ଅଞ୍ଚଳର ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଇ କାର୍ଯ୍ୟରେ ଯୋଗଦାନ କରିଛନ୍ତି । ଖଇରା ବ୍ଲକର ୩୭ ପଞ୍ଚାୟତର ଜନସାଧାରଣ ଖୁସି ଜାହିର କରିଛନ୍ତି ।

# ଆଦର୍ଶ ଦୁର୍ଗାବତୀ ରାଷ୍ଟ୍ର ଭାଷା ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ପୋଷାକ ବଣ୍ଟନ



ବାରିପଦା , ୧୮/୨ (ନି.ପ୍ର): ଆଦର୍ଶ ଦୁର୍ଗାବତୀ ରାଷ୍ଟ୍ର ଭାଷା ବିଦ୍ୟାଳୟର ପରିସରରେ ଆଜି ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ବିଦ୍ୟାଳୟ ପୋଷାକ, ଜୋତା, ମୌଜା, ଟୋପି ଟାଇ, ଆଇ କର୍ଡ ଆଦି ବିତରଣ କରାଗଲା। ମୁଖ୍ୟ ଅତିଥି ଭାବରେ ସୁଦୂର ବନାରସ ରୁ ବୀରେନ୍ଦ୍ର କୁମାର ଖଣ୍ଡେଲୱାଲ ଯୋଗ ଦେଇ ପିଲା ମାନଙ୍କୁ ପୋଷାକ ପ୍ରଦାନ କରିଥିଲେ। ବିଦ୍ୟାଳୟରେ ସଭାପତି ଶ୍ରୀଯୁକ୍ତ ଗୟା ପ୍ରସାଦ ଖଣ୍ଡେଲୱାଲ କାର୍ଯ୍ୟ କାରିଣୀ କମିଟି ସଦସ୍ୟ ସୁକାନ୍ତ ଜୀଉ, ସମ୍ପାଦକ ଡ୍. ଅସୀମ କୁମାର ଚକ୍ରବର୍ତ୍ତୀ, ସମାଜ ସେବି ହିମାଂଶୁ ଶେଖର ପ୍ରହରାଜ, ଯୋଗ ଦେଇ ସମସ୍ତ ପିଲା ମାନଙ୍କୁ ପୋଷାକ ବଣ୍ଟନ କରିଥିଲେ, ବିଦ୍ୟାଳୟର ଶିକ୍ଷକ ସନ୍ତୋଷ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଦେବେନ୍ଦ୍ର କୌର, କରବୀ ଶର୍ମା, ଇପ୍ସିତା ଦାସ, ରଶ୍ମି ରେଖା ପଟ୍ଟନାୟକ, ବିସ୍ମିତା ସେଠି, ଜ୍ଞାନ ରଞ୍ଜନ ବାରିକ, ବୈକୁଣ୍ଠ ବେହେରା ଆଦି କାର୍ଯ୍ୟକ୍ରମ କୁ ସଫଳ କରିବାରେ ସାହାଯ୍ୟ କରିଥିଲେ। ଡ଼. ଅସୀମ କୁମାର ଚକ୍ରବର୍ତ୍ତୀ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଧାନ ସଂଗ୍ରହରେ ଅନିୟମିତତା ନେଇ ବିଜେଡିର ବିକ୍ଷୋଭ



ଭଦ୍ରକ , ୧୮/୨ (ନି.ପ୍ର): ବିଜୁ ଜନତା ଦଳ ଭଦ୍ରକ ପକ୍ଷରୁ ଧାନ ସଂଗ୍ରହ ବେଳେ ଅନିୟମିତତା ମିଲର ମାନଙ୍କ ମନମୁଖୀ କାର୍ଯ୍ୟ ଧାନ ସଂଗ୍ରହ ବେଳେ ଧାନର ମାନ ଅନୁଧାନ ଆଳରେ ବେଳେ କୃଷକମାନଙ୍କୁ ହରି ଲୁଟ୍ କରିବା ଓ ଜିଲ୍ଲା ପ୍ରଶାସନ ପ୍ରଶାସନିକ ଅଧିକାରୀ ଙ୍କ ନୀରବତା କୁ ବିରୋଧ କରି ଏକ ବିଶାଳ ଶୋଭାଯାତ୍ରା ୭୦୦୦ ଅଧିକ ଶଙ୍ଖ ସଙ୍ଗଠନ ସୈନିକ ନେତୃମଣ୍ଡଳୀକୁ ନେଇ ଭଦ୍ରକ ଗାନ୍ଧୀ ପଡ଼ିଆଠାରୁ ବାହାରି ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲା ବେଳେ ବିଜୁ ଜନତା ଦଳର ଜିଲ୍ଲା ସଭାପତି ତଥା ଚାନ୍ଦବାଲି ବିଧାୟକ:- ବ୍ୟୋମକେଶ ରାୟ ଙ୍କ ସମେତ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ତଥା ଭଣ୍ଡାରିପୋଖରୀ ବିଧାୟକ:- ସଂଜୀବ୍ କୁମାର ମଲ୍ଲିକ ନେତୃତ୍ୱରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ପ୍ରଦାନ କରିଥିଲେ ସାଥିରେ ଜିଲ୍ଲା ପରିଷଦ ଅଧକ୍ଷ:- ପ୍ରଫୁଲ୍ଲ ଯେନାଙ୍କ ସମେତ ବିଭିନ୍ନ ବ୍ଲକ୍ ର ଅଧକ୍ଷ ଓ ଉପାଧକ୍ଷଙ୍କ ସମେତ ପୂର୍ବତନ ସାଂସଦ, ପୂର୍ବତନ ବିଧାୟକ, ପୂର୍ବତନ ବ୍ଲକ୍ ଅଧକ୍ଷ ବିଜୁ ଯୁବ, ଛାତ୍ର,ମହିଳା ଜନତା ଦଳର ଜିଲ୍ଲା ସଭାପତି ଙ୍କ ସମେତ ଅନ୍ୟାନ୍ୟ ନେତୃମଣ୍ଡଳୀ ତୃଣମୂଳ ସ୍ତରର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ଯଦି ବିଭାଗୀୟ ଅଧିକାରୀ ଆଗାମୀ ଦିନରେ ଏହାର ସମାଧାନ ନ କରନ୍ତି ଯେତେ ଭଦ୍ରକ ଠାରୁ ଭୁବନେଶ୍ୱରର ପର୍ଯ୍ୟନ୍ତ ଏ ଲଢେଇ ଜୋରଦାର ହେବ ବୋଲି ମତପ୍ରକାଶ କରିଛନ୍ତି ବିଜେଡି ଜିଲ୍ଲା ସଭାପତି।

# ଜୟ ବଡାମ ସ୍ପୋର୍ଟସକ୍ଲବ୍ ଆନୁକୁଲ୍ୟରେ ଦୁଇଦିବସୀୟ କ୍ରିକେଟମ୍ୟାଚ୍ ଉଦ୍‌ଯାପିତ

## ପ୍ରଦର୍ଶନୀ ମ୍ୟାଚରେ ଚମକିଲେ ରାଜ୍ୟ ମହିଳାଦଳର ଖେଳାଳୀ ଶୁଭଲକ୍ଷ୍ମୀ, ରୋମି ଓ ଅର୍ଗଲ୍



ନୀଳଗିରି , ୧୮/୨ (ନି.ପ୍ର): ନୀଳଗିରି ବ୍ଲକ୍ ଆରବନ୍ଧ ପଞ୍ଚାୟତ ପଡିଆରେ ଜୟ ବଡାମ୍ ସ୍ପୋର୍ଟସକ୍ଲବ୍ ଆନୁକୁଲ୍ୟରେ ଦୁଇଦିବସୀୟ ଟ୍ୱେଣ୍ଟି ଟ୍ୱେଣ୍ଟି କ୍ରିକେଟ ମ୍ୟାଚ୍ ଆୟୋଜିତ ହୋଇଥିଲା। ୧୫ତାରିଖ ଉଦ୍ଘାଟନୀ ମ୍ୟାଚରେ ନୂଆପାଢ଼ୀ ଏବଂ ନୀଳଗିରି ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ବହୁବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। ସମାଜସେବୀ ଶ୍ରୀଧର ଖଣ୍ଡେଇ, ପିତାମ୍ବର ବିଶ୍ୱାଳ, ସମିତିସଭ୍ୟା ବିନତା ମଢ଼େଇ, ସମାଜସେବୀ ଆଲୋକ ମହାପାତ୍ର , ପ୍ରଧାନଶିକ୍ଷକ କାହ୍ନୁଚରଣ ଖଣ୍ଡେଇଙ୍କ ଉପସ୍ଥିତିରେ ଏକ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ପ୍ରଦର୍ଶନୀ ମ୍ୟାଚରେ ରାଜ୍ୟ ୧୯ବର୍ଷରୁ କମ କ୍ରିକେଟଦଳର ଅଲରାଉଣ୍ଡର ତଥା ନୀଳଗିରି ମାଟିର ଝିଅ ଶୁଭଲକ୍ଷ୍ମୀ ସିଂ, ରାଜ୍ୟ ୧୫ବର୍ଷରୁ କମ୍ ଦଳର ଖେଳାଳୀ ରୋମିପ୍ରଲିପ୍ତା ମଲ୍ଲିକ ଏବଂ ଅର୍ଗଲ ଖଣ୍ଡେଇ ଯୋଗଦେଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଅନୁଷ୍ଠାନ ତରଫରୁ ସେମାନଙ୍କୁ ପୁରସ୍କୃତ କରାଯାଇ ନୀଳଗିରି ତଥା ଜିଲ୍ଲାସ୍ତରର ଲୁକ୍କାୟିତ ପ୍ରତିଭାଚୟନର ଅଭିନବ ପ୍ରୟାସ କରାଯାଇଥିଲା। ଅଞ୍ଚଳର ବିଭିନ୍ନ ପ୍ରତିଯୋଗିତାର ଲୁକ୍କାୟିତ ପ୍ରତିଭା ଖେଳାଳୀମାନେ କିପରି ସେମାନଙ୍କର କ୍ରୀଡାନୈପୁଣ୍ୟ ପ୍ରଦର୍ଶନକରି ରାଜ୍ୟ ତଥା ଜାତୀୟସ୍ତରରେ ସେମାନଙ୍କର ପ୍ରତିଭାର ବିକାଶ କରିହେବ ସେଥିପାଇଁ ଏହି ତାରକାଖେଳାଳୀ ମାନଙ୍କୁ ଆମନ୍ତ୍ରଣ କରାଯାଇଥିଲା ବୋଲି ଅନୁଷ୍ଠାନର କର୍ମକର୍ତ୍ତାମାନେ କହିଛନ୍ତି। ବିଶେଷକରି ରାଜ୍ୟ ମହିଳା ୧୯ବର୍ଷରୁ କମ୍ ମହିଳାଦଳର ଖେଳାଳୀ ଶୁଭଲକ୍ଷ୍ମୀ ସିଂଙ୍କ ବାପା ତଥା ଶିକ୍ଷକ ବାବୁଲା ସିଂ ଏଭଳି ଆୟୋଜନର ପୁରୋଧାସାଜି ଗ୍ରାମାଞ୍ଚଳ ପ୍ରତିଭାମାନଙ୍କ ବାପା ମା ଏ ଦିଗରେ ଆଗେଇ ଆସିବାକୁ ଅନୁରୋଧ କରି ଏଭଳି ଟୁର୍ଣ୍ଣାମେଣ୍ଟର ଆୟୋଜକମାନଙ୍କୁ ସାଧୁବାଦ ଜଣାଇଥିଲେ।ଫାଇନାଲ ମ୍ୟାଚ ନୂଆପାଢ଼ୀ ଏବଂ ସୋମନାଥପୁର ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ନୂଆପାଢ଼ୀ ଦଳ ଚଳିତବର୍ଷର ଚମ୍ପିୟାନଟ୍ରଫି ହାସଲ କରିଥିଲା। ଉପବିଜେତା ଦଳ ସୋମନାଥପୁର ଟିମ୍ କୁ ରନର୍ସଅପ୍ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ପୁରସ୍କାରବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ କୁଳମଣି ନାୟକ ଯୋଗଦେଇଥିବା ବେଳେ ଯୁବସମାଜସେବୀ ଫ୍ରାନସିସ ବେକନ୍ ସ, ସମିତିସଭ୍ୟା ବିନତା ମଢ଼େଇ, ବନରକ୍ଷୀ ପ୍ରତିମା ସ, ପ୍ରଧାନଶିକ୍ଷକ ମହେନ୍ଦ୍ର ବିଶ୍ୱାଳଙ୍କ ସମେତ କ୍ଲବ୍ ସଦସ୍ୟ ସୁବୋଧ ବିଶ୍ୱାଳ, ଅଜୟ ଖଣ୍ଡେଇ, ସୁଶାନ୍ତ ଖଣ୍ଡେଇ, ବନା, ଶତ୍ରୁଘ୍ନ, ଗୁଡୁ, ଗୌତମ ବିଶ୍ୱାଳ, ଶ୍ରୀକାନ୍ତ, ରଞ୍ଜିତ ପ୍ରମୁଖ ସହଯୋଗ କରିଥିଲେ।

# ଖୋଲା ବଜାରରୁ ମିଟର କିଣିବାର ବିକଳ୍ପ ଗ୍ରାହକଙ୍କୁ ପ୍ରଦାନ କରାଯାଇଛି

ଭୁବନେଶ୍ୱର, ୧୮/୨ (ନି.ପ୍ର): ଟାଟା ପାୱାରର ବିଦ୍ୟୁତ ବିତରଣ କମ୍ପାନୀମାନଙ୍କ ଦ୍ୱାରା ଅନୁମୋଦିତ ସ୍ମାର୍ଟ ମିଟରଗୁଡିକୁ ଖୋଲା ବଜାରରେ ଉପଲବ୍ଧ କରିବାପାଇଁ ସମସ୍ତ ମିଟର ନିର୍ମାତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରାହକମାନଙ୍କୁ ଖୋଲା ବଜାରରେ ମିଟର କିଣିବାର ବିକଳ୍ପ ପ୍ରଦାନ କରାଯାଇଥିବା କହିଛନ୍ତି ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଟାଟା ପାୱାର ଦ୍ୱାରା ଲଗାଯାଉଥିବା ମିଟରର ମୂଲ୍ୟ ଭଡା ଆଧାରରେ ଗ୍ରାହକମାନଙ୍କ ଠାରୁ ଆଦାୟ କରାଯାଇଥାଏ । ଏହି ଭଡା ଓଡିଶା ବିଦ୍ୟୁତ ନିୟାମକ ଆୟୋଗ ଦ୍ୱାରା ଟାରିଫ ଶୁଣାଣି ସମୟରେ ସ୍ଥିରୀକୃତ ହୋଇଥାଏ । ତଦନୁଯାୟୀ ସିଙ୍ଗଲ ଫେଜ ଷ୍ଟାଟିକ ମିଟରର ମାସିକ ଭଡା ୪୦ ଟଙ୍କା ଧାର୍ଯ୍ୟ ହୋଇଥିବାବେଳେ ଏଲ ଟି ସିଙ୍ଗିଲ ଲାଇନର ସ୍ମାର୍ଟ ମିଟରର ମାସିକ ଭଡା ୬୦ ଟଙ୍କା ରଖାଯାଇଛି । ସେହିଭଳି ଥ୍ରିଫେଜ ସ୍ମାର୍ଟ ମିଟର ପାଇଁ ମାସକୁ ୧୫୦ ଟଙ୍କା ଧାର୍ଯ୍ୟ ହୋଇଛି ।

# ସ୍ତ୍ରୀଙ୍କୁ ପ୍ରେଟୋଲ ଢାଳି ମାରିବା ଉଦ୍ୟମ: ଶ୍ୱଶୁର ଗୁରୁତର



ବାଲିଆପାଳ , ୧୮/୨ (ନି.ପ୍ର): ସ୍ୱାମୀ ସାଜିଲା ଦାନ୍ବ ସ୍ତ୍ରୀର ଜୀବନ ନେବା ପାଇଁ ଶଶୁର ଘରେ ସ୍ତ୍ରୀ ଙ୍କୁ ପେଟ୍ରୋଲ ଢାଳି ନିଆଁ ଲଗେଇବାର ଉଦ୍ୟମ। ଘାଟଣରୁ ପ୍ରକାଶ ବାଲିଆପାଳ ବ୍ଲକ ନାରାୟଣପୁର ଗ୍ରାମର ରାଜେନ୍ଦ୍ର ସାମନ୍ତରାୟ ତାଙ୍କ ଝିଅ କୁ ସୋର ଅଞ୍ଚଳ ମାଳତ୍ରୀ ଗ୍ରାମ ରେ କରୁଣାକର କବି କୁ ବିବାହ କରିଥିଲେ। ତାଙ୍କର ଦୁଇ ପିଲା ଅଛନ୍ତି। ୭ବର୍ଷ ବିବାହ ହୋଇଥିଲା ହେଲେ ଦୁହିଁଙ୍କ ମଧ୍ୟରେ ବିଭିନ୍ନ କାରଣ କୁ ନେଇ ବିବାଦ ଦେଖା ଦେଇଥିଲା ଏବଂ ତାଙ୍କ ସ୍ୱାମି ତାଙ୍କୁ ନିର୍ଯ୍ୟାତନା ଦେଉଥିଲେ ଏ ନେଇ ସେ ଆଇନ ର ଆଶ୍ରୟ ନେଇଥିଲେ ଏବଂ ଏକ ମାସ ହେବ ସେ ନିର୍ଯ୍ୟାତନା ସହି ନ ପାରି ଲୁଚି ବାପ ଘରକୁ ପଳାଇ ଆସିଥିଲେ। ମଙ୍ଗଳବାର ରାତିରେ ତାଙ୍କ ସ୍ୱାମୀ ଆସି ତାଙ୍କ ଶଶୁର ଘର ନାରାୟଣ ପୁର ରେ କାଣ୍ଡ ଭିଆଇ ଥିଲେ, ଏନେଇ ଥାନାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଥିବା ଜଣାପଡୁଛି କରୁଣାକରକୁ ଗ୍ରାମବାସୀ ଘାଟଣ ସ୍ଥଳ ରୁ ଧରି ଥାନା ରେ ଦେଇଥିଲେ ବୋଲି ଜଣାପଡିଛି.ଶଶୁର ୪୦% ପୋଡି ଯାଇଥିଲା ଏବଂ ପ୍ରତାପପୁର ହସ୍ପିଟାଲ ବାଲେଶ୍ୱର ରେଫର କରିଛନ୍ତି। ପୋଲିସ ସ୍ତ୍ରୀ ଅଭିଯୋଗ କୁ ଆଧାର କରି କେସ ନମ୍ବର ୮୮/୨୬ ମୂଳେ ମାମଲା ରୁଜୁ କରି କରୁଣାକର ଙ୍କୁ କୋର୍ଟ ଚାଲାଣ କରିଛି।

# ଜିଲ୍ଲାପାଳଙ୍କ ହସ୍ତକ୍ଷେପ ନଡପୁର ଧାନ ମଣ୍ଡିରେ ଅଚଳାବସ୍ଥା ତୁଟିଲା : କୃଷକ ସଙ୍ଗଠନର ଦାବି ରହିଲା

ବୈଶିଙ୍ଗା , ୧୮/୨ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ନଡପୁର ଧାନ ମଣ୍ଡିରେ ୪/୫ଦିନ ଧରି କାଟେଣୀକୁ ନେଇ ଅଚଳାବସ୍ଥା ଜାରି ରହିଥିଲା । ନବନିର୍ମାଣ କୃଷକ ସଂଗଠନ ତରଫରୁ ଜିଲ୍ଲା ସଭାପତି ଓ ବେତନଟୀ ବ୍ଲକ ସଭାପତିଙ୍କ ଉଦ୍ୟମରେ ଗତ କାଲି ନଡ଼ପୁର ମଣ୍ଡିରେ ୭ ଜଣ ଚାଷୀଙ୍କ ଧାନ ବିନା କାଟେଣିରେ ଉଠିଲା, ଧାନ ଭଲ ଅଛି କାଟେଣି ଦେବୁନାହିଁ କହିବାରୁ ମିଲର୍ ମଣ୍ଡିରୁ ଧାନ ଉଠେଇ ନଥିଲେ କିନ୍ତୁ ଚାଷୀ ଜୟନ୍ତ ମହାନ୍ତି, ହେମେନ୍ଦ୍ର ହାଁସଦା, ଜିତେନ୍ଦ୍ର ଜେନାଙ୍କ ପରି ଅନ୍ୟ ଚାଷୀ ମାନେ ସଂଗଠନକୁ ଜଣାଇବା ପରେ ସାହାସର ସହିତ ୮/୧୦ କିଲୋ ଧାନ କାଟେଣିକୁ ବିରୋଧ କରିଥିଲେ। ମଣ୍ଡିରେ ଧାନ ନ ଉଠିବା କଥା ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିବା ପରେ ଶେଷରେ ବିନା କାଟେଣିରେ ଧାନ ଉଠିଲା । ପ୍ରତି ମଣ୍ଡିରେ ଏହିଭଳି କାଟେଣୀ ବନ୍ଦ କରାଯିବାକୁ ଚାଷୀ ମହଲ ଦାବି କରିଛନ୍ତି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida